# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE

•VOLUME- 43 •ISSUE-148 •MONDAY •24 NOVEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୧୪୮ •ସୋମବାର •୨୪ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍

# ଭାରତକୁ ଚାମ୍ପିଅନ କଲେ ଓଡ଼ିଶାର ଫୁଲ ସୋରେନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇ ଇତିହାସ ରଚିଛି। ରବିବାର ପି. ସାରା ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୭ ୱିକେଟରେ ନେପାଳକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟିକା ଟିସି ଦୀପିକା ବୋଲିଂ ନିଷ୍ପତ୍ତି ନେଇଥିଲେ। ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁ ନେପାଳ ୨୦ ଓଭରରେ ୫ ୱିକେଟ ହରାଇ ୧୧୪ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଭାରତ ୧୨ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଆ ଖେଳାଳି ଫୁଲ ସୋରେନ ଭାରତ ପକ୍ଷରୁ ସର୍ବାଧିକ ଅପରାଜିତ ୪୪ ରନ କରିଥିଲେ। ଇନିଂସ ଓପନ୍ କରିଥିବା ଫୁଲ ୨୭ ବଲରେ ୪ ଚୌକା ସହ ଏହି ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ କରୁଣା ମଧ୍ୟ ୪୨ ରନ ସଂଗ୍ରହ କରିଥିଲେ। ଫୁଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଫୁଲଙ୍କ ବ୍ୟତୀତ ଓଡ଼ିଶାର ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା ଓ ପାର୍ବତୀ ମାରାଣ୍ଡି ବିଶ୍ୱ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟା ରହିଛନ୍ତି।


ଚାମ୍ପିଅନ ଟ୍ରଫି ସହ ଓଡ଼ିଶାର ୪ ଖେଳାଳି

## ମା' କ୍ଷୀରରୁ ମିଳିଲା ୟୁରାନିୟମ

### ୬ ଜିଲ୍ଲାରୁ ସାମ୍ନାକୁ ଆସିଲା ୪୦ ମାମଲା

■ ପାଟନା, ୨୩।୧୧ (ଏଜେନ୍ସି): ନବଜାତକଙ୍କ ଅମୃତ ମା' କ୍ଷୀର ବି ଏବେ ବିଶୁଦ୍ଧ ନୁହେଁ। ଏହା ବିଷ ପାଲଟି ଗଲାଣି। ମା' କ୍ଷୀରରୁ ବିଷାକ୍ତ ୟୁରାନିୟମ ମିଳିଛି। ବିହାରରୁ ଏଭଳି ବିପଜ୍ଜନକ ସୂଚନା ସାମ୍ନାକୁ ଆସିଛି। ବିହାର ସ୍ତନ୍ୟପାନ କରାଉଥିବା ୪୦ ମହିଳାଙ୍କ କ୍ଷୀର ନମୁନାରୁ ୟୁରାନିୟମ (ୟୁ୨୩୮) ମିଳିଛି। ନେଚର ଜର୍ଣ୍ଣାଲରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ମା' କ୍ଷୀରରେ ଥିବା ୟୁରାନିୟମ ଶିଶୁଠାରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ଅନେକ ପ୍ରତିଷ୍ଠାନର ଗବେଷକଙ୍କ ଅନୁଯାୟୀ କ୍ଷୀର ମାଧ୍ୟମରେ ଶିଶୁଙ୍କ ଶରୀରକୁ ୟୁରାନିୟମ ଗଲେ କର୍କଟ ଭଳି ଜଟିଳ ରୋଗର ବିପଦ ସୃଷ୍ଟି ହୋଇପାରେ। ଠିକରେ ହାଡ଼ର ବିକାଶ ହୁଏ ନାହିଁ। ପାଟନାର 'ମହାବୀର କ୍ୟାନସର ପ୍ରତିଷ୍ଠାନ' ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଏଥିରେ ଦିଲ୍ଲୀ ଏମ୍ସର ବାୟୋ କେମେଷ୍ଟ୍ରି ବିଭାଗ ଡ. ଅଶୋକ ଶର୍ମାଙ୍କ ଟିମ୍ ମଧ୍ୟ ସାମିଲ ଥିଲା। ସେ ଏହି ଅଧ୍ୟୟନର ସହାୟକ ଲେଖକ ମଧ୍ୟ। ଡ. ଶର୍ମା କହିଛନ୍ତି ଯେ ୪୦ ମାଆଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ସବୁ ନମୁନାରୁ ୟୁରାନିୟମ ମିଳିଥିଲା। ୟୁରାନିୟମର ଉତ୍ସ ବିଷୟରେ ଏବେ କିଛି ସ୍ପଷ୍ଟ ହୋଇନାହିଁ। ଏହା କେମିତି ଆସିଲା ଜଣାପଡ଼ି ନାହିଁ। ବିହାରରେ ପାନୀୟ ଏବଂ ▸ପୃଷ୍ଠା-୭


## ଶେଷ ମିନିଟ୍‌ରେ ବାତିଲ୍ କରିହେବ ବିମାନ ଟିକଟ; ଫେରସ୍ତ ମିଳିବ ଭଡ଼ା

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଖୁବ୍ ଶୀଘ୍ର ବିମାନ ଭଡା ଫେରସ୍ତ ବା ରିଫଣ୍ଡ ଏବଂ ଟିକଟ ଉପରେ ଯାତ୍ରୀଙ୍କ ପାଇଁ ବୀମା ସୁବିଧା ଆରମ୍ଭ କରିବାକୁ ଯାଉଛି। କାରଣ ଡିଜିସିଏ ବିମାନ ଭଡା ଫେରସ୍ତ ସମ୍ବନ୍ଧୀୟ ନିୟମରେ ଏକ ବଡ଼ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ନୂତନ ଚିଠା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଯଦି କୌଣସି ଯାତ୍ରୀଙ୍କୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ଟିକଟ ବାତିଲ କରିବାକୁ ପଡ଼େ, ତେବେ ବିମାନ କମ୍ପାନୀକୁ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କରିବାକୁ ପଡିବ କିମ୍ବା ଏକ କ୍ରେଡିଟ୍ ନୋଟ୍ ଜାରି କରିବାକୁ ପଡିବ। ଟ୍ରାଭେଲ୍ ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ରିଫଣ୍ଡ ଏବେ ବିମାନ କମ୍ପାନୀର ଦାୟିତ୍ୱ ହେବ। ଏହାର ଅର୍ଥ ହେଉଛି ଅନଲାଇନ୍ ପୋର୍ଟାଲ କିମ୍ବା ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ମଧ୍ୟ ବିମାନ କମ୍ପାନୀ ଯାତ୍ରୀଙ୍କୁ ଫେରସ୍ତ ଅର୍ଥ ପ୍ରଦାନ କରିବ। ଏଥିପାଇଁ ୨୧ କାର୍ଯ୍ୟ ଦିବସର ସମୟସୀମା ଧାର୍ଯ୍ୟ କରାଯାଇଛି। ଚିଠା ନିୟମ ଉପରେ ଅଂଶୀଦାରମାନଙ୍କ ମତାମତ ନଭେମ୍ବର ୨୦ ମଧ୍ୟରେ ଲୋଡାଯାଇଛି। ଆହୁରିମଧ୍ୟ ସରକାର ବିମାନ ଟିକଟରେ ଇନ୍-ବିଲ୍ଟ ବୀମା ଯୋଡିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ଉଡ଼ାଣର ମାତ୍ର କିଛି ଘଣ୍ଟା ପୂର୍ବରୁ ▸ପୃଷ୍ଠା-୭

# ଦ୍ୱନ୍ଦ୍ୱ ବଢ଼ାଇଲା ଯୋଡ଼ା ଲଘୁଚାପ

### ଆଜି ଅବପାତର ରୂପ ନେବ ଲଘୁଚାପ ■ ବାତ୍ୟା ଗତିପଥ ବଦଳାଇଲେ ବର୍ତ୍ତିଯିବ ଓଡ଼ିଶା

■ ଭୁବନେଶ୍ୱର, ୨୩।୧୧ (ସମିସ): ମଳାକ୍କା ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗରରେ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଶ ଲଘୁଚାପରେ ପରିଣତ ହୋଇଛି। ସୋମବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତ ଓ ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ବାତ୍ୟାର ପରିଣତ ହେବ। ଏହି ସ୍ପଷ୍ଟ ଚିହ୍ନିତ ଲଘୁଚାପ ବର୍ତ୍ତମାନ ସକ୍ରିୟ ରହିଖଥିବା ବେଳେ ଏହା କ୍ରମଶଃ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି ଜାରି ରଖିଛି। ଅନ୍ୟପଟେ ଏହି ଲଘୁଚାପ ସହିତ ବଙ୍ଗୋପସାଗରରେ ଆସନ୍ତା ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି ଯାହାକି ବାତ୍ୟାର ଗତିପଥ ଓ ତୀବ୍ରତାକୁ ଦ୍ୱନ୍ଦ୍ୱାତ୍ମକ କରିଦେଇଛି। ପାଣିପାଗ ବିଶେଷଜ୍ଞମାନେ ଦୁଇଟି ଲଘୁଚାପର



ମିଶ୍ରଣ ନେଇ ଆକଳନ କରୁଥିଲେ ମଧ୍ୟ ଏହା ମିଶ୍ରଣ ପରେ କେଉଁ ଆଡ଼କୁ ଗତି କରିବ ତାହା ଆସନ୍ତା ୨୭ ପରେ ସ୍ପଷ୍ଟ ହେବ ବୋଲି କହୁଛନ୍ତି।

ଅନ୍ୟପଟେ ଦୀର୍ଘ ୧୦୦ ବର୍ଷର ରେକର୍ଡ ଅନୁଯାୟୀ ଶୀତ ଦିନରେ ବାତ୍ୟା ସୃଷ୍ଟି ହେଲେ ତାହାର ପ୍ରଭାବ ତାମିଲନାଡୁ ବା ଆନ୍ଧ୍ର ଆଡ଼କୁ ହୋଇଥିବା ଦେଖା ଦେଇଛି। ତେଣୁ ଏହି ବାତ୍ୟା ମଧ୍ୟ ଓଡିଶା ଆଡ଼କୁ ଆସିବାର ସମ୍ଭାବନା କମ୍ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି ଏହା ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ଅଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତାଙ୍କ କହିବା ଅନୁଯାୟୀ ▸ପୃଷ୍ଠା-୭

### 'ସକାଳ'ର ୫ମ ସ୍ୱନକ୍ଷତ୍ର

## ବିତର୍କରେ ଭାଗନେଲେ ରାଜ୍ୟର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ



■ ଭୁବନେଶ୍ୱର, ୨୩।୧୧ (ସମିସ): ଲୋକପ୍ରିୟ ଦୈନିକ 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜ୍ୟର ସବୁ ଜିଲ୍ଲାର ସଦର ମହକୁମା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ବିତର୍କ ପ୍ରତିଯୋଗିତା। ରାଜ୍ୟର ବିଭିନ୍ନ ସ୍ଥାନରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ପାଇଁ ରହିଥିବା ବିଷୟବସ୍ତୁ 'ଜେନ୍-ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା' ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ନିଜନିଜର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେହିପରି ସେହିପରି ପୁସ୍ତକ ବଞ୍ଚିବା ଶିଖାଇବା ସହିତ ଜ୍ଞାନ ଓ ଚେତନାକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନେଇଥାଏ ବୋଲି ବିଦ୍ୟାଳୟ ଛାତ୍ରଛାତ୍ରୀମାନେ 'ବହି ପଢ଼ା: ଜରୁରୀ ଆବଶ୍ୟକତା ନା ଅନାବଶ୍ୟକ ଚାପ' ବିଷୟ ଉପରେ ନିଜନିଜ ଆଭିମୁଖ୍ୟ ରଖିଛନ୍ତି।

**ରାଜ୍ୟସ୍ତରୀୟ ବିତର୍କ ପାଇଁ ୩୦ଜିଲ୍ଲାରୁ ୬୦ ପ୍ରତିଯୋଗୀ ମନୋନୀତ**


'ଭାରତ ମସଲା' ପ୍ରାୟୋଜିତ ଓ 'ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ' ସହଭାଗିତାରେ ଅନୁଷ୍ଠିତ ଏହି ବିତର୍କ ପ୍ରତିଯୋଗିତାରେ ସାରା ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ହଜାର ହଜାର ପ୍ରତିଭାଦୀପ୍ତ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ମାର୍ମିକ ଅଭିଭାଷଣ ରଖିଛନ୍ତି। ବିଭିନ୍ନ ସ୍ଥାନରେ ସମାଜରେ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଜ୍ଞ ବିଚାରକମାନେ ଛାତ୍ରଛାତ୍ରୀଙ୍କ ବିତର୍କର ମୂଲ୍ୟାୟନ କରିଛନ୍ତି। ପ୍ରତିଯୋଗିତା ଶେଷରେ ବିଚାରକ ତଥା ଅତିଥିମାନେ ପ୍ରତି ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୩ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହ ସ୍ମୃତି ଫଳକ ସହ ସମ୍ମାନିତ କରିଛନ୍ତି ଓ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ଜିଲ୍ଲାସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଯୋଗ ଦେବେ।

ପ୍ରତିଷ୍ଠା ହେବାର ମାତ୍ର ୫ ବର୍ଷ ମଧ୍ୟରେ ପାଠକଙ୍କ ବିଶ୍ୱସନୀୟତା ହାସଲ କରିଥିବା 'ସକାଳ' ପକ୍ଷରୁ ଏହି ବିତର୍କ ପ୍ରତିଯୋଗିତା ସାଧାରଣରେ ବେଶ୍ ପ୍ରଶଂସିତ ହୋଇଛି। ସାମ୍ପ୍ରତିକ ସମୟର ଦୁଇଟି ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ବିତର୍କ ଜରିଆରେ ଆଲୋକପାତ କରିବାରେ ସମର୍ଥ ହୋଇ ପାରିଥିବାରୁ 'ସକାଳ'ର ପ୍ରୟାସକୁ ଅତିଥିମାନେ ବେଶ୍ ପ୍ରଶଂସା କରିଛନ୍ତି। ରାଜ୍ୟରେ 'ସକାଳ'ର ସ୍ୱନକ୍ଷତ୍ର ଦିବସ ଅବସରରେ ବିଭିନ୍ନ ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ 'ସକାଳ'ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ ଶୁଭେଚ୍ଛା ଜ୍ଞାପନ କରିବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ 'ସକାଳ' ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

### ଖୋର୍ଦ୍ଧା ବାଘମାରୀରେ ନାବାଳିକାକୁ ଗଣଦୁଷ୍କର୍ମ

## ହୃଦୟବିଦାରକ ଓ ସ୍ପର୍ଶକାତର: ନବୀନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଘଟଣାକୁ ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ ବୋଲି ଉଲ୍ଲେଖ କରି ମହିଳାମାନଙ୍କ ଉପରେ ରାଜ୍ୟରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ଦୁଷ୍କର୍ମ ଘଟଣା ସମସ୍ତଙ୍କୁ ବିଚଳିତ କରିଦେଉଛି ବୋଲି ନବୀନ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲାରେ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ନିସ୍ଥୁକ ମାଡ଼ ଘଟଣାକୁ ମଧ୍ୟ ସେ ନିନ୍ଦା କରିଛନ୍ତି।



**ବିଜେପି ସରକାରରେ ରାଜ୍ୟର ମା'ମାନେ ସବୁଠୁ ଅସୁରକ୍ଷିତ**

**ନିଦରୁ ଉଠି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଆହ୍ୱାନ**

ନବୀନ କହିଛନ୍ତି ଯେ ଭଦ୍ରକ ଅରଞ୍ଜିରେ ମା'ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସ୍‌ଏଚଜିର ▸ପୃଷ୍ଠା-୭

### ଏସ୍‌ଆଇଆର୍ ଚାପ

## ୧୯ ଦିନରେ ୧୫ ବିଏଲ୍‌ଓଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ଅଭିଯାନ ଅବସରରେ ବୁଥ ଲେବଲ ଅଫିସର (ବିଏଲ୍‌ଓ)ଙ୍କ ମୃତ୍ୟୁ ଚିନ୍ତା ସୃଷ୍ଟି କରିଛି। କାର୍ଯ୍ୟର ଚାପ ଯୋଗୁ ଏଭଳି ଘଟଣା ଘଟୁଛି ବୋଲି କୁହାଯାଉଛି। ନଭେମ୍ବର ୨୧ ରାତିରୁ ୨୨ ତାରିଖ ମଧ୍ୟରେ ମଧ୍ୟପ୍ରଦେଶରେ ଦୁଇଜଣ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶରେ ଭୋପାଳରେ ୨ ଜଣ ବିଏଲ୍‌ଓ ହୃଦ୍‌ଘାତ ଆସିବା ଫଳରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମବଙ୍ଗରେ ଜଣେ ମହିଳା ବିଏଲ୍‌ଓ ଆତ୍ମହତ୍ୟା କରିଛନ୍ତି। ଅଧିକ କାର୍ଯ୍ୟ ଓ ଲକ୍ଷ୍ୟ ପୂରଣ କରିବାର ଚାପକୁ ନିୟନ୍ତ୍ରଣ ନ କରିପାରିବାରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି ମୃତକଙ୍କ ପରିବାର ଲୋକେ କହିଛନ୍ତି। ଶନିବାର ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ ରାଜସ୍ଥାନ ଭଳି ବଡ଼ ରାଜ୍ୟରେ ସର୍ବାଧିକ ୬୦.୫୪ ପ୍ରତିଶତ ଫର୍ମ ଡିଜିଟାଲ ହୋଇଛି। ସେହିପରି କେରଳରେ ସର୍ବନିମ୍ନ ୧୦.୫୮ ଫର୍ମ ଡିଜିଟାଲ ହୋଇଛି। ମୋଟ୍ ଉପରେ ୯୮. ୯୮ ଫର୍ମ ବିତରଣ ହୋଇଛି ବୋଲି କମିଶନ ସୂଚନା ଦେଇଛନ୍ତି।

**ଗୁଜରାଟ, ଏମ୍‌ପିରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗରେ ୩, ରାଜସ୍ଥାନ, ତାମିଲନାଡୁ ଓ କେରଳରେ ଜଣେ**

ପଶ୍ଚିମବଙ୍ଗରେ ଦ୍ୱିତୀୟ ଆତ୍ମହତ୍ୟା ସହ ବିଏଲ୍‌ଓଙ୍କ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ରାଜ୍ୟରେ ଦୁଇଜଣ ବିଏଲ୍‌ଓ ଆତ୍ମହତ୍ୟା କରିଥିବା ବେଳେ ଆଉ ଜଣେ ଚାପ ଯୋଗୁ ଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ସେହିପରି ରାଜସ୍ଥାନର ଜୟପୁରରେ ରବିବାର ବିଏଲ୍‌ଓ ମୁକେଶ ଜାଙ୍ଗିଡ (୪୮) ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟେ କରୋଲିରେ ଜଣେ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ସବାଇ ମାଧୋପୁରରେ ଜଣେ ବିଏଲ୍‌ଓ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅନ୍ୟପଟେ ଗୁଜରାଟ୍‌ରେ ୪ ଦିନରେ ୪ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି। ଅହମଦାବାଦ୍ ଓ ଦାହୋଦ୍‌ରେ ଜଣେ ବିଏଲ୍‌ଓ ଅସୁସ୍ଥ ହେବା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ମଧ୍ୟ ପ୍ରଦେଶରେ ଗୋଟିଏ ରାତିରେ ୨ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ଓ ଆଉ ଜଣେ ହୃଦ୍‌ଘାତ୍‌ର ଶିକାର ▸ପୃଷ୍ଠା-୭

# ଏସ୍‌ସିବିରେ ଡାଏଲିସିସ୍ ବନ୍ଦ !

### ୨ ମାସ ହେବ ମିଳୁନି ପିଡି ଫ୍ଲୁଇଡ୍

■ କଟକ, ୨୩।୧୧ (ସମିସ): ଜଟିଳ ବୃକ୍କ (କିଡ୍‌ନୀ) ରୋଗରେ ଆକ୍ରାନ୍ତଙ୍କୁ ବଡ଼ ମେଡିକାଲରେ ଡାଏଲିସିସ୍ ସେବା ମିଳୁନାହିଁ। ପିଡି ଫ୍ଲୁଇଡ୍ ନଥିବାରୁ ନେଫ୍ରୋଲୋଜି ବିଭାଗରେ ଏହି ଚିକିତ୍ସା ବ୍ୟବସ୍ଥା ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଆଜି ୨୧ଜଣ ରୋଗୀ ଏଭଳି ଅଭିଯୋଗ କରି ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭୦ରୁ ଅଧିକ ରୋଗୀ ଏହି ସମସ୍ୟା ଭୋଗୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ(ଓଏସ୍‌ଏମସି) ପିଡି ଫ୍ଲୁଇଡ୍ ଯୋଗାଇବା ବନ୍ଦ କରିଥିବା ବେଳେ ଡିଏମଇଟିଙ୍କ କାର୍ଯ୍ୟାଳୟରୁ ଅର୍ଥ ମଞ୍ଜୁର ନହେବା ଯୋଗୁଁ ବୃକ୍କ ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଥିବା ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି। ଏ ସଂପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର୍ ଡଃ ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



**ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କଲେ ୨୧ ରୋଗୀ**

ପ୍ରକାଶଥାଉକି, ବଡ଼ ମେଡିକାଲରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲାଣି। ଗୋଟିଏ ପରେ ଗୋଟିଏ ବିଭାଗ ଏବେ ରୋଗୀଙ୍କୁ ମୌଳିକ ଚିକିତ୍ସା ଯୋଗାଇଦେବା ନିମନ୍ତେ ମଧ୍ୟ ସରକାରୀ ଅର୍ଥକୁ ଅପେକ୍ଷା କରି ରହୁଛନ୍ତି। ଡାଏଲିସିସ୍ ନିମନ୍ତେ ପିଡି ଫ୍ଲୁଇଡ୍‌ର ଆବଶ୍ୟକତା ରହିଛି। ବୃକ୍କ ଅକାମୀ ହେବାକୁ ଲାଗିଲେ ଡାଏଲିସିସ୍ ▸ପୃଷ୍ଠା-୭

**ରୋବର୍ଟ କିୟୋସାକିଙ୍କ ଚେତାବନୀ**

# ମାନ୍ଦାବସ୍ଥା କବଳରେ ବିଶ୍ୱ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): 'ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍'ର ଲେଖକ ରବର୍ଟ କିୟୋସାକି ଏକ ବିଶ୍ୱ ଆର୍ଥିକ ସଙ୍କଟ ବିଷୟରେ ଚେତାବନୀ ଦେଇଛନ୍ତି। ରବର୍ଟ କିୟୋସାକି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ ଇତିହାସର ସବୁଠାରୁ ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ଆରମ୍ଭ ହୋଇଛି। ୭୮ ବର୍ଷୀୟ କିୟୋସାକି ତାଙ୍କର ଭବିଷ୍ୟବାଣୀକୁ ପୁନରାବୃତ୍ତି କରି କହିଛନ୍ତି, ୨୦୧୩ରେ, ସେ 'ରିଚ୍ ଡ୍ୟାଡ୍ସ ଭବିଷ୍ୟବାଣୀ' ପ୍ରକାଶ କରିଥିଲେ। ସେଥିରେ ସେସବୁଠାରୁ ବଡ଼ ମାନ୍ଦାବସ୍ଥାର ଭବିଷ୍ୟବାଣୀ କରିଥିଲେ। ଦୁର୍ଭାଗ୍ୟବଶତଃ, ସେହି ମାନ୍ଦାବସ୍ଥା ଆସିଯାଇଛି। ସେ ଲେଖିଛନ୍ତି ଯେ ଏହା କେବଳ ଯୁକ୍ତରାଷ୍ଟ୍ର ଆମେରିକା ବିଷୟରେ ନୁହେଁ। ୟୁରୋପ ଏବଂ ଏସିଆ ମଧ୍ୟ ଏକ ଆର୍ଥିକ ମାନ୍ଦାବସ୍ଥାର କବଳରେ ରହିଛି। ତେବେ କେଉଁ ସମ୍ପତ୍ତି ଏହି ବଜାର ମାନ୍ଦାବସ୍ଥାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ, ତାହା ମଧ୍ୟ ସେ ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ବଜାର ତଳମୁହାଁ ହୋଇଛି। କିୟୋସାକି



ବିଶ୍ୱାସ କରନ୍ତି ଯେ ଏଆଇ ଚାକିରି ଖାଇଯିବ। ଯେତେବେଳେ ଚାକିରି ଉଭାନ ହୋଇଯିବ, ଅଫିସ ଏବଂ ଆବାସିକ ସମ୍ପତ୍ତିର ମୂଲ୍ୟ ମଧ୍ୟ ହ୍ରାସ ପାଇବ। ରିଅଲ୍ ଇଷ୍ଟେଟ୍ ବଜାର ମଧ୍ୟ କ୍ରାସ୍ ହୋଇପାରେ। ଏହି ହ୍ରାସକୁ ଏଡାଇବା ପାଇଁ, କିୟୋସାକି ସୁନା, ରୁପା, ବିଟ୍ କଏନ୍ ଏବଂ ଇଥେରିୟମ୍ ଭଳି ଜିନିଷଗୁଡ଼ିକରେ ନିବେଶ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମ୍ପତ୍ତିରେ ନିବେଶ କରିବାର ଏହା ସଠିକ୍ ସମୟ। ସେ କହିଛନ୍ତି ଯେ ରୁପାକୁ ସର୍ବୋତ୍ତମ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ।

**ଇତିହାସର ସବୁଠାରୁ ବଡ଼ ପତନ ଆରମ୍ଭ**

କିୟୋସାକି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି ରୁପା ମୂଲ୍ୟ ୫୦ ଡଲାର। ଖୁବ୍ ଶୀଘ୍ର ଏହା ୭୦ ଡଲାର ରେ ପହଞ୍ଚିବ ଏବଂ ୨୦୨୬ ସୁଦ୍ଧା ୨୦୦ ଡଲାରରେ ମଧ୍ୟ ପହଞ୍ଚିପାରେ। ଏଥିରେ ଖବର ହେଉଛି ଯେ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ସମସ୍ତ ସମ୍ପତ୍ତି ହରାଇବେ। ଏକ ନୂତନ ପୋଷ୍ଟରେ କିୟୋସାକି ବିଟ୍ କଏନ୍ କିଣିବାକୁ ପରାମର୍ଶ ଦେଉଛନ୍ତି, ଯଦିଓ ସେ ନିଜେ ବିଟ୍ କଏନ୍ ବିକ୍ରି କରିଛନ୍ତି। ଦୁଇ ଦିନ ପୂର୍ବେ, ଏକ ପୋଷ୍ଟରେ, କିୟୋସାକି କହିଥିଲେ ଯେ ସେ ୨.୨୫ ନିୟୁତ (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟର ବିଟ୍ କଏନ୍ ବିକ୍ରି କରିଛନ୍ତି। ପ୍ରତ୍ୟେକ ମୁଦ୍ରାର ମୂଲ୍ୟ କେବଳ ୬୦୦୦ (ପ୍ରାୟ ୫ ଲକ୍ଷ ଟଙ୍କା) ଥିବାବେଳେ ସେ ଏହି ବିଟ୍ କଏନ୍ କିଣିଥିଲେ। ବର୍ତ୍ତମାନ, ସେ ସେଗୁଡ଼ିକୁ ପ୍ରାୟ ୯୦ ହଜାର (ପ୍ରାୟ ୮୦ ଲକ୍ଷ ଟଙ୍କା) ରେ ବିକ୍ରି କରିଛନ୍ତି। ଏହି ଟଙ୍କାରେ ସେ ଦୁଇଟି ସର୍ଜରୀ କେନ୍ଦ୍ର କିଣିଛନ୍ତି ଏବଂ ଏକ ବିଲବୋର୍ଡ ବ୍ୟବସାୟରେ ନିବେଶ କରିଛନ୍ତି।

## ୯ ବର୍ଷ ପରେ ପୁଣି ଚଣ୍ଡିଗଡ଼ ବିବାଦ; ନୂଆ ବିଲ୍ ଆସିବନି: କେନ୍ଦ୍ର

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ଦୀର୍ଘ ୯ ବର୍ଷ ପରେ ଚଣ୍ଡିଗଡ଼କୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ଚଣ୍ଡିଗଡ଼କୁ ନେଇ ନୂଆ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆସିବା ମାତ୍ରେ ହିଁ ପଞ୍ଜାବରେ ରାଜନୈତିକ ଉଷ୍ଣତା ବଢ଼ିବାରେ ଲାଗିଛି। ପଞ୍ଜାବର ସବୁ ରାଜନୈତିକ ଦଳ ଏହା ବିରୋଧରେ ଏକଜୁଟ୍ ହୋଇଛନ୍ତି। ଅବଶ୍ୟ ଏହା ପରେ କେନ୍ଦ୍ର ସରକାର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ଚଣ୍ଡିଗଡ଼ ପାଇଁ କେବଳ ଆଇନ ତିଆରି ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଆସିଥିବା ପ୍ରସ୍ତାବ ଏବେ ବିଚାରାଧୀନ ରହିଛି। ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯାଇ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରବିବାର କହିଛି। ଆଗକୁ ସଂସଦର ଶୀତକାଳୀନ ଅଧିବେଶନରେ ଏ ସମ୍ପର୍କରେ କୌଣସି ବିଲ୍ ସରକାରଙ୍କ ତରଫରୁ ଆଗତ ହେବ ନାହିଁ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଏହି ପ୍ରସ୍ତାବ ମାଧ୍ୟମରେ ଚଣ୍ଡିଗଡ଼ର ଶାସନ ବ୍ୟବସ୍ଥାରେ କୌଣସି ପ୍ରକାର ପରିବର୍ତ୍ତନ କିମ୍ବା ପଞ୍ଜାବ ଓ ହରିୟାଣା ମଧ୍ୟରେ ପାରମ୍ପରିକ ସମ୍ପର୍କକୁ ପ୍ରଭାବିତ କରିବାର କୌଣସ ଅଭିପ୍ରାୟ ନାହିଁ ବୋଲି କୁହାଯାଇଛି। ବ୍ୟାପକ ଚର୍ଚ୍ଚା ପରେ ଯାଇ କୌଣସି ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ୨୦୧୬ରେ କେନ୍ଦ୍ର ସରକାର ଚଣ୍ଡିଗଡ଼ ପାଇଁ ଭିନ୍ନ ପ୍ରଶାସକ ନିଯୁକ୍ତି ନେଇ ନିଷ୍ପତ୍ତି ନେଇଥିଲା। କିନ୍ତୁ ସେତେବେଳର ଅକାଳୀ ଦଳର ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଓ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ କ୍ୟାପ୍ଟେନ ଅମରେନ୍ଦ୍ର ସିଂ ଏହାକୁ କଡ଼ା ବିରୋଧ କରିଥିଲେ। ପ୍ରବଳ ରାଜନୈତିକ ବିରୋଧ ଫଳରେ କେନ୍ଦ୍ର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲା। ଏହି ପ୍ରସ୍ତାବିତ ବିଲ୍ ଚଣ୍ଡିଗଡ଼ର ପ୍ରଶାସନିକ ପରିଚୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ଓ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ, କଂଗ୍ରେସ ଓ ଶିରୋମଣୀ ଅକାଳୀ ଦଳ ତରଫରୁ ଏହି ବିଲ୍‌କୁ ବିରୋଧ କରାଯାଇଛି। ଏହା ଦ୍ୱାରା ଚଣ୍ଡିଗଡ଼ ଉପରେ ପଞ୍ଜାବ ତା'ର ଅଧିକାର ହରାଇବାର ଆଶଙ୍କା ରହିଛି ବୋଲି କୁହାଯାଇଛି।



## ତେଜସ୍ ଦୁର୍ଘଟଣା: ୱିଙ୍ଗ୍ କମାଣ୍ଡର ନମାଂଶଙ୍କ ଶେଷକୃତ୍ୟ

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ଦୁବାଇ ଏୟାର ଶୋ'ରେ ତେଜସ ଫାଇଟର ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୱିଙ୍ଗ କମାଣ୍ଡର ନମାଂଶ ସ୍ୟାଲଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କ ପାର୍ଥିବ ଶରୀରକୁ ରବିବାର ହିମାଚଳ ପ୍ରଦେଶର ତାଙ୍କ ପୈତୃକ ଗ୍ରାମ ନାଗ୍ରୋଟା ବାଗୱାନ (ପଟିଆଲକାର) ଅଣାଯିବା ସହ ରବିବାର ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନମାଂଶଙ୍କ ପତ୍ନୀ ଅଫ୍*ସାନ ମଧ୍ୟ ଜଣେ ବାୟୁସେନା ଅଧିକାରୀ। ଅନ୍ତେଷ୍ଟି କ୍ରିୟାରେ ଅଫ୍‌ସାନ ତାଙ୍କୁ ଶେଷ ତଥା ଅଶ୍ରୁଳ ସାଲ୍ୟୁଟ ପ୍ରଦାନ କରି ଅନ୍ତିମ ବିଦାୟ ଦେଇଥିଲେ। ପାଖରେ ତାଙ୍କୁ ୫ ବର୍ଷର ଝିଅ ମଧ୍ୟ ଉପସ୍ଥିତ ଥିଲେ। ଗାଁ ସବୁ ଲୋକ ଏକାଠି ହୋଇ ଲୁହଭରା ଆଖିରେ ନମାଂଶଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ଦୁବାଇ ଏୟାର ଶୋର ଅନ୍ତିମ ଦିବସରେ ରୁଷି ବିମାନର ଏକ ଦଳ 'ମିସିଂ ମ୍ୟାନର ଫର୍ମେସନ' ତିଆରି କରି ନମାଂଶଙ୍କୁ ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଞ୍ଜଳି ଦେଇଛି। ମିସିଂ ମ୍ୟାନ ଫର୍ମେସନ ହେଉଛି ଏକ ସ୍ୱତନ୍ତ୍ର ଏରିଆଲ ଟ୍ରିବ୍ୟୁଟ ବାୟୁଶ୍ରଦ୍ଧାଞ୍ଜଳି।



### ଶ୍ରଦ୍ଧାଞ୍ଜଳି ଦେଲା ରୁଷ ବିମାନ ଟିମ୍

ଆଜି ଭାରତୀୟ ବାୟୁସେନାର ଏକ ବିମାନରେ ତାଙ୍କ ପାର୍ଥିବ ଶରୀରକୁ କାଂଗ୍ରା ବିମାନ ବନ୍ଦରକୁ ଅଣାଯାଇଥିଲା ଓ ସେଠାରୁ ତାଙ୍କ ଗାଁକୁ ନିଆଯାଇଥିଲା। ତେବେ ପ୍ରଥମେ ତାଙ୍କ ମୃତଦେହକୁ କୋଏମ୍ବାଟୁରର ଏୟାର ବେଶ୍ ଅଣାଯାଇଥିଲା। କୋଏମ୍ବାଟୁର ଜିଲ୍ଲାପାଳ ପବନ କୁମାର ଜି ଗିରୟାପାନାବାର ତାଙ୍କୁ ସୁଲୁର ନିକଟସ୍ଥ ଏୟାରବେଶ୍‌ରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ହିମାଚଳ ପ୍ରଦେଶର ବାସିନ୍ଦା ନମାଂଶ ନଭେମ୍ବର ୨୧ ଶୁକ୍ରବାର ଦିନ ଦୁବାଇ ଏୟାର ଶୋରେ ପ୍ରଦର୍ଶନ ଅବସରରେ ସ୍ୱଦେଶୀ ମଲ୍ଟି- ରୋଲ ଲାଇଟ୍ କମ୍ବାକ୍ଟ ଏୟାରକ୍ରାଫ୍ଟ (ଏଲ୍‌ସିଏ) ତେଜସ୍‌ର ଦୁର୍ଘଟଣା ହେବା ପରେ ମୃତ୍ୟୁବରଣ କରିଛନ୍ତି। ନମାଂଶ ସୁଜନପୁର ତୀରା ସୈନିକ ସ୍କୁଲ୍ ଛାତ୍ର। ୨୦୦୯ ଡିସେମ୍ବରରେ ସେ ଭାରତୀୟ ବାୟୁସେନାରେ ଭର୍ତ୍ତି ହୋଇଥିଲେ। ପତ୍ନୀ, ଝିଅ ଓ ତାଙ୍କ ପିତାମାତାଙ୍କୁ ନମନଶ ଛାଡି ଚାଲିଯାଇଛନ୍ତି। ଭାରତୀୟ ବାୟୁସେନା ତରଫରୁ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

## ଦେଶର ସୀମା କେବେ ବଦଳିବ କହିହେବନି; ରାଜନାଥ

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପୁଣି ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଭାରତର ସୀମା କେତେବେଳେ ବଦଳିବ ତାହା କହି ହେବ ନାହିଁ ବୋଲି ସେ କହିଛନ୍ତି। ପାକିସ୍ତାନରେ ସାମିଲ ଥିବା ସିନ୍ଧ ଭାରତର ଅଂଶ ହୋଇ ନ ଥିଲେ ମଧ ସଭ୍ୟତା ଦୃଷ୍ଟିକୋଣରୁ ଭାରତର ଅଙ୍ଗ ହୋଇ ସର୍ବଦା ରହିବ। କାଲି ପୁଣି ସିନ୍ଧ ଭାରତକୁ ଫେରି ନ ଆସିବ ବୋଲି କେହି କହିପାରିବେ ନାହିଁ। ଦିଲ୍ଲୀରେ ଆୟୋଜିତ ସିନ୍ଧ ସମ୍ମିଳନୀରେ ଯୋଗ ଦେଇ ରବିବାର ସେ ଏହି କଥା କହିଛନ୍ତି। ଏହି କ୍ରମରେ ସେ ବରିଷ୍ଠ ବିଜେପି ନେତା ଲାଲ କୃଷ୍ଣ ଆଡୱାନୀଙ୍କ ଲିଖିତ ଏକ ବହିର ଲେଖା ଉଲ୍ଲେଖ କରିଥିଲେ। ସିନ୍ଧି ହିନ୍ଦୁ, ଖାସ୍ କରି ତାଙ୍କ ପିଢ଼ିର ଲୋକେ ସିନ୍ଧକୁ ଭାରତରୁ ଭିନ୍ନ ବୋଲି ମନେ କରନ୍ତି ନାହିଁ। ୧୯୪୭ରେ ଦେଶ ବିଭାଜନ ହେବା ପରେ ସିନ୍ଧ ପ୍ରଦେଶ ପାକିସ୍ତାନରେ ସାମିଲ ହୋଇଥିଲା। ଏହା ପାକିସ୍ତାନର ତୃତୀୟ ସର୍ବ ବୃହତ୍ ରାଜ୍ୟ। ଏହାର ରାଜଧାନୀ କରାଚି। ସିନ୍ଧ ପ୍ରଦେଶରେ ଉର୍ଦ୍ଦୁ, ସିନ୍ଧି ଓ ଇଂଲିଶ୍ କୁହାଯାଇଥାଏ।

## ୨୬୨ କୋଟିର ନିଶାଦ୍ରବ୍ୟ ଜବତ; ୨ ଗିରଫ

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ଦିଲ୍ଲୀ ପୁଲିସ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ମିଳିତ ଚଢ଼ାଉରେ ରାଜଧାନୀରେ ଏକ ବଡ଼ ଧରଣର ନିଶା କାରବାରର ପର୍ଦ୍ଦାଫାସ୍ କରିଛି। ଏହି ଟିମ୍ ୩୨୮ କେଜି ମେଥାମଫେଟାମାଇନ୍ ଜବତ କରିଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୨୬୨ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ମାମଲାରେ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଟିମ୍‌ର ଏହି କାର୍ଯ୍ୟାନୁଷ୍ଠାନକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପ୍ରଶଂସା କରିଛନ୍ତି। ଡ୍ରଗ୍ସ ବିରୋଧରେ ସରକାର କଠୋର ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଓ ନିଶାଦ୍ରବ୍ୟ କାରବାର ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନିତୀ ଅବଲମ୍ବନ କରୁଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଦିଲ୍ଲୀରେ ଚରସ ସହ ଆଫଗାନ ନାଗରିକ ଗିରଫ

● ବିନା ଭିସାରେ ୧୦ ବର୍ଷ ରହିଆସୁଥିଲା

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ଦିଲ୍ଲୀର ଲାଜପତ ନଗର ଅଞ୍ଚଳରେ ଜେଣ ଆଫଗାନିସ୍ତାନ ନାଗରିକ ନଜିବ ଅହମ୍ମଦକୁ ଗିରଫ କରାଯାଇଛି। ତା ନିକଟରୁ ୨୧୫.୭୪ ଗ୍ରାମ୍ ଚରସ ଜବତ କରାଯାଇଛି। ନଜିବ ୨୦୧୪ରେ ଭାରତ ଆସିଥିଲା। ୨୦୧୫ରେ ଭିସା ଶେଷ ହେବା ପରେ ବି ସେ ଭାରତରେ ରହି ଆସୁଥିଲା। ସେ ଦକ୍ଷିଣପୂର୍ବ ଦିଲ୍ଲୀର କିଛ ଅଞ୍ଚଳକୁ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିଲା। ତେବେ ତା ନାରେ ପୂର୍ବରୁ କୌଣସି ଆପରାଧିକ ମାମଲା ନାହିଁ ବୋଲି ପୁଲିସ କହିଛି। ନଭେମ୍ବର ୨୧ରେ ସୂଚନା ମିଳିବା ମାତ୍ରେ ଆଣ୍ଟି ନାର୍କୋଟିକ୍ସ ସ୍କ୍ୱାଡ ଲାଜପତ ନଗରରେ ନଜିବକୁ ଗିରଫ କରିଥିଲା। ସେ ୨/ଆଇ ବ୍ଲକ ମୁଖ୍ୟ ବଜାର ରୋଡ୍‌ରେ ଥିବା ମଜାର ରେସ୍ତୋରାଁରେ ଚରସ ବିକ୍ରି କରୁଥିଲା।

### ଧର୍ମସ୍ଥଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ

# ଏତଲା ନାହିଁ; ହତ୍ୟା ନା ମୋକ୍ଷ ଜଣାନାହିଁ

ବେଙ୍ଗାଲୁରୁ, ୨୩।୧୧ (ଏଜେନ୍ସି): କର୍ଣ୍ଣାଟକର ପ୍ରସିଦ୍ଧ ସହର ଧର୍ମସ୍ଥଳ ପୁଣି ଚର୍ଚ୍ଚାର କେନ୍ଦ୍ରରେ ରହିଛି। ୮୦୦ ବର୍ଷ ତଳର ଭଗବାନ ମଞ୍ଜୁନାଥଙ୍କ ମନ୍ଦିର ଯେତେ ପୌରାଣିକ ଏହା ସହ ଜଡ଼ିତ କଥା ମଧ ସେତେ ରହସ୍ୟମୟ ହୋଇ ରହିଛି। ଧର୍ମସ୍ଥଳକୁ ନେଇ ପୁଣି ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି। ଗତ ୨୫ ବର୍ଷ ମଧ୍ୟରେ ତଥା ୨୦୦୧ ଠାରୁ ଏ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ ହୋଇଛି।

ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଏହି କି ଯେ ମନ୍ଦିର ପରିସରରେ ଏବଂ ଏହାର ଆଖପାଖରେ ହୋଇଥିବା ମୃତ୍ୟୁର ବିସ୍ତୃତ ତଥ୍ୟ ପୁଲିସ ପାଖରେ ନାହିଁ। ପ୍ରକୃତ ଠିକଣା ନ ଲେଖି ପୁଲିସ କେବଳ ଆଖପାଖ ଗାଁର ନାମ ଲେଖିଛି। ଆଉ ମୃତକଙ୍କ ସମ୍ପର୍କୀୟ ମୃତ୍ୟୁକୁ ନେଇ କୌଣସି ପ୍ରଶ୍ନ ନ ଉଠାଇବା ମଧ ମାମଲାକୁ ଅଧିକ ଜଟିଳ କରିଦେଉଛି। ଏଥିଯୋଗୁଁ ପୁଲିସ ବିନା ଯାଞ୍ଚରେ ମାମଲାକୁ ବନ୍ଦ କରିଦେଇଛି। ଆଜି ପର୍ଯ୍ୟନ୍ତ କେହି ଅପରାଧୀ ବାହାରି ନାହାନ୍ତି। ଏହି ମୃତ୍ୟୁ କାହିଁକି ହେଲା ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି। ଦକ୍ଷିଣ ଭାରତର କାଶୀ କୁହାଯାଉଥିବା ଏହି ଧର୍ମସ୍ଥଳରେ ହେଉଥିବା ମୃତ୍ୟୁ ମୋକ୍ଷ ନା ହତ୍ୟା ତାହା ଏବେ ବି ପ୍ରଶ୍ନ ହୋଇ ରହିଛି। ମୃତ୍ୟୁ ରହସ୍ୟକୁ ଲୁଚାଇବା ପାଇଁ ମୋକ୍ଷର କାହାଣୀ ଗଢ଼ା ଯାଉଥିବା କୁହାଯାଉଛି।

ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଶ୍ରଦ୍ଧାଳୁ ମୋକ୍ଷ ପାଇଁ ଏଠାକୁ ଆସନ୍ତି। ମନ୍ଦିର ପରିସର, ଫାଟକ, ବାହୁବଳୀ ମୂର୍ତ୍ତି ନିକଟ, ମନ୍ଦିର ବାହାରେ ଏବଂ ନେତ୍ରବତି ନଦୀରେ ଅଧିକାଂଶଙ୍କ ଜୀବନ ଯାଇଛି। ୨୦୧୬ରେ ଏଏସପି ଥିବା ରାହୁଲ କୁମାର ଦାବି କରିଥିଲେ ଯେ ବର୍ଷକୁ ଶହେରୁ ଅଧିକ ଲୋକ ମୋକ୍ଷ ପାଇଁ ଧର୍ମସ୍ଥଳରେ ଆତ୍ମହତ୍ୟା କରୁଛନ୍ତି। ତେବେ ଏହାର ଯାଞ୍ଚ କେବେ ବି ହୋଇ ନାହିଁ। ଗତ ମେ' ମାସରେ ମନ୍ଦିରର ସଫେଇ କର୍ମଚାରୀ ସିଏନ ଚିନ୍ନୟା ଧର୍ମସ୍ଥଳ ଆଖପାଖରେ ଶତାଧିକ ଲୋକଙ୍କୁ କବର ଦିଆଯାଇଥିବା କହିଥିଲେ। କିନ୍ତୁ ଏସଆଇଟି ଯାଞ୍ଚ ପରେ ସେ ନିଜ ବୟାନ ବଦଳାଇ ଦେଇଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ଧର୍ମସ୍ଥଳ, ମଞ୍ଜୁନାଥ ମନ୍ଦିର ଏବଂ ଆଖପାଖ ଗାଁରେ ୬୪୦ ଜଣଙ୍କ ମୃତ୍ୟୁ ହୋଇଥିବା ଆରଟିଆଇରେ ସୂଚନା ଦିଆଯାଇଥିଲା। ୨୦୦୧ରୁ ୨୦୧୨ ଭିତରେ ୩୪୯ ଆତ୍ମହତ୍ୟା ହୋଇଥିବା ପୁଲିସ ସ୍ୱୀକାର କରିଥିଲା। ଏହି ସମୟରେ ଧର୍ମସ୍ଥଳ ନିକଟସ୍ଥ ୧୭ ଜନସଂଖ୍ୟା ବିଶିଷ୍ଟ ଉଜ୍ରେ ଗ୍ରାମରେ ୮୪ ଜଣ ଆତ୍ମହତ୍ୟା କରିଥିଲେ।

ନାଗରିକ ସେବା ଟ୍ରଷ୍ଟର ସୋମନାଥ ନାୟକ କହିଛନ୍ତି ଯେ ପ୍ରକୃତ ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ମୋକ୍ଷର କାହାଣୀ ଗଢ଼ାଯାଉଛି। ମୃତ୍ୟୁର ରହସ୍ୟକୁ ଦଶନ୍ଧି ଦଶନ୍ଧି ହେଲା ଅନ୍ଧବିଶ୍ୱାସରେ ଚପାଇ ଦେବାକୁ ପ୍ରୟାସ ଚାଲିଛି। ମନ୍ଦିରର ଧର୍ମାଧିକାରୀ ଏବଂ ପରିଚାଳକଙ୍କ ଉପରେ ଜମି ହଡ଼ପ ଓ ସାମୂହିକ ଋଣ ବାହାନାରେ କୋଟି କୋଟି ଟଙ୍କାର ଠକେଇକୁ ଛପାଇବା ପାଇଁ ଏହି ମୃତ୍ୟୁ ହେଉନି କି ବୋଲି ସେ ପଚାରିଛନ୍ତି। ଏହାର ଯାଞ୍ଚ ହେବା ଉଚିତ। ଏହି ଗୋଷ୍ଠୀରେ କର୍ଣ୍ଣାଟକର ୫୨ ଲକ୍ଷ ଲୋକ ସାମିଲ ଅଛନ୍ତି। ଏହି ଅଭିଯୋଗକୁ ନେଇ ମନ୍ଦିର ଧର୍ମାଧିକାରୀ ତଥା ରାଜ୍ୟସଭା ସାଂସଦ ବୀରେନ୍ଦ୍ର ହେଗ୍‌ଡେ କୌଣସି ଉତ୍ତର ଦେଉ ନାହାନ୍ତି।

ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ରଞ୍ଜନ ରାଓ କହିଛନ୍ତି ଯେ ଧର୍ମସ୍ଥଳରେ ଏତେ ମୃତ୍ୟୁ ହୋଇଥିଲେ ବି କେହି ଅଭିଯୋଗ କରିବାକୁ ଆସିନାହାନ୍ତି। ୧୯୮୯ରୁ ଆମେ କୋର୍ଟଙ୍କ ନିର୍ଦ୍ଦେଶ ପାଇଁ ଲଢେଇ କରୁଛୁ, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଧର୍ମାଧିକାରୀଙ୍କ ବିରୋଧରେ ଅନେକ ଅଭିଯୋଗ କରାଯାଇଛି। କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଭିଯୋଗକାରୀ ସୋମନାଥଙ୍କୁ ତିନି ମାସ ପର୍ଯ୍ୟନ୍ତ ଜେଲ୍‌ରେ ଭର୍ତ୍ତି କରିଦିଆଯାଇଛି। ୨୦୧୩ରେ ପୂର୍ବତନ ସିଦ୍ଧରମୈୟା ସରକାର ବୀରେନ୍ଦ୍ରଙ୍କ ଟ୍ରଷ୍ଟ ଏବଂ କାର୍ଯ୍ୟକଳାପର ଯାଞ୍ଚ କରିବେ ବୋଲି କହିଥିଲେ। ମାତ୍ର କିଛି ବି କରାଯାଇ ନ ଥିଲା। ଆଜି ବି ସେହି ସରକାର ଥିବା ସତ୍ତ୍ୱେ, କାର୍ଯ୍ୟାନୁଷ୍ଠାନ ଶୂନ ରହିଛି।



### ସନ୍ଦେହ ଘେରରେ ଧର୍ମାଧିକାରୀଙ୍କ ଭୂମିକା
### ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଥିବା ଦାବି

### ଡିସେମ୍ବର ୧ରୁ କେସ୍ ଲିଷ୍ଟିଂର ନୂଆ ବ୍ୟବସ୍ଥା

## ମାମଲା ସଂଖ୍ୟା ହ୍ରାସ ମୋର ଲକ୍ଷ୍ୟ: ଜଷ୍ଟିସ ସୂର୍ଯ୍ୟକାନ୍ତ



### ସିଜେଆଇ ଭାବେ ଆଜି ନେବେ ଶପଥ

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ଅର୍ଥାତ ସୋମବାର ସୁପ୍ରିମକୋର୍ଟର ୫୩ତମ ମୁଖ୍ୟ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବେ। ସେ ଡିସେମ୍ବର ୧ରେ ସମସ୍ତଙ୍କୁ ଚକିତ କଲା ଭଳି ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। କେସ୍ ଲିଷ୍ଟିଂ ବା ବିଚାରଧିନ ମାମଲାକୁ ତାଲିକାଭୁକ୍ତ କରିବାକୁ ନେଇ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଲିଷ୍ଟିଂର ବ୍ୟବସ୍ଥା ଏତେ ଭଲ ହେବ ଯେ, ସମସ୍ତେ ତାଙ୍କୁ ସ୍ୱାଗତ କରିବେ। ଦେଶର ଅଦାଲତରେ ବାକି ପଡିଥିବା ମାମଲାଗୁଡିକର ସଂଖ୍ୟା କମ୍ କରିବା ମୋର ଲକ୍ଷ୍ୟ ବୋଲି ସେ କହିଛନ୍ତି। ହାଇକୋର୍ଟଗୁଡିକରେ ଯେଉଁ କେସ୍ ଶେଷ ପର୍ଯ୍ୟାୟରେ ରହିଛି, ସେଗୁଡିକୁ ସୁପ୍ରିମକୋର୍ଟରେ ଶେଷ କରିବେ। ସେହିପରି ମେଡିଏସନ ଅର୍ଥାତ ମଧ୍ୟସ୍ଥତାକୁ ଏକ ଗେମ୍ ଚେଞ୍ଜର ବୋଲି ସେ ଅବିହିତ କରିଥିଲେ। ମଧ୍ୟସ୍ଥତା କୋର୍ଟ ବାହାରେ ବିଭିନ୍ନ ମାମଲାକୁ ଦ୍ରୁତଗତିରେ ସମାଧାନ କରିପାରେ। ପୁଣି ମେଡିଏସନ ଦ୍ୱାରା ପ୍ରି-ଲିଟିଗେସନ ମାମଲାର ସମାଧାନ ହୋଇପାରିବ। ଏପରି ହେଲେ କୋର୍ଟଙ୍କ ଉପରେ ବୋଝ କମ୍ ହେବ ବୋଲି ସେ ମତ ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଦିଲ୍ଲୀସ୍ଥିତ ନିଜ ସରକାରୀ ବାସଭବନରେ ସାମ୍ବାଦିକଙ୍କୁ ସମ୍ବୋଧିତ କରି ଏହି ଟିପ୍ପଣୀ ଦେଇଛନ୍ତି।

ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ। ଏହି ଉତ୍ସବରେ ୭ଟି ଦେଶର ପ୍ରଧାନ ବିଚାରପତି ଅଂଶଗ୍ରହଣ କରିବେ। ଏଥିରେ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଓ ଶ୍ରୀଲଙ୍କା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଯୋଗ ଦେବେ।

● ୩୫ ବର୍ଷ ପରେ ଖୋଲିଲା ରହସ୍ୟ

## ଯବାନଙ୍କୁ ୟାସିନ୍ ମଲ୍ଲିକ ହିଁ ମାରିଥିଲା ଗୁଳି

ଶ୍ରୀନଗର,୨୩।୧୧(ଏଜେନ୍ସି): ଶ୍ରୀନଗରରେ ୧୯୯୦ ଜାନୁଆରୀ ୨୫ରେ ଭାରତୀୟ ବାୟୁସେନା ଯବାନଙ୍କ ଉପରେ ଆକ୍ରମଣ ହେବାର ୩୫ ବର୍ଷପରେ ପୁଣି ଏହି ଘଟଣାକୁ ନେଇ ଦେଶରେ ହଇଚଇ ସୃଷ୍ଟି ହୋଇଛି। ଶନିବାର ଜମ୍ମୁର ଟାଡା କୋର୍ଟରେ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ତଥା ସାକ୍ଷୀ ମୁଖ୍ୟ ଅଭିଯୁକ୍ତ ୟାସିନ ମଲିକଙ୍କ ସମେତ ଅନ୍ୟ ଅପରାଧୀ ଜାଭେଦ ମୀର, ନାନାଜୀ ଓ ସାକତେ ବକ୍ସିକୁ ଚିହ୍ନଟ କରିଛନ୍ତି। ବାୟୁସେନା ଯବାନଙ୍କ ଉପରେ ଗୁଳିମାଡ କରିଥିବା ଅପରାଧିଙ୍କ ମଧ୍ୟରେ ୟାସିନ ମଲିକ ହିଁ ସର୍ବାଗ୍ରେ ଥିଲା ବୋଲି ସାକ୍ଷୀମାନେ ସ୍ପଷ୍ଟ ଭାବେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ୟାସିନ ହିଁ ମୁଖ୍ୟ ସୁଟର ଥିଲା ବୋଲି ସେମାନେ କହିଛନ୍ତି। ଶନିବାର ଟାଡା କୋର୍ଟରେ ସବୁ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ୟାସିନ ତିହାର ଜେଲ୍‌ରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇଥିଲା। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ହାଜର ହୋଇଥିବା ଦୁଇଜଣ ସାକ୍ଷୀ ମଧ୍ୟରେ ଜଣେ ବାୟୁସେନା କର୍ମଚାରୀ ଓ ଆଉଜଣେ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଦୁଇଜଣ ବିନା କୌଣସି ଦ୍ୱିଧାରେ ଅଭିଯୁକ୍ତଙ୍କୁ ସ୍ପଷ୍ଟ ଭାବେ ଚିହ୍ନି ପାରିଥିଲେ। ୟାସିନଙ୍କୁ ଗୁଳି ଚଳାଉଥିବାର ସେମାନେ ଦେଖିଥିଲେ ବୋଲି କହିଛନ୍ତି। ୩୫ ବର୍ଷ ତଳେ ହୋଇଥିବା ଏହି ଆକ୍ରମଣରେ ବାୟୁସେନା ଅଧିକାରୀ ରବି ଖାନ୍ନାଙ୍କ ସମେତ ୪ ଜଣ ଯବାନ ପ୍ରାଣ ହରାଇଥିଲେ ଏବଂ ୨୨ଜଣ ଆହତ ହୋଇଥିଲେ। ଶ୍ରୀନଗରର ବାହାର ଅଞ୍ଚଳରେ ରାବଲପୁରାରେ ବାୟୁସେନାର ଯବାନ ନିଜ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଆତଙ୍କବାଦୀମାନେ ଅଚାନକ ଗୁଳି ଚଳାଇଥିଲେ। ୟାସିନ ହିଁ ଏହି ଆକ୍ରମଣର ଷଡ଼ଯନ୍ତ୍ର ରଚିବା ସହ ନେତୃତ୍ୱ ନେଇଥିଲା।



## ଜି୨୦ରେ ପ୍ରଥମ ଆୟୋଜକଙ୍କୁ ଦିଆଗଲାନି ନେତୃତ୍ୱ

ଜୋହାନ୍ସବର୍ଗ, ୨୩।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦ତମ ଜି୨୦ ସମ୍ମିଳନୀ ଔପଚାରିକ ନେତୃତ୍ୱ ପରିବର୍ତ୍ତନ ବିନା ରବିବାର ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା କୌଣସି ଆମେରିକା ଅଧିକାରୀଙ୍କୁ ଗାବେଲ ତଥା ଅଧ୍ୟକ୍ଷତାର ପ୍ରତୀକ ହାତୁଡ଼ା ପ୍ରଦାନ କରିନାହାନ୍ତି। କୌଣସି ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ବିଦେଶମନ୍ତ୍ରୀ ରୋନାଲ୍ଡୋ ଲାମୋଲା କହିଛନ୍ତି। ଆମେରିକା ଚାହିଁଲେ ଦକ୍ଷିଣ ଆଫ୍ରିକା ବିଦେଶ ମନ୍ତ୍ରାଳୟ (ଡିଆଇଆରସିଓ) କାର୍ଯ୍ୟାଳୟରୁ ଜି-୨୦ କାଗଜପତ୍ର ନେଇପାରିବ। ଏହାକୁ ନେଇ ଆମେରିକା କ୍ଷୁବ୍ଧ ହୋଇଛି। ଦକ୍ଷିଣ ଆଫ୍ରିକା ଜି-୨୦ର ପ୍ରତୀକ ହସ୍ତାନ୍ତର ନ କରି ଭୁଲ୍ କରିଛି ବୋଲି ହ୍ୱାଇଟ ହାଉସ୍ ଉପ-ସଚିବ ଅନ୍ନା କେଲି କହିଛନ୍ତି।

ସୂଚନା ଅନୁଯାୟୀ, ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମିଲ ହୋଇ ନ ଥିବାରୁ ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ କରିବାକୁ ଦକ୍ଷିଣ ଆଫ୍ରିକା ରାଜି ହୋଇ ନ ଥିଲା। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଦକ୍ଷିଣ ଆଫ୍ରିକାରେ ଗୋରା-ଖ୍ରୀଷ୍ଟିଆନଙ୍କୁ ହତ୍ୟା କରାଯାଉଛି। ତାଙ୍କ ଜମି ଛଡ଼ାଇ ନିଆଯାଉଛି। ଏଥିପାଇଁ ସେ ସମ୍ମିଳନୀରେ ସାମିଲ ହେବାକୁ ମନା କରିଦେଇଥିଲେ। କିନ୍ତୁ ଗାବେଲ ପାଇଁ ରାଷ୍ଟ୍ରଦୂତ ପଠାଇବାକୁ କହିଥିଲେ। ତେବେ କନିଷ୍ଠ ଅଧିକାରୀଙ୍କ ବଦଳରେ ଖାଲି ଚୌକିକୁ ଗାବେଲ ଦେଇଦେବେ ବୋଲି ରାମାଫୋସା କହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କୁହାଯାଇଥିଲା ଯେ ଆମରିକା ସହ ଆମର କୌଣସି ବିବାଦ ନାହିଁ। କିନ୍ତୁ ଜି୨୦ ମଞ୍ଚରେ କନିଷ୍ଠ ଅଧିକାରୀଙ୍କୁ ଗାବେଲ ଦିଆଯାଇପାରିବ ନାହିଁ। କାରଣ ଏହା ସମ୍ମାନର ବିଷୟ। ଟ୍ରମ୍ପ ଏହି ସମ୍ମିଳନୀକୁ ସମ୍ମାନ ଦେବାକୁ ଚାହୁଁ ନାହାନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ସାମିଲ ହୋଇ ଏଆଇର ଅପବ୍ୟବହାରକୁ ନେଇ ଚେତାବନୀ ଦେଇଛନ୍ତି। ଏହା ଦ୍ୱାରା ବିଶ୍ୱର ଅନେକ କ୍ଷତି ହୋଇପାରେ। ତେଣୁ ଏହାର ମୁକାବିଲା ପାଇଁ ସବୁ ଦେଶ ମିଶି ନିୟମ ଆଣିବା ଜରୁରୀ ବୋଲି ମୋଦୀ କହିଛନ୍ତି।

## ଉମରକୁ ୪୦ ଲକ୍ଷ ଦେଇଥିଲା ଜମାତ

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦିଲ୍ଲୀ କାର ବୋମା ବିସ୍ଫୋରଣରେ ସାମିଲ ଆତ୍ମଘାତୀ ଡକ୍ଟର ଉମର ଏବଂ ଡକ୍ଟର ମୁଜାମ୍ମିଲ ମଧ୍ୟରେ ୪୦ ଲକ୍ଷ ଟଙ୍କା ପାଇଁ ବିବାଦ ଥିଲା। ଏହି ପାଣ୍ଠି ଜମାତରୁ ଆସିଥିଲା। ଏହି ଟଙ୍କା ବ୍ୟବହାର କରି ସାମଗ୍ରୀ କିଣିବା ନେଇ ଉମର ଏବଂ ମୁଜାମ୍ମିଲ ମଧ୍ୟରେ ବିବାଦ ଥିଲା। ଏହି ମାମଲାରେ ଏନଆଇଏ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ମସଜିଦରୁ ମୌଲବୀ ଇସ୍ତିଆକକୁ ଗିରଫ କରିଛି। ସେ ଜମାତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ପାଇଥିଲା। ଏହାକୁ ମୁଜାମ୍ମିଲ ବିସ୍ଫୋରଣ ପାଇଁ ସାମଗ୍ରୀ କିଣିବାରେ ବ୍ୟବହାର କରିଥିଲେ। ଅନ୍ୟପଟେ ସବୁ ଆତଙ୍କବାଦୀ ପୃଥକ ହ୍ୟାଣ୍ଡଲରଙ୍କ ସଂସ୍ପର୍ଶରେ ଥିଲେ ବୋଲି ଜଣାପଡ଼ିଛି।

### ଜନତାଙ୍କୁ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀଙ୍କ ଧମକ

# ଭୋଟ ନ ଦେଲେ ପାଣ୍ଠି ଦେବିନି

ମୁମ୍ବଇ, ୨୩।୧୧ (ଏଜେନ୍ସି): ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ସରକାରୀ ମେଣ୍ଟ ମହାୟୁତିରେ ସାମିଲ ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଖୋଲାଖୋଲି ଭାବେ ଲୋକଙ୍କୁ ଧମକ ଦେବାରେ ଲାଗିଛନ୍ତି। ଏଥିପାଇଁ ଗାଁରୁ ନେଇ ସହର ପର୍ଯ୍ୟନ୍ତ ଲୋକେ ସବୁଠି ତାଙ୍କୁ ନିନ୍ଦା କରୁଛନ୍ତି। ଅଜିତଙ୍କୁ ଧମକ ଦେଉଥିବା ଉପ-ମୁଖ୍ୟମନ୍ତ୍ରୀ କହୁଛନ୍ତି। ଗତ ସେପ୍ଟେମ୍ବରରେ ବେଆଇନ ଖଣି ଖନନ ରୋକିବାକୁ ଯାଇଥିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ କଲ୍ କରି ସେ ଧମକ ଦେଇଥିଲେ। ମୋତେ ତୁମେ ଚିହ୍ନି ନାହିଁ ବୋଲି କହିଥିଲେ। ଏହାର ଭିଡିଓ ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଥିଲା। ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ତଥାପି ଉପ-ମୁଖ୍ୟମନ୍ତ୍ରୀ ନିଜ ଗୁଣ ଛାଡ଼ିବାକୁ ନାରାଜ। ଧମକ ଦେବାକୁ ନେଇ ତାଙ୍କ ଉପରେ ମଧ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏବେ ସେ ମାଲେଗାଁଓ ନଗର ପଞ୍ଚାୟତ ନିର୍ବାଚନ ପାଇଁ ବାରାମତିରେ ତହସିଲରେ ପ୍ରଚାର କରି ସିଧାସଳଖ ଭୋଟରଙ୍କୁ ଧମକ ଦେଇଛନ୍ତି। 'ଆପଣଙ୍କ ପାଖରେ ଭୋଟ ଆଉ ମୋ ପାଖରେ ପାଣ୍ଠି ଅଛି। ଯଦି ଭୋଟ ନ ଦେବେ ଅଞ୍ଚଳକୁ ଦିଆଯାଉଥିବା ପାଣ୍ଠି ହ୍ରାସ କରିଦେବି' ବୋଲି ଅଜିତ କହିଛନ୍ତି। ସେ ଗତ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ।

ଅଜିତ କହିଥିଲେ ଯେ 'ଯଦି ଏନ୍‌ସିପି ପ୍ରାର୍ଥୀ ନିର୍ବାଚନରେ ଜିତିବେ ତେବେ ସେ ପାଣ୍ଠି ଜାରି କରିବେ। କେନ୍ଦ୍ର ଏବଂ ରାଜ୍ୟର ଅନେକ ଯୋଜନା ରହିଛି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏକାଠି କାମ କରୁଛନ୍ତି। ଏହି ସବୁ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କଲେ ମାଲେଗାଁଓର ବିକାଶ ସୁନିଶ୍ଚିତ ହୋଇପାରିବ। ୧୮ ଏନ୍‌ସିପି ପ୍ରାର୍ଥୀଙ୍କୁ ବିଜୟୀ କରାଇଲା ପାଣ୍ଠିର ଅଭାବ ରହିବ ନାହିଁ। ନିର୍ବାଚିତ କଲେ ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିବି। ଯଦି ଦଳର ପ୍ରାର୍ଥୀ ନ ଜିତିବେ ତେବେ ପାଣ୍ଠି ହ୍ରାସ କରିଦେବି। ଆପଣଙ୍କ ପାଖରେ ଭୋଟ ଦେବାର କ୍ଷମତା ଏବଂ ମୋ ପାଖରେ ପାଣ୍ଠି ଜାରି କରିବାର କ୍ଷମତା ରହିଛି। ଏବେ ନିଷ୍ପତ୍ତି ନିଅନ୍ତୁ ଆପଣ କ'ଣ କରିବେ'।



ମନ୍ତ୍ରୀଙ୍କ ଏହି ଟିପ୍ପଣୀକୁ ନେଇ ବିରୋଧୀ ସମାଲୋଚନା କରିଛନ୍ତି।ନିର୍ବାଚନ କମିଶନ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ବିରୋଧୀ ଏନ୍‌ସିପି (ଏସପି) ଏବଂ ଶିବସେନା ପକ୍ଷରୁ ପଚରାଯାଇଛି। କ୍ଷମତାରେ ଥିବାରୁ ମଦମତ୍ତ ହୋଇ ଏଭଳି ଧମକ ଦେଉଛନ୍ତି ବୋଲି କଂଗ୍ରେସ ନେତା ବିଜୟ ୱେଡିଟିୱାର କହିଛନ୍ତି। ଏଭଳି ସ୍ଥିତିରେ ମୁକ୍ତ ଏବଂ ଅବାଧ ନିର୍ବାଚନ କେମିତି ହେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବିବାଦ ବଢ଼ିବାରୁ ଅଜିତ ରବିବାର ସାମ୍ନାକୁ ଆସି ସ୍ପଷ୍ଟୀକରଣ ଦେଇଛନ୍ତି। ଏହା କୌଣସି ଧମକ ନୁହେଁ ବୋଲି କହିଛନ୍ତି। ଏହା ସହିତ ନିଜ ବୟାନକୁ ଉଚିତ୍ ସାବ୍ୟସ୍ତ କରି ବିହାର ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବ ଦେଇଥିବା ସରକାରୀ ଚାକିରି ପ୍ରତିଶ୍ରୁତି ବିଷୟରେ ଉଲ୍ଲେଖ କରିଛନ୍ତି।

## ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟି ଚୟନ

# ୧୪ ଡିସେମ୍ବରରେ କଂଗ୍ରେସର ଦିଲ୍ଲୀ ଚଲୋ ଡକରା

ଭୁବନେଶ୍ୱର,୨୩।୧୧(ସମିସ): ଏଆଇସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୩୫ ସଂଗଠନିକ ଜିଲ୍ଲାରେ ସଭାପତିମାନଙ୍କୁ ଚୟନ କରାଯାଇସାରିବା ବରେ ଏବେ ଏହି ଅଭିଯାନ ମଧ୍ୟମରେ ଜିଲ୍ଲା କଂଗ୍ରେସ କମିଟି (ଡିସିସି) ଓ ବ୍ଲକ ସଭାପତି ବାଛିବାକୁ କଂଗ୍ରେସ ନିଷ୍ପତ୍ତି ନେଇଛି। ପ୍ରତି ଜିଲ୍ଲାରେ ସାଧାରଣ, ଦଳିତ, ଜନଜାତି, ସଂଖ୍ୟାଲଘୁ ଓ ମହିଳା ବର୍ଗରୁ ପ୍ରତିନିଧିତ୍ୱ ସହ ସର୍ବାଧିକ ୩୧ ଜଣ କର୍ମକର୍ତ୍ତା ରହିବେ। ପ୍ରତି ଜିଲ୍ଲା ସଂଗଠନରେ ୬ ଜଣ ଉପସଭାପତି ରହିବେ। ସଂଗଠନ ଦାୟିତ୍ୱରେ ତଥା ଛାମୁଆ ସଂଗଠନ ଦାୟିତ୍ୱରେ ଜଣେ ଲେଖାଏଁ ଉପସଭାପତି ରହିବେ। ପ୍ରତି ବିଧାନସଭା କ୍ଷେତ୍ରରୁ ଦୁଇଜଣ ଲେଖାଏଁ ସାଧାରଣ ସଂପାଦକଙ୍କୁ ଚୟନ କରାଯାଉଥିବା ବେଳେ ପ୍ରତି ବ୍ଲକ୍/ପୌରାଂଚଳରୁ ଦୁଇଜଣ ଲେଖାଏଁ ଡିସିସି ସଂପାଦକ ରହିବେ। ସମଗ୍ର ଜିଲ୍ଲା ପାଇଁ ଜଣେ ମୁଖପାତ୍ର ଓ ଜଣେ ସାମାଜିକ ଗଣମାଧ୍ୟମ ଇନ୍-ଚାର୍ଜ ରହିବେ। ଜିଲ୍ଲାର ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଜଣେ କର୍ମକର୍ତ୍ତା ରହିବେ। ଆସନ୍ତା ୨ ସପ୍ତାହ ମଧ୍ୟରେ ଏ ସମସ୍ତ ତାଲିକା ପ୍ରସ୍ତୁତ କରି ୧୦ ଡିସେମ୍ବର ସୁଦ୍ଧା ପିସିସି ସଭାପତିଙ୍କ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାକୁ



ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିର୍ଦ୍ଦେଶ ଦେଇଛନ୍ତି।

ରବିବାର ଅପରାହ୍ଣରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଏକ ଦୁଇ ସପ୍ତାହର ଖସଡ଼ା ଘୋଷଣା କରି ଡିସିସି ସଭାପତିମାନେ ନିଜନିଜ ଜିଲ୍ଲାର ସମସ୍ତ ବିଧାୟକ/ସାଂସଦ/ବରିଷ୍ଠ ନେତା/ପୂର୍ବତନ ବିଧାୟକ/ପୂର୍ବତନ ସାଂସଦ/ଗତ ଲୋକସଭା ଓ ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀମାନଙ୍କ ସହ ପରାମର୍ଶ କରି ତାଲିକାକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପିସିସି ସଭାପତିଙ୍କ ପାଖକୁ ପଠାଇବାକୁ କହିଛନ୍ତି। ଅନ୍ୟପଟେ ବୈଠକରେ ଆସନ୍ତା ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ "ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ ପାଳନ କରାଯିବା ପାଇଁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ସେଦିନ ଡିସିସିମାନଙ୍କ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରି ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ୬ ତାରିଖ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହେବାକୁ ଥିବାବେଳେ ୧୪ ତାରିଖ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବ। "ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ'ର ଦେଶର କୋଟିକୋଟି ଲୋକ ଭାଗ ନେଇଥିବାରୁ ସେଦିନ ବିଭିନ୍ନ ରାଜ୍ୟରୁ ଆସି ଉକ୍ତ ମୈଦାନରେ ଲକ୍ଷେ ଲୋକ ଠୁଳ ହେବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେବଳ ଓଡ଼ିଶାରୁ ୫ ହଜାର ଲୋକ ଭାଗ ନେବାକୁ ଦିଲ୍ଲୀ ଯିବେ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

ଆଜିର ପ୍ରଥମ ବୈଠକରେ ପିସିସି କର୍ମକର୍ତ୍ତା, ଡିସିସି ସଭାପତି ଓ ଛାମୁଆଁ ସଂଗଠନ/ବିଭାଗ/ପ୍ରକୋଷ୍ଠର ମୁଖ୍ୟମାନେ ଭାଗ ନେଇଥିବା ବେଳେ ଦ୍ୱିତୀୟ ବୈଠକରେ

■ ସମାବେଶ ପାଇଁ ଓଡ଼ିଶାରୁ ଯିବେ ୫ ହଜାର ଲୋକ
■ ୨୬ରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିବ ଦଳ

ଦଳର ବିଧାୟକବୃନ୍ଦ, ଗତ ନିର୍ବାଚନରେ ଲଢ଼ିଥିବା ଦଳର ପ୍ରାର୍ଥୀମାନେ ଯୋଗ ଦେଇ ନେତୃବୃନ୍ଦଙ୍କ ସହ ଭାବ ବିନିମୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଦୁଇ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଓ ଜୟଦେବ ଜେନା, ୩ ଉପସଭାପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ଦଶରଥପୁରରେ ଶିଶୁବିକ୍ରି ଅଭିଯୋଗ

## ନବଜାତକଙ୍କୁ ୬୦ ହଜାରରେ ବିକିଦେଲେ ଦମ୍ପତି

ଦଶରଥପୁର, ୨୩।୧୧(ସମିସ): ୬୦ ହଜାର ଟଙ୍କାରେ ନବଜାତ ଶିଶୁକନ୍ୟାକୁ ବିକିଦେଲେ ଶ୍ରମିକ ଦମ୍ପତି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତ ବିଭୂତିପୁର ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ଅଭିଯୋଗ ମୁତାବକ, ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବିଭୁତିପୁର ଗ୍ରାମର ଦମ୍ପତି ନରେନ୍ଦ୍ର ଜେନା ଓ ସୁଲୋଚନା ଜେନାଙ୍କର ପୂର୍ବରୁ ୩ଟି ଝିଅ ଏବଂ ଗୋଟିଏ ପୁଅ ରହିଥିବା ବେଳେ ୨ଦିନ ତଳେ ସୁଲୋଚନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ତେବେ ସେଠାରୁ ଫେରିବା ପରେ ସେମାନଙ୍କ କୋଳରେ ନବଜାତକ ନଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ଜଣେ ସମାଜସେବୀ ସମ୍ପୃକ୍ତ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀଙ୍କୁ ସୂଚନା ଦେଇଥିଲେ। ଯାଞ୍ଚ କରିବାରୁ, ଜଣେ ମଧ୍ୟସ୍ଥିଙ୍କ ଜରିଆରେ ସେମାନେ ଯାଜପୁର ବ୍ଲକ୍ ମକେଇପୁର ଅଞ୍ଚଳର ଜଣେ ଦମ୍ପତିଙ୍କୁ ୬୦ହଜାର ଟଙ୍କାରେ ବିକି ଦେଇଥିବା ଜଣାପଡ଼ିଥିଲା। ଏ ସଂପର୍କରେ ପଚରାଉଚରା କରିବାରୁ ଦମ୍ପତି ଥଙ୍ଗମଙ୍ଗ ହୋଇଥିଲେ। ତେବେ ଶିଶୁକନ୍ୟାକୁ ସେମାନେ ବିକିନାହାନ୍ତି, ବରଂ ସ୍ୱଇଚ୍ଛାରେ ଜଣେ ସମ୍ପର୍କୀୟ ମହିଳାଙ୍କୁ ଦାନ କରିଦେଇଥିବା କହିଛନ୍ତି।

ଏ ସଂପର୍କରେ ସମ୍ପୃକ୍ତ ସମାଜସେବୀ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସମେତ ଜିଲ୍ଲା ଚାଇଲଡ ଲାଇନ୍ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟ ବିଭାଗ ବିକ୍ରି ଶିଶୁକନ୍ୟାକୁ ଉଦ୍ଧାର କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଚାଇଲଡ ଲାଇନ୍ ସଂଯୋଜକଙ୍କୁ ଯୋଗାଯୋଗ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବପର ହୋଇନଥିଲା। ଅପରପକ୍ଷେ ବିଭାଗୀୟ ଅବହେଳା ଯୋଗୁ ବିକ୍ରି ଶିଶୁକନ୍ୟାକୁ ଆଜି ରାତିରେ ରାଜ୍ୟ ବାହାରକୁ ସ୍ଥାନାନ୍ତର କରାଇବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି।

## ବାଲି ବୋଝେଇ ଟ୍ରାକ୍ଟର ଓଲଟି ନାବାଳକ ମୃତ

ଦିଗପହଣ୍ଡି, ୨୩।୧୧(ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ସମାସିଙ୍ଗି ଗ୍ରାମ ନିକଟ ବାହୁଦା ନଦୀପଠାରେ ଏକ ବାଲି ବୋଝେଇ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକଜଣଙ୍କ ହେଲ, ଭ୍ରମରପୁର ଗ୍ରାମର ପ୍ରଫୁଲ୍ଲ ନାଇକଙ୍କ ପୁଅ ପ୍ରକାଶ ନାଇକ (୧୧)। ପ୍ରକାଶ ଗାଁ ସ୍କୁଲରେ ୫ମ ଶ୍ରେଣୀରେ ପଢୁଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ତା' ବାପା ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ପ୍ରକାଶ ମଧ୍ୟ କାମ କରୁଥିଲା। ଗାଁର ରବୀନ୍ଦ୍ର ସାହୁଙ୍କ ଟ୍ରାକ୍ଟର୍‌ରେ ଖଲାସି ଭାବେ କାମ କରୁଥିଲା। ରବିବାର ସକାଳେ ସେ କିଛି ଶ୍ରମିକଙ୍କ ସହ ପ୍ରକାଶ ବାଲି ଉତ୍ତୋଳନ ପାଇଁ ଗାଁ ନିକଟ ନଦୀପଠାକୁ ଯାଇଥିଲା। ସେଠାରେ ବାଲି ଲୋଡ୍ ପରେ ଟ୍ରାକ୍ଟରଟି ନଦୀ ହିଡ଼କୁ ଉଠୁଥିବା ବେଳେ ଓଲଟି ପଡ଼ିଥିଲା। ଟ୍ରାକ୍ଟରରେ ବସିଥିବା ପ୍ରକାଶ ବାଲି ବୋଝେଇ ଡାଲା ତଳେ ଚାପି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଯାଇଥିଲା। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ଓ ପୁଲିସ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଅପରପେକ୍ଷ, ଗିରଫ ଭୟରେ ଟ୍ରାକ୍ଟର୍ ଚାଳକ ଫେରାର୍ ହୋଇଯାଇଛି।

## ନଦୀରୁ ନରକଙ୍କାଳ ଉଦ୍ଧାର

ବଲାଙ୍ଗିର,୨୩।୧୧ (ସମିସ): ବଲାଙ୍ଗିର ସଦର ଥାନା ଅଧୀନ କୁମିଆପାଲି ଗାଁ ଦେଇ ପ୍ରବାହିତ ସୁକତେଲ ନଦୀରୁ ପୁଲିସ ଏକ ନରକଙ୍କାଳ ଉଦ୍ଧାର କରିଛି। ଗ୍ରାମବାସୀଙ୍କ ପାଖରୁ ଖବର ପାଇ ସଦର ପୁଲିସ ନରକଙ୍କାଳ ଉଦ୍ଧାର କରିଥିଲା। ତେବେ ଏହି ଉଦ୍ଧାର କଙ୍କାଳ କାହାର ତାହା ଅସ୍ପଷ୍ଟ ରହିଛି। ଏ ନେଇ



ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ୨ ମାସ ତଳେ ବଲାଙ୍ଗିର ଜିଲ୍ଲା ଲଠମ୍ବା ଥାନା ଫଟାମୁଣ୍ଡା ଗାଁର ପ୍ରଶାନ୍ତ ଡୁଡୁକା(୨୭) ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଅଛନ୍ତି। ଏଣୁ ଏହା ତାଙ୍କ କଙ୍କାଳ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛି; କିନ୍ତୁ ଏନେଇ କିଛି ସ୍ପଷ୍ଟ ହୋଇନାହିଁ। ପରିଚୟ ସ୍ପଷ୍ଟ କରିବାକୁ ଉଦ୍ଧାର କଙ୍କାଳର ଡିଏନଏ ପରୀକ୍ଷା ପାଇଁ ନମୁନା ପଠାଯିବ ବୋଲି ବଲାଙ୍ଗିର ସଦର ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

■ ଭଣଜା ମୃତ୍ୟୁ ଖବର ଶୁଣି ଭଉଣୀ ଘରକୁ ଆସିଥିଲେ

## କାଠଫାଳିଆ ମାଡ଼ରେ ଗଲା ଜୀବନ

ବାଲିଗୁଡ଼ା, ୨୩।୧୧(ସମିସ): ଭଣଜାର ଅକାଳ ମୃତ୍ୟୁ ଖବର ଶୁଣି ଭଉଣୀ ଘରକୁ ଧାଇଁ ଆସିଥିଲେ। ଭଉଣୀର ଦୁଃଖରେ ଭାଗି ହେବା ସହ ତାକୁ ସାନ୍ତ୍ୱନା ଦେବା ପାଇଁ ତା' ଘରେ ରାତିକ ପାଇଁ ଅଟକି ଯାଇଥିଲେ। କିନ୍ତୁ ସେ ରାତିରେ ଦୁର୍ବୃତ୍ତର କାଠଫାଳିଆରେ ଯେ ତାଙ୍କ ଜୀବନ ଚାଲିଯିବ, ତାହା ସେ ଜାଣିନଥିଲେ। କନ୍ଧମାଳ ଜିଲ୍ଲା କ. ନୂଆଗାଁ ଥାନା ଯୁଗାପଦର ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, କ. ନୂଆଗାଁ ଥାନା କଞ୍ଚାମେଣ୍ଡି ଅଞ୍ଚଳର ଅଲେଖ ନାୟକ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ମିଥୁନ ମଲ୍ଲିକ ଥାନାରେ ଆତ୍ମସମର୍ପଣ କରିଛି। କେଉଁ କାରଣରୁ ସେ ଅଲେଖଙ୍କୁ ହତ୍ୟା କଲା, ସେ ସଂପର୍କରେ ପୁଲିସ୍ ତାକୁ ପଚରାଉଚରା କରୁଛି। ସୂଚନାନୁସାରେ, ଅଲେଖ ନିଜର ସମ୍ପର୍କୀୟ ଭଣଜାର ଅକାଳ ମୃତ୍ୟୁ ଖବର ଶୁଣି ଶନିବାର ସନ୍ଧ୍ୟାରେ ଯୁଗାପଦର ଗାଁସ୍ଥିତ ତାଙ୍କ ଭଉଣୀଘରକୁ ଆସିଥିଲେ। ରାତିରେ ଖାଇପିଇ ଶୋଇଥିବା ବେଳେ ମିଥୁନ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ଏକ କାଠଫାଳିଆରେ ତାଙ୍କୁ ନିର୍ଘୁମ୍ ପିଟିଥିଲା। ଏଥିରେ ଅଲେଖଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା।

## ଦୁଇ ପୁଲିସ ଏସ୍ଆଇ ଚାକିରି ଆଶାୟୀଙ୍କୁ ସିବିଆଇର ଜେରା

ଭୁବନେଶ୍ୱର,୨୩।୧୧(ସମିସ): ଏସ୍ଆଇ ଚାକିରି ବିକ୍ରି ମାମଲାରେ ଭୁବନେଶ୍ୱର ସିବିଆଇ ରବିବାର ୨ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସିବିଆଇ ଅଧିକାରୀମାନେ ସେମାନଙ୍କୁ ଏସ୍ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲେ। ଏହି ପଚରାଉଚରା ସମ୍ପର୍କରେ ଚାକିରିରେ ଅନିୟମିତତା ସଂକ୍ରାନ୍ତରେ ଅନେକ ତଥ୍ୟ ମିଳିଥିବା କୁହାଯାଉଛି।

**୩ ଦିନରେ ଜେରା ହେଲେଣି ମୋଟ ୧୦ ଜଣ**

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଲଗାତାର ୩ଦିନ ମଧ୍ୟରେ ମୋଟ୍ ୧୦ଜଣଙ୍କୁ ଜେରା କରିଛି ସିବିଆଇ। ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରାଯିବା ବେଳେ ଏହି ରାକେଟର କିଏ ମାଷ୍ଟରମାଇଣ୍ଡ ସେ ସମ୍ପର୍କରେ ପଚରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ସେମାନଙ୍କର କିଭଳି ଲିଙ୍କ୍ ରହିଛି। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି। କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

## ନକଲି ପୁଲିସକୁ ବାନ୍ଧିଲା ଅସଲି

ବ୍ରହ୍ମପୁର/କୁକୁଡ଼ାଖଣ୍ଡି, ୨୩।୧୧ (ସମିସ): ବ୍ରହ୍ମପୁର ସଦର ଥାନା ପୁଲିସ ଆଜି ଜଣେ ନକଲି ପୁଲିସ କନେଷ୍ଟବଳକୁ ପଦରବାଲି ଛକରୁ ଗିରଫ କରିଛି। ସେ ହେଲା, ନାରାୟଣପୁର ଗ୍ରାମର କେଦାରନାଥ ସ୍ୱାଇଁ ଓରଫ୍ ମନୋଜ କୁମାର ସ୍ୱାଇଁ (୩୭)। ପୁଲିସ ତା' ପାଖରୁ ପୁଲିସ ପୋଷାକ,



ଖେଳଣା ବନ୍ଧୁକ, ଜୋତା, ବେଲ୍ଟ, ପୁଲିସ ଲାଠି, ନକଲି ନେମ୍ ପ୍ଲେଟ୍ ଜବତ କରିଛି। ନିଜକୁ ପୁଲିସ ପରିଚୟ ଦେଇ ସେ ବିଲଡର୍, ବ୍ୟବସାୟୀ, ଅପରାଧୀଙ୍କଠାରୁ ବଟି ଆଦାୟ କରୁଥିଲା ବୋଲି ପୁଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, ରବିବାର ସକାଳେ ପଦରବାଲି ଛକ ରାଜ୍ୟ ରାଜପଥ-୧୭ ଉପରେ ଜଣେ ପୁଲିସ କନଷ୍ଟେବଳ ଗାଡ଼ିମଟର ଯାଞ୍ଚ କରି ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଥିବା ସଦର ଥାନାକୁ ଖବର ମିଳିଥିଲା। ଏଏସ୍ଆଇ ଡି.ପି ପଟ୍ଟନାୟକ ଓ ତାଙ୍କ ଟିମ୍ ଘଟଣାସ୍ଥଳ ଅଭିମୁଖେ ଯାଇଥିଲେ। ପୁଲିସ ଗାଡ଼ି ଆସିବା ଦେଖି ସେଠାରେ ପୁଲିସ ପୋଷାକ ପିନ୍ଧି ଛିଡ଼ା ହୋଇଥିବା ଅଭିଯୁକ୍ତ ମନୋଜ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ତାକୁ ମାଡ଼ି ବସିଥିଲା। ପଚରାଉଚରା କରିବାରୁ ମନୋଜ ଲାଠିରେ ଘର ଭଡ଼ା ନେଇ ରହୁଥିବା ପୁଲିସ ଜାଣିବାକୁ ପାଇଥିଲା। ସେହିକ୍ରମରେ

**ପୋଷାକ, ଜୋତା ଓ ଖେଳନା ବନ୍ଧୁକ ଜବତ**

ପୁଲିସ ଲାଠି ସ୍ଥିତ ମନୋଜଙ୍କ ଭଡ଼ା ଘରେ ଚଢ଼ଉ କରିଥିଲା। ସେଠାରୁ ଉପରୋକ୍ତ ସାମଗ୍ରୀ ଜବତ ହୋଇଥିଲା। ଅଭିଯୁକ୍ତ ମନୋଜ ଘର ମାଲିକଙ୍କୁ ପୁଲିସ କନଷ୍ଟେବଳ ବୋଲି କହି ଘର ଭଡ଼ା ନେଇଥିଲେ ଓ ୧୦ ମାସ ହେବ ଭଡ଼ା ଦେଇନାହାନ୍ତି ବୋଲି ଜଣାପଡ଼ିଥିଲା। ସେ ପୁଲିସ ପୋଷାକ ପିନ୍ଧି କନେଷ୍ଟେବଳ ବୋଲି କହି ବିଭିନ୍ନ ଜିଲ୍ଲାକୁ ମାଗଣାରେ ବସ ଓ ଟ୍ରେନ ଯୋଗେ ଯିବା ଆସିବା କରୁଥିଲା। ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଠାକୁରାଣୀ ପୀଠରେ ହତ୍ୟା

ରାଜନଗର,୨୩।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ରିଘାଗଡ଼ର ମା' ଥାନପତି ଠାକୁରାଣୀ ପୀଠରେ ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ରିଘାଗଡ଼ ଗାଁର ବୁଦ୍ଧିଆ ସାହୁ (୫୫)। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଅଟକ ରଖିଛି।

ମିଳିଥିବା ସୂଚନାନୁଯାୟୀ, କଣ୍ଡିରା ପଞ୍ଚାୟତ ଜଗନ୍ନାଥପୁର ଗାଁର କିଛି ଯୁବକ ଥାନପତି ଠାକୁରାଣୀ ପୀଠରେ ରନ୍ଧାଭୋଗ କରିଥିଲେ। ରୋଷେଇ ପରେ ପୂଜା କରି ଖାଇସାରିବା ପରେ ଟାଟା ଏସିଇ ଗାଡ଼ିରେ ରୋଷେଇ ସରଞ୍ଜାମ ଲଦି ଘରକୁ ନେଉଥିଲେ। ଏହି ସମୟରେ ଦୁଇ ଯୁବକ ଗାଡ଼ି ଅଟକାଇ ସେମାନଙ୍କୁ ମଦ ମାଗିଥିଲେ। ଡ୍ରାଇଭର ସହ ଦୁଇ ଯୁବକଙ୍କ ବଚସା ହୋଇଥିଲା। ଦୁଇ ଯୁବକ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ସେଠାରେ ଜଗନ୍ନାଥପୁର ଗାଁର ଯୁବକମାନେ ପହଞ୍ଚି ଡ୍ରାଇଭରଙ୍କୁ ମାଡ଼ ମରିଥିବା ଯୁବକଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଠାକୁରାଣୀ ପୀଠରେ ରିଘାଗଡ ଗାଁ ଲୋକ ଏକାଠି ହୋଇ ଜଗନ୍ନାଥପୁର



ଲୋକଙ୍କୁ ଘେରି ଯାଇଥିଲେ। ଠାକୁରାଣୀ ପୀଠରେ ଉଭୟ ପକ୍ଷ ମଧ୍ୟରେ ବାଡ଼ିଆପିଟା ଯାଏଁ କଥା ଯାଇଥିଲା। ଗଣ୍ଡଗୋଳ ଭିତରେ ରିଘାଗଡ ଗାଁର ବୁଦ୍ଧିଆ ସାହୁ(୫୫)ଙ୍କୁ କେହି ଠେଲି ଦେବାରୁ ସେ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସୂଚନା ମୁତାବକ, ଯୁବକମାନେ ଗାଁ ରାସ୍ତାରେ ଗାଡ଼ି ରଖି ରାସ୍ତା ଅବରୋଧ କରିବା ସହ ମଦ ପିଇ ହୋହାଲ୍ଲା କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ଏହି ସମୟରେ ଥାନପତି କମିଟି ସଦସ୍ୟ ବୁଦ୍ଧିଆ ସାହୁ ଉତ୍ୟକ୍ତ ଯୁବକମାନଙ୍କୁ ବୁଝାସୁଝା କରିବା ବେଳେ ସେମାନେ ଆକ୍ରମଣ କରିଥିଲେ। ଫଳରେ ବୁଦ୍ଧିଆଙ୍କ ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଗଣ୍ଡଗୋଳ ସମୟରେ ଉତ୍ତୋଳନ କରାଯାଇଥିବା ଭିଡିଓରେ ଟାଟା ଏସିଇ ଗାଡ଼ି ରାସ୍ତା କଡ଼ରେ ଥିବା ଦେଖାଯାଉଛି।

■ ଆଜି ମନ୍ତ୍ରୀ ପରିଷଦ ବୈଠକ

## ୧୩ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୨୩।୧୧(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନରେ ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟକୁ ଅନୁମୋଦନ ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଆଗତ ଅତିରିକ୍ତ ବଜେଟ୍ ୧୩ ହଜାର କୋଟି ଟଙ୍କା ମଧ୍ୟରେ ରହିବ। ଚଳିତ ଆର୍ଥିକ ବର୍ଷରେ ଅଧିକାଂଶ ବିଭାଗଗୁଡ଼ିକ ସେମାନଙ୍କର ମୂଳ ବଜେଟ ବରାଦ ଖର୍ଚ୍ଚ କରିବାରେ ବ୍ୟର୍ଥ ହୋଇଛନ୍ତି। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ଅତ୍ୟନ୍ତ ନିରୁତ୍ସାହଜନକ ରହିଛି। ସେଥିଲାଗି ଅତିରିକ୍ତ ବଜେଟରେ ସମ୍ପୃକ୍ତ ବିଭାଗଗୁଡ଼ିକ ପାଇଁ କମ୍ ଅର୍ଥ ବରାଦ ହୋଇଛି। କେବଳ ଅଣ ଯୋଜନା ବ୍ୟୟ ବାବଦରେ ସମ୍ପୃକ୍ତ ବିଭାଗ ପାଇଁ ଆବଶ୍ୟକ ଅର୍ଥ ବରାଦ କରାଯିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ଚଳିତ ବର୍ଷ ଅତିରିକ୍ତ ବଜେଟ୍‌ର ଆକାର ପୂର୍ବବର୍ଷଠାରୁ ସାମାନ୍ୟ ଅଧିକ ରହିପାରେ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମୋଟ ୨.୯୦ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ ହୋଇଥିଲା । ଏଥିରୁ ଅଣଯୋଜନା ଅର୍ଥାତ୍ ପ୍ରଶାସନିକ ବ୍ୟୟ ବ୍ୟତୀତ ଅନ୍ୟ ଯୋଜନା ଓ କାର୍ଯ୍ୟକ୍ରମ ବ୍ୟୟ ବରାଦଗୁଡ଼ିକ ନିରୁତ୍ସାହଜନକ ରହିଛି।

■ ପଛୁଆ ବର୍ଗ କମିଶନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଏସ୍ଇବିସି ବର୍ଗଙ୍କୁ ଓବିସି ସୂଚୀଭୁକ୍ତ କରାଯାଉ

ଭୁବନେଶ୍ୱର,୨୩।୧୧(ସମିସ): ରାଜ୍ୟର ଏକାଧିକ ଜାତିଙ୍କୁ କେନ୍ଦ୍ରୀୟ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ତାଲିକାରେ ସାମିଲ କରିବା ପାଇଁ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ହଂସରାଜ ଅହିରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ନିଜ ଚିଠିରେ ଓଡ଼ିଶା ସରକାରଙ୍କ ଏସଇବିସି ତାଲିକାଭୁକ୍ତ ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି, କଳିଙ୍ଗୀ ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ଼-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକୋ, ହଳଦିଆ ତେଲି ଏବଂ ରାଜଶ୍ରୀବଳାସୀ/ବଳାସୀ ବର୍ଗଗୁଡ଼ିକୁ ଓବିସି ତାଲିକାରେ ସ୍ଥାନ ଦେବା ପାଇଁ ଅନୁରୋଧ କରିଛନ୍ତି।


**ତାଲିକାଭୁକ୍ତ ହୋଇ ନ ଥିବାରୁ ମିଳୁନି ଯୋଜନାର ସୁବିଧା**

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ଏସ୍ଇବିସି ତାଲିକାରେ ଥିବା ଅନେକ ଜାତି କେନ୍ଦ୍ରୀୟ ଓବିସି ତାଲିକାରେ ନ ଥିବାରୁ ଏହି ସମାଜର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନାରେ ସଂରକ୍ଷଣର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି । କେନ୍ଦ୍ରୀୟ ଓବିସି ତାଲିକାରେ ଏହି ବର୍ଗର ଜାତିଙ୍କୁ ସାମିଲ କରାଗଲେ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ଘଟିବ । ଓଡ଼ିଶାର ଏହି ବୃହତ୍ ସମାଜକୁ ସେମାନଙ୍କର ଅଧିକାର ଦେବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାସରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ କମିଶନ ରାଜ୍ୟର ବିଭିନ୍ନ ଜାତିବର୍ଗଙ୍କଠାରୁ ସେମାନଙ୍କ ଦାବି ସଂପର୍କରେ ଶୁଣିବା ସହ ଏ ସମ୍ପର୍କିତ ତଥ୍ୟ ସମ୍ବନ୍ଧିତ କାଗଜପତ୍ର ଗ୍ରହଣ କରିଥିଲେ। ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନଠାରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଜାତିବର୍ଗ, ସଂଗଠନର ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି କମିଶନ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କୁ ସାକ୍ଷାତ କରି ସେମାନଙ୍କର ଦାବିପତ୍ର ପ୍ରଦାନ କରିଥିଲେ।

## ମହାପ୍ରଭୁଙ୍କ ପାଖରେ ବାପା ମା'ଙ୍କ ଭିକ୍ଷା

# ଅସୁସ୍ଥ ପୁଅକୁ ସିଂହଦ୍ୱାରରେ ଗଡ଼ାଇ କାନି ପାତିଲେ ମା'

ପୁରୀ,୨୩।୧୧(ସମିସ): ଯେଉଁଠି ଚିକିତ୍ସା ବିଜ୍ଞାନ ଫେଲ୍ ମାରେ, ସେଠି ଅସହାୟ ମଣିଷ ଭଗବାନଙ୍କ ପାଖରେ ନିଜକୁ ସମର୍ପି ଦିଏ। ଏମିତି ସମର୍ପଣ ମନୋଭାବ ରଖି ଶ୍ରୀକ୍ଷେତ୍ରକୁ ପ୍ରତିଦିନ ଛୁଟି ଆସନ୍ତି ବହୁ ଅସହାୟ ମଣିଷ। ଶ୍ରୀମନ୍ଦିର ସିଂହଦ୍ୱାରରେ ବହୁବାର ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଦୁଇ ସପ୍ତାହ ତଳେ ରାଜସ୍ଥାନର ଜଣେ ଯୁବକ ନିଜ ପୁଅକୁ ମହାବାହୁଙ୍କୁ ସମର୍ପି ତା'ର ଜୀବନଭିକ୍ଷା କରିବାର ଦୃଶ୍ୟ ଏବେ ବି ସାମାଜିକ ଗଣମାଧ୍ୟମରେ ତାଜା ରହିଛି। ତେବେ ରବିବାର ପୁଣି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସିଂହଦ୍ୱାର ନିକଟରେ ଏକ ଅସହାୟ ଦମ୍ପତି ଜଗା ଦୁଆରେ ନିଜ କୁନି ପୁଅର ଜୀବନ ଭିକ୍ଷା କରିଛନ୍ତି। ପତିତପାବନଙ୍କ ପାଦପଦ୍ମରେ ଅସୁସ୍ଥ



ପୁଅକୁ ଗଡାଇ ପଣତ କାନି ପତେଇଥିଲେ ମା'। କାନ୍ଦି କାନ୍ଦି ନିଜ କୁନି ପୁଅକୁ ଭଲ କରିଦେବା ପାଇଁ ନେହୁରା ହେଉଥିଲେ। କାଳିଆ ଠାକୁରଙ୍କ ପାଖରେ ହାତପାତି ନିଜ ପୁଅର ଜୀବନ ପାଇଁ କାକୁତି ମିନତି ହେଉଥିଲେ ଦମ୍ପତି। ଏହି ଦୃଶ୍ୟ ଶ୍ରଦ୍ଧାଳୁଙ୍କ ଆଖି ଓଦା କରି ଦେଇଥିଲା।

ସୂଚନାନୁଯାୟୀ, ରବିବାର ଭୋର୍‌ରୁ ସିଂହଦ୍ୱାର ଫିଟିବା ପରେ ଏହି ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଅର ସୁସ୍ଥତା କାମନା କରି ସିଂହଦ୍ୱାରରେ ବାପା, ମା' ମହାପ୍ରଭୁଙ୍କୁ ଆକୁଳ ନିବେଦନ କରୁଥିଲେ। ଅସୁସ୍ଥ କୁନି ପୁଅକୁ ଶୁଆଇଦେଇ କାନି ପତେଇ ମହାପ୍ରଭୁଙ୍କୁ ନିଜର ଦୁଃଖ ଜଣାଇଥିଲେ ତାଙ୍କ ମା'। ଦଣ୍ଡ ପ୍ରଣାମ କରି ମହିଳାଜଣଙ୍କ ସିଂହଦ୍ୱାର ନିକଟରେ ନିଜ ଛୁଆ ପାଇଁ ଗୁହାରି କରୁଥିଲେ। ଲାଗୁଥିଲା, ସତେଯେମିତି ସେ ମାନସିକ କରିଛନ୍ତି ଦଣ୍ଡ ପ୍ରଣାମ କରି କାଳିଆ ଦୁଆରେ ନିଜ ପିଲାକୁ ଗଡ଼ାଇଦେଲେ ସେ ସୁସ୍ଥ ହୋଇଯିବ।

ଶନିବାର ମଧ୍ୟ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗତ ୯ ତାରିଖରେ ରାଜସ୍ଥାନର ନିଖିଲ ଭୋଇ ବ୍ରେନ ଷ୍ଟ୍ରୋକ ଯୋଗୁ କୋମାରେ ଥିବା ୮ ବର୍ଷର ପୁଅକୁ ଆଣି ମହାପ୍ରଭୁଙ୍କ ନିକଟକୁ ଆସିଥିଲେ। ଭାବର ଠାକୁର ଶୁଣିଲେ ଭକ୍ତର ଡାକ। କୋମାରେ ଥିବା ତାଙ୍କ ପୁଅ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଛି। ହାତଗୋଡ ହଲାଇବା ଆରମ୍ଭ କରିବା ପରେ ପୁଣି ନିଖିଲ ପୁଅକୁ ଧରି ଶନିବାର ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇ କୃପା ଭିକ୍ଷା କରିଛନ୍ତି। ମହାପ୍ରଭୁଙ୍କର ଏହି ଚମତ୍କାରିତା ନେଇ ଏବେ ସବୁଠି ଚର୍ଚ୍ଚା ଭିତରେ ରବିବାର ଅସୁସ୍ଥ କୁନି ପୁଅକୁ ଧରି କାଳିଆ ଠାକୁରଙ୍କ ଶରଣ ପଶିଛନ୍ତି ଦମ୍ପତି।

ସକାଳ THE SAKALA



## 'ସକାଳ'ର ୫ମ ସ୍ୱନକ୍ଷେତ୍ର ଉପଲକ୍ଷେ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା

# 'ଓଡିଆ ଭାଷାର ପ୍ରଚାର ପ୍ରସାରରେ 'ସକାଳ'ର ଭୂମିକା ପ୍ରଶଂସନୀୟ'





ଜୟପୁର,୨୩।୧୧(ସମିସ): ରାଜ୍ୟର ଅନ୍ୟତମ ଚର୍ଚ୍ଚିତ "ସକାଳ' ଦୈନିକ ଖବରକାଗଜ ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ରବିବାର କୋରାପୁଟ ଜିଲ୍ଲା ଜୟପୁର ସହରର ପାରାବେଢ଼ାର ଅରବିନ୍ଦନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ହୋଇଥିଲା। ଜୟପୁର ସଂସ୍କରଣର ମୁଖ୍ୟ ରାକେଶ କୁମାର ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଯୋଗଦେଇ 'ସକାଳ' ଓ 'ନନ୍ଦିଘୋଷ' ଗଣମାଧ୍ୟମ ପକ୍ଷରୁ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ବିତର୍କ ପ୍ରତିଯୋଗିତା ଦେଶର ଭବିଷ୍ୟତ ପାଇଁ ଜଣେ ଜଣେ ସୁବକ୍ତା ସୃଷ୍ଟି କରିବାରେ ସହାୟକ କରୁଛି। 'ସକାଳ'ର ଓଡିଆ ଭାଷା ପ୍ରଚାର ପ୍ରସାରରେ ଭୂମିକା ପ୍ରଶଂସନୀୟ। ଦୈନନ୍ଦିନ ଓ ଆଧୁନିକ ସମାଜିକ ବ୍ୟବସ୍ଥାକୁ ନେଇ ଯେଉଁ ବିଷୟ ଉପରେ ଏହି ବିତର୍କ ପ୍ରତିଯୋଗିତାରେ ଛାତ୍ରାଛାତ୍ରୀମାନେ ଯେଉଁଭଳି ଭାବେ ନିର୍ଭୟ ଏବଂ ସ୍ୱଷ୍ଟ ଭାବେ ନିଜ ନିଜ ମତ ଉପସ୍ଥାପନା କରୁଛନ୍ତି, ସେମାନଙ୍କୁ ମୁଁ ଅଭିନନ୍ଦନ ଜଣାଇବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରବେଢ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଡ. ରମଣୀ ରଞ୍ଜନ ଦାସ ଯୋଗଦେଇ ଆଧୁନିକ ଶିକ୍ଷାରେ

### ● କନିଷ୍ଠରେ ସତତ୍, ବରିଷ୍ଠରେ ଦେବାଶିଷ ପ୍ରଥମ

ଡିଜିଟାଲର କୁପ୍ରଭାବ ବୃଦ୍ଧି ପାଉଛି, ଫଳରେ ଶିକ୍ଷାର ମାନ କମିବାରେ ଲାଗିଛି, ତେଣୁ ଛାତ୍ରଛାତ୍ରୀଙ୍କ ପଠନ ପ୍ରକିୟାର ବ୍ୟବହାରିକ ଅଭିଜ୍ଞତାର ଆବ୍ୟଶକତା ରହିଛି ବୋଲି କହିଥିଲେ। ତେଣୁ ଏହିପରି କିଛି ସଂସ୍ଥା ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରଭୃତି କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ବଞ୍ଚାଇ ରଖିବାକୁ ପ୍ରଶଂସା କରିଥିଲେ। ଆଜି ଅନୁଷ୍ଠିତ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ "ଜେନ-ଜେଡ୍: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?' ଏବଂ କନିଷ୍ଠ ବର୍ଗରେ "ବହିପଢ଼ା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?' ବିଷୟବସ୍ତୁକୁ ନେଇ ଛାତ୍ରଛାତ୍ରୀ ବିତର୍କ ମାଧ୍ୟମରେ ନିଜନିଜର ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ବର୍ଗରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର ଦେବାଶିଷ ସାହୁ ପ୍ରଥମ, ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ରୀ ମାନସୀରାଣୀ ମହାନ୍ତି ଦ୍ୱିତୀୟ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରିତମ ପ୍ରୟାସ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରରେ ଜୟପୁର ପ୍ରକାଶ ବିଦ୍ୟାଳୟର ଛାତ୍ର ସତତ୍ କୁମାର ଗନ୍ତାୟତ ପ୍ରଥମ, ସ୍ଥାନୀୟ ଶାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ତିତୀକ୍ଷା ମିଶ୍ର ଦ୍ୱିତୀୟ ଏବଂ କୋରାପୁଟ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ଇଗ୍ନିଶା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ଜିଲ୍ଲାସ୍ତରୀୟ ଉଭୟ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରମାନେ 'ସକାଳ' ଏବଂ 'ନନ୍ଦିଘୋଷ' ପକ୍ଷରୁ ଆଗାମୀ ଦିନରେ ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ ବୋଲି ଜୟପୁର ସଂସ୍କରଣ ମୁଖ୍ୟ ଶ୍ରୀ ପାଢି ମଞ୍ଚ ଉପରେ ଘୋଷଣା କରିଥିଲେ। ଜିଲ୍ଲାର ଜୟପୁର, କୋରାପୁଟ, ସୁନାବେଡା, ବୋରିଗୁମ୍ମା ସହରାଞ୍ଚଳ ସମେତ ବୈପାରୀଗୁଡା ବ୍ଲକ ରାମଗିରି, କୋଟପାଡ ବ୍ଲକ ଛତର୍ଲା ଏବଂ ଅନ୍ୟାନ୍ୟ ବ୍ଲକର ଗ୍ରାମାଞ୍ଚଳର ବିଦ୍ୟାଳୟ ଓ ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନର ସମୁଦାୟ ୩୫ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ସେଥି ମଧ୍ୟରୁ ବରିଷ୍ଠ ବର୍ଗରେ ୧୩ ଜଣ ଏବଂ କନିଷ୍ଠ ବର୍ଗରେ ୨୨ ଜଣ ରହିଛନ୍ତି। ଏହି ବିତର୍କ ପ୍ରତିଯୋଗିତାର ପ୍ରାରମ୍ଭରୁ ବରିଷ୍ଠ ବିଭାଗର ବିଚାରକ ଭାବେ ଅବସରପ୍ରାପ୍ତ





ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଭାତ ରଥ ଏବଂ ଡ. ପ୍ରଦୀପ ମିଶ୍ର ଦୀପ ପ୍ରଜ୍ଜଳନ ପୂର୍ବକ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ବିଚାରକ ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ପ୍ରଭାତ ରଥ, ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ପ୍ରଦୀପ କୁମାର ମିଶ୍ର, କନିଷ୍ଠ ବର୍ଗରେ ଅଧ୍ୟାପକ ଡ.ସୁଧାଂଶୁ ଶେଖର ପଟ୍ଟନାୟକ, ଅଧ୍ୟାପକ ଆଲୋକ ମହାରଣା, ଅଧ୍ୟାପକ ଦୁର୍ଗାମାଧବ ଦାଶ ଉପସ୍ଥିତ ରହି ବିତର୍କରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ନନ୍ଦିଘୋଷ ବ୍ୟୁରୋ ମୁଖ୍ୟ ହୃଷିକେଶ ମିଶ୍ର, ଜୟପୁର ପ୍ରତିନିଧି ସୁପ୍ରିତ ପୂଜାରୀ, ପ୍ରସାର ନିର୍ବାହୀ ସୁଧୀର ମାଦଳା, କୋରାପୁଟ ପ୍ରତିନିଧି ସୁଶାନ୍ତ ମିଶ୍ର, ବିଜ୍ଞାପନ ନିର୍ବାହୀ ସୟଦ ହବିବୁର ରେହେମାନ, ନନ୍ଦିଘୋଷ କ୍ୟାମେରାମେନ ଏନ. ସନ୍ତୋଷ କୁମାକ. କର୍ମଚାରୀ ଜଗନ୍ନାଥ ଦଳପତି, ପବନ ଦଳପତି ପ୍ରମୁଖ ସହଯୋଗ କରିଥିଲେ। ଅରବିନ୍ଦନଗର ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ରବି ଶଙ୍କର ଶତପଥି, ତ୍ରିପତି ସାହୁ, ହୃଷିକେଶ ପାଣିଗ୍ରାହୀ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଏବଂ ସମସ୍ତ ୬ ଜଣ ବିଚାରକଙ୍କୁ ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବରିଷ୍ଠରେ ସାଇରେନ୍ଦ୍ରୀ, କନିଷ୍ଠରେ ରାଜ ପ୍ରଥମ





ରାୟଗଡ଼ା,୨୩।୧୧(ସମିସ): ଆସନ୍ତା ଡିସେମ୍ବର ୧ତାରିଖରେ ଦୈନିକ ଓଡିଆ ଖବର କାଗଜ "ସକାଳ'ର ପଞ୍ଚମ ସ୍ୱନକ୍ଷେତ୍ର ପାଳନ ଉପଲକ୍ଷେ ରବିବାର ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢୀଙ୍କ ନେତୃତ୍ୱ କ୍ରମେ ରାୟଗଡ଼ା ଜିଲ୍ଲା ସଦର ମହକୁମାର ରିଙ୍ଗ ରୋଡ ସ୍ଥିତ ସେଞ୍ଚୁରିଆନ ପବ୍ଲିକ ସ୍କୁଲରେ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଗୋପବନ୍ଧୁ ମୁନସିପାଲଟି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଆରଏସଇଡବ୍ଲ୍ୟୁସି ହାଇସ୍କୁଲ, ସେଞ୍ଚୁରିଆନ ପବ୍ଲିକ ସ୍କୁଲ, ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାୟଗଡ଼ା ଓ ଜେକେପୁର, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର, ଜିସିଡି ହାଇସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଶ୍ରୀ ଉଗ୍ରତାରା ଉଚ୍ଚ ବିଦ୍ୟାଳୟର ୩୨ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ, ରିତମ କଲେଜ, ଜିଆଇଏସିଆର କଲେଜ, ମଡେଲ ଡିଗ୍ରୀ କଲେଜ, ବିଷମକଟକର ମା' ମାର୍କମା ମହାବିଦ୍ୟାଳୟ, ମିଟ୍ସ କଲେଜ, ଶ୍ରୀଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୪ଜଣଙ୍କୁ ମିଶାଇ ମୋଟ ୫୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ବିତର୍କ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସଂପର୍କ ବିଭାଗ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଅଧିକାରୀ ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡଃ.ରାଜେଶ କୁମାର ପାଢୀ ଯୋଗଦେଇଥିଲେ। ବରିଷ୍ଠ ବର୍ଗର ପ୍ରତିଯୋଗିତାରେ ବିଚାରକ ଭାବେ ରାୟଗଡ଼ାର ସୁପରିଚିତ ଶିକ୍ଷାବିତ୍ ତଥା ସାହିତ୍ୟକ ଡଃ.ଦୁଷ୍ମନ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବିପନବିହାରୀ ବିଶ୍ୱାଳ, ଭିମ୍ସ କଲେଜ ଅଧ୍ୟକ୍ଷ କରୁଣାକର କରକରିଆ ଯୋଗ ଦେଇଥିବାବେଳେ କନିଷ୍ଠ ବର୍ଗରେ ବିଚାରକ ରୂପେ ଶିକ୍ଷକ ମନୋରଂଜନ ମିଶ୍ର, ଶିକ୍ଷୟିତ୍ରୀ ସୁସ୍ମିତା ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ଶୁକ୍ଳା ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଏଥିରେ ବରିଷ୍ଠ ବର୍ଗରେ ଜିଆଇଏସିଆର କଲେଜର ଛାତ୍ରୀ ସାଇରେନ୍ଦ୍ରୀ ସିଲା ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମଡେଲ ଡିଗ୍ରୀ କଲେଜର ଛାତ୍ର ଶୁଭେନ୍ଦ୍ର କୁମାର ପାତ୍ର ଦ୍ୱିତୀୟ ଓ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସୁରଜ କନ୍ଧପାଣି ତୃତୀୟ ହୋଇଥିଲେ। ସେହିପରି କନିଷ୍ଠ ବର୍ଗରେ ରାୟଗଡ଼ା ଗୋପବନ୍ଧୁ ମୁନିସିପାଲଟି ହାଇସ୍କୁଲ ଛାତ୍ର ରାଜ ନାୟକ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନନ୍ଦିନୀ ଶତପଥି ଦ୍ୱିତୀୟ ଏବଂ ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ ଛାତ୍ର ଦିବ୍ୟକୃପା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥି ଓ ବିଚାରକ ମଣ୍ଡଳିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କନିଷ୍ଠ ବର୍ଗର ବିତର୍କ ବିଷୟ "ବହିପଢା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ' ଏବଂ ବରିଷ୍ଠ ବର୍ଗର ବିଷୟ "ଜେନ ଜେଡ୍ : ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଧାମତା?' ଉପରେ ପ୍ରତିଯୋଗୀମାନଙ୍କ ମଧ୍ୟରେ ଯୁକ୍ତିତର୍କ, ଉଚ୍ଚାରଣ, ସାହସ ଏବଂ ଦୃଢତା ଦେଖାଦେଇଥିଲା। ଦୈନିକ ସକାଳ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ଏଭଳି ବିତର୍କ ପ୍ରତିଯୋଗିତା ଜିଲ୍ଲାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷା ପ୍ରତିତିର ଏକ ନୂଆ ଜୋସ ଭରି ଦେଉଛି ବୋଲି ବିଚାରକ ଏବଂ ଅତିଥିବୃନ୍ଦ ପ୍ରକାଶ କରିଥିଲେ। ଆଜିର ଏହି ବିତର୍କ ପ୍ରତିଯୋଗିତାକୁ ରାୟଗଡା ଜିଲ୍ଲା ପ୍ରତିନିଧି ଶିବ ନାରାୟଣ ଗୌଡ଼ ଅଧ୍ୟକ୍ଷତା ସହ ପରିଚାଳନା କରିଥିବା ବେଳେ ବ୍ଲକ୍ ପ୍ରତିନିଧି ଅରୁଣ କୁମାର ପାତ୍ରଙ୍କ ସହ ସେଞ୍ଚୁରିଆନ ପବ୍ଲିକ ସ୍କୁଲ ଓ ରିତମ କଲେଜର କର୍ମଚାରୀମାନେ ସହଯୋଗ କରିଥିଲେ।

# କନିଷ୍ଠରେ ଶୁଭସ୍ମିତା, ବରିଷ୍ଠରେ ହୃଷିକେଶ





ମାଲକାନଗିରି,୨୩।୧୧(ସମିସ): ମାଲକାନଗିରି ଜିଲ୍ଲାରେ ଆଜି 'ସକାଳ' ଖବର କାଗଜର ପଞ୍ଚମ ସ୍ୱନକ୍ଷେତ୍ର ଅବସରରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଏକ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଜିଲ୍ଲାସଦର ମହକୁମା ସ୍ଥିତ ମାଲକାନଗିରି ମହା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ . ଚିତ୍ତରଞ୍ଜନ ବାରିକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟାପକ ପ୍ରମିୟ କୁମାର ମହାନ୍ତି, ଅଧ୍ୟାପିକା ବିଜୟଲକ୍ଷ୍ମୀ ସେଠି, ଦୀପକ ମହାରଣା ବିଚାରକ ଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ସହ ସଦରରୁ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ବିତର୍କ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କନିଷ୍ଟ ବର୍ଗରେ ଜିଲ୍ଲାର ୧୧ଟି ବିଦ୍ୟାଳୟର ୩୬ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେହିପରି ବରିଷ୍ଟ ବର୍ଗରେ ୬ଟି ମହାବିଦ୍ୟାଳୟର ୧୪ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କନିଷ୍ଠରେ ବାଲିମେଳା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଭସ୍ମିତା ସ୍ୱାଇଁ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ବିଦ୍ୟାଳୟର ବାଲିମେଳାର ଛାତ୍ର ଆଦର୍ଶ ଜ୍ଞାନ ରଞ୍ଜନ ନନ୍ଦ ଓ ତୃତୀୟ ସ୍ଥାନ ହାସଲ କରିଥିଲେ ବାଲିମେଳା ସରକାରି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରୀଧା ରଥ। ସେହିପରି ବରିଷ୍ଠ ବର୍ଗରେ ମାଲକାନଗିରି ସତ୍ୟନାରାୟଣ ମହାବିଦ୍ୟାଳୟର ଛାତ୍ର ହୃଷିକେଶ ପଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ସେହି ଅନୁଷ୍ଠାନର ଛାତ୍ର ଶିଭ ମାଟାମ ଦ୍ୱିତୀୟ ଓ ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ତାପସ୍ୱିନୀ ଓଝା ତୃତୀୟ ସ୍ଥାନ ହାସଲ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ବିଚାରପତିମାନେ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଯୋଗ ଦେଇଥିବା ସମସ୍ତ ୫୦ ପ୍ରତିଯୋଗୀଙ୍କୁ ମାନ ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ 'ସକାଳ' ଖବର କାଗଜର ପ୍ରତିନିଧି ପ୍ରଦୀପ ମହାରଣା, ସ୍ଥାନୀୟ ଗଣମାଧ୍ୟମ ପ୍ରାତିନିଧି ଚନ୍ଦନ କୁମାର ପଣ୍ଡା, ଏମ୍. ଚନ୍ଦ୍ର ରାଓ, ସୁଧାଂଶୁ ମହାନ୍ତି, ରାଜେଶ ବେପାରୀ, ରାହୁଲ ଗୋଲରୀ, ଶ୍ରୀନିବାସ ପାତ୍ର, ଅଶ୍ୱିନୀ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ 'ସକାଳ' ଖବର କାଗଜ ଓ ନନ୍ଦିଘୋଷ ଟିଭିର ଜିଲ୍ଲା ପ୍ରତିନିଧି ଅଶୋକ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସ୍ୱର୍ଣ୍ଣ ପଦକ ବିଜେତା ଦୀପାଳି ସମ୍ବର୍ଦ୍ଧିତ



ନବରଙ୍ଗପୁର,୨୩।୧୧(ସମିସ): 'ସକାଳ' ଏବଂ ନନ୍ଦିଘୋଷ ଟିଭି ପକ୍ଷରୁ ଆଜି ସମ୍ବର୍ଦ୍ଧିତ ହୋଇଛନ୍ତି ଜିଲ୍ଲାର ପ୍ରଥମ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଦୀପାଳି ପାଢ଼ୀ। ସେ ନବରଙ୍ଗପୁର ଜିଲ୍ଲାରେ ପ୍ରଥମ ଥର ପାଇଁ ପାଞ୍ଚ ବର୍ଷୀୟ ଆଇନ ସ୍ନାତକରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି ପ୍ରସନ୍ନ କୁମାର ପାଢ଼ୀ ଏବଂ କବିତା ପାଢ଼ୀଙ୍କ ଝିଅ ସୁଶ୍ରୀ ଦୀପାଳି ପାଢ଼ୀ କୋଲକାତାର ଆମିଟି ବିଶ୍ୱବିଦ୍ୟାଳୟରୁ ୫ ବର୍ଷ ପାଇଁ ବିବିଏ ଓ ଏଲ୍ଏଲ୍ବି (୨୦୨୦-୨୫) ପାଠ୍ୟକ୍ରମରେ ନିଜର ଦକ୍ଷତା ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ କରି ଶିକ୍ଷାକ୍ଷେତ୍ରରେ ପ୍ରଥମ ସ୍ଥାନ ପାଇଛନ୍ତି। ସେ ସ୍ନାତକ ସମୟରେ ଆନ୍ତର୍ଜାତୀୟ ଆଇନ ସମ୍ମାନ ଗ୍ରହଣ କରିଛନ୍ତି। ରବିବାର 'ସକାଳ' ଖବରକାଗଜ ଏବଂ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାର ଶେଷରେ ମୁଖ୍ୟ ଅତିଥି ଏବଂ ସ୍ୱତନ୍ତ୍ର ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ରାଜ ପୁରୋହିତ ତଥା ରାଜ୍ୟ ଆଇନଜୀବୀ ସଂଘର ଉପସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଭାଗିରଥି ସ୍ମୃତି ସଂସଦ ଜିଲ୍ଲା ସମ୍ପାଦକ ରାମ ପ୍ରସାଦ ପାତ୍ର, ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। ଆଇନ ସ୍ନାତକରେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଦିପାଳୀ ପାଢ଼ୀ ବର୍ତ୍ତମାନ ନବରଙ୍ଗପୁରର ବରିଷ୍ଠ ଓକିଲ ତଥା ରାଜ୍ୟ ଆଇନଜୀବୀ ସଂଘର ଉପସଭାପତି ନରସିଂହ ନାଥ ତ୍ରିପାଠୀଙ୍କ କାର୍ଯ୍ୟାଳୟରେ ଜଣେ ଜୁନିଅର ଆଡଭୋକେଟ୍ ଭାବରେ କାର୍ଯ୍ୟ କରୁଛନ୍ତି।

# କନିଷ୍ଠ ବର୍ଗରେ ଭି. ତନୁଶ୍ରୀ, ବରିଷ୍ଠ ବର୍ଗରେ ସୌମ୍ୟା ପ୍ରଥମ



ନବରଙ୍ଗପୁର,୨୩।୧୧(ସମିସ): ଓଡ଼ିଶାର ଅଗ୍ରଣୀ ଦୈନିକ ଖବରକାଗଜ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ନବରଙ୍ଗପୁର ସହର ନିକଟ ବର୍ତ୍ତି ନନ୍ଦାହାଣ୍ଡି ବ୍ଲକ୍ ମିରିଗାନୀଗୁଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବପୁଜି ପବ୍ଲିକ ସ୍କୁଲ, ୟୁନିକ ପବ୍ଲିକ ସ୍କୁଲ, ଟେକ୍ନୋ ଗୁରୁକୁଳ ପବ୍ଲିକ ସ୍କୁଲ, ବିଦ୍ୟା ନିକେତନ ମହାବିଦ୍ୟାଳୟ, ସ୍ମାର୍ଟ ଗୁରୁକୁଳ ମହାବିଦ୍ୟାଳୟ, ବିଦ୍ୟାର୍ଥୀ ସାଇନ୍ସ ମହାବିଦ୍ୟାଳୟ, ଉତ୍କଳ ମହାବିଦ୍ୟାଳୟ, ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ପିଏମ୍ ଶ୍ରୀ ଆର୍ସିଡି ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମିଶି ପ୍ରାୟ ୧୪ ଟି ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ରବିବାର ଆୟୋଜିତ ଏହି ବିତର୍କ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ପାଇଁ "ଜେନ- ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଧାମତା ? ରହିଥିବା ବେଳେ କନିଷ୍ଠ ବର୍ଗଙ୍କ ପାଇଁ ବିତର୍କ ବିଷୟ ବହିପଢ଼ା : ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?' ରହିଥିଲା। ଏଥିରେ କନିଷ୍ଠ ବର୍ଗରେ ନବରଙ୍ଗପୁର ପିଏମ୍ଶ୍ରୀ ଆର୍ସିଡି ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଭି. ତନୁଶ୍ରୀ ପ୍ରଥମ ହୋଇଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଅଭିପସା ପରିଛା ଦ୍ୱିତୀୟ ଏବଂ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅବିନାଶ ସାହୁ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ସେହିଭଳି ବରିଷ୍ଠ ବର୍ଗ ରେ ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟା ନନ୍ଦ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଥିବା ବେଳେ ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ନାୟକ ଦ୍ୱିତୀୟ ଏବଂ ନବରଙ୍ଗପୁର ବିଦ୍ୟାର୍ଥୀ ସ୍ନାତକ ସାଇନ୍ସ ମହାବିଦ୍ୟାଳୟର ଛାତ୍ରୀ ଭି.ଅନିତା ଆଚାରି ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମୋମେଣ୍ଟ ଏବଂ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଆଜିର ଆୟୋଜିତ ଏହି ବିତର୍କ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ନବରଙ୍ଗପୁର ନବରଙ୍ଗପୁର ଜିଲ୍ଲା ରାଜ ପୁରୋହିତ ତଥା ରାଜ୍ୟ ଆଇନ ଜିବି ସଂଘର ଉପସଭାପତି ନରସିଂହ ନାଥ ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନବରଙ୍ଗପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆଇନଜୀବୀ ସଂଘର ପୂର୍ବତନ ସମ୍ପାଦକ ତଥା ଭାଗିରଥି ସାହିତ୍ୟ ସଂସଦର ଜିଲ୍ଲା ସମ୍ପାଦକ ରାମ ପ୍ରସାଦ ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ପ୍ରଭଞ୍ଜନ ତ୍ରିପାଠୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁମା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପକ ଡଃ ବିଜୟ କୁମାର ମିଶ୍ର, ଭାଗିରଥି ସ୍ମୃତି ସଂସଦ ଜିଲ୍ଲା ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ପୂର୍ବତନ ସମ୍ପାଦକ ରାମ ପ୍ରସାଦ ପାତ୍ର , ଡ଼ଃ ସାଇ ରମେଶ, ଆଇନଜୀବୀ ମିନାକ୍ଷୀ ପାଢ଼ୀ, ରାଜା ଚାମୁରିଆ ମହାବିଦ୍ୟାଳୟ ଅଧ୍ୟାପକ ଅଖିଳ କୁମାର ଭଟ୍ଟ, ଧରିତ୍ରୀ ପୂଜାରୀ ବିଚାରକ ଭାବେ ଯୋଗ ଦେଇଥିଲେ। ନନ୍ଦିଘୋଷ ଟିଭି ଜିଲ୍ଲା ପ୍ରତିନିଧି ଅଜିତ୍ କୁମାର ନାୟକ ଓ 'ସକାଳ' ଜିଲ୍ଲା ପ୍ରତିନିଧି କୁନାଗୌରାଙ୍ଗ ପାତ୍ର ମଞ୍ଚାସୀନ ଥିଲେ। ଆଜିର ଏହି ବିତର୍କ ପ୍ରତିଯୋଗିତା ଅବସରରେ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁରୁଜୀ ପ୍ରଭଞ୍ଜନ ତ୍ରିପାଠୀ, ହରେକୃଷ୍ଣ ତ୍ରିପାଠୀ, ବିଷ୍ଣୁ ପ୍ରିୟା ମହାପାତ୍ର, ନିବେଦିତା ମହାପାତ୍ର, ପଦ୍ମିନୀ ମହାପାତ୍ର, ସ୍ମିତା ପଟ୍ଟନାୟକ, ଉଷା ରାଣୀ ପଟ୍ଟନାୟକ, କରମ ଚାନ୍ଦ ପଣ୍ଡା, ଶଙ୍କର ନାରାୟଣ ସାହୁ, ସୁନିଲ କୁମାର ସାହୁ, ସୁରେଶ କୁମାର ନାଇଡୁ, ଏ. ସତୀଶ, ଶ୍ରୀଧର ପାତ୍ର, ମଧୁ ସୁଧନ ହରିଜନ, ମହେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ବହୁ କର୍ମଚାରୀ କାର୍ଯ୍ୟକ୍ରମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ 'ସକାଳ' ଖବର କାଗଜ ଜିଲ୍ଲା ପ୍ରତିନିଧି କୁନାଗୌରାଙ୍ଗ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଅଖିଳ ଭଟ୍ଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନନ୍ଦିଘୋଷ ଟିଭି ଜିଲ୍ଲା ପ୍ରତିନିଧି ଅଜିତ୍ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନତୀ କାନୁନଗୋ
ନଗେଶପୁର, ସାଲେପୁର
ତିରୋଧାନ - ୦୫/୧୨/୨୦୨୪

ମାଆ,
ଆପଣଙ୍କ ପରଲୋକ ଗମନ କରିବାର ଏକ ବର୍ଷ ବିତିଗଲା। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ସମସ୍ତ କାନୁନଗୋ ପରିବାରବର୍ଗ

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ନିଶା ନିବାରଣ ଆଇନ ଲାଗୁ ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ 'ମୋନା'ର ସତ୍ୟାଗ୍ରହ



ରାୟଗଡା,୨୩ା୧୧(ସମିସ): ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଅବସରରେ ନିଶା ନିବାରଣ ଆଇନ ୧୯୫୬କୁ ରାଜ୍ୟରେ ଲାଗୁ କରିବା ଦାବିରେ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ରାୟଗଡା ଶାଖା ପକ୍ଷରୁ ଦିନିକିଆ ସତ୍ୟାଗ୍ରହ କରାଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ଶାନ୍ତିପୂର୍ଣ ଭାବେ ଧାରଣାରେ ବସିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଥିଲା। ରାୟଗଡା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଠାକାର ଆଦିବାସୀମାନେ ବିଭିନ୍ନ ନିଶା ଦ୍ୱାରା କବଳିତ ହୋଇ ସାଂଘାତିକ ଭାବେ ପୀଡିତ ହୋଇ ପ୍ରଭାବିତ ହେଉଛନ୍ତି । ସାମ୍ପ୍ରତିକ ଅବସ୍ଥାରେ ସରକାର ନିଜେ ମଦ୍ୟ ଉତ୍ପାଦନ ଓ ବିକ୍ରୟକୁ ପ୍ରସାର କରିବା ହେତୁ ଜନସାଧାରଣ ମନରେ ମଦ୍ୟପାନ ପ୍ରତି ଆସକ୍ତି ବଢୁଛି। ତେଣୁ ସମ୍ବିଧାନର ୪୭ ଧାରାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଏବଂ ୧୯୫୬ ନିଶା ନିବାରଣ ଆଇନକୁ ରାଜ୍ୟରେ ଆବଶ୍ୟକୀୟ ସଂଶୋଧନ ସହ ତୁରନ୍ତ ଲାଗୁ କରିବା ପାଇଁ ମୋନାର ଜିଲ୍ଲା ସଭାପତି ସନ୍ତୋଷ କୁମାର ବିଡିକା ଦାବି କରିଛନ୍ତି। ଏହି ଅବସରରେ ରାଜେଶ ବିଡିକା, ମହେନ୍ଦ୍ର ବିଡିକା, ବୈକୁଣ୍ଠ ବିଡିକା, ସାଇକୁମାର ପାମୁଲା, ସୁରେନ୍ଦ୍ର ପାମୁଲା, ବିଶ୍ୱନାଥ ମାଣ୍ଡାଙ୍ଗି, ଅଶାନ୍ତୀ କାଡ୍ରାକା, ସୁନୀତା ହୁଇକା, କମଳା କୁଲେସିକା, ଅମ୍ବିକା ହିକାକ ପ୍ରମୁଖଙ୍କ ସହ ଅନ୍ୟମାନେ ସତ୍ୟାଗ୍ରହରେ ବସିଥିଲେ।

## ଦୁର୍ଘଟଣାରେ ଆହତ ହେଟାବାଘ ଜମିରୁ ଉଦ୍ଧାର



ମାଲକାନଗିରି,୨୩।୧୧(ସମିସ): ସଡ଼କ ଦୁର୍ଘଟଣାରେ ଆହତ ଏକ ହେଟା ବାଘକୁ ଏକ ଜମିରୁ ଉଦ୍ଧାର କରିଛନ୍ତି ବନ ବିଭାଗ। ଗୁରୁତର ଭାବେ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଚ୍ଚତର ଚିକିତ୍ସା ନିମନ୍ତେ ନବରଙ୍ଗପୁର ବନ୍ୟଜନ୍ତୁ ସଂରକ୍ଷଣ ଗୃହକୁ ପଠାଯାଇଛି। ଆଜି ଅପରାହ୍ନରେ ମାଲକାନଗିରି-ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ପାଣ୍ଡ୍ରିପାଣି ପଞ୍ଚାୟତସ୍ଥ ପୂଜାରୀମୁଣ୍ଡା ରାସ୍ତା କଡ଼ରେ ଥିବା ଚାଷ ଜମିରେ ଏକ ହେଟା ବାଘ ଆହତ ଅବସ୍ଥାରେ ପଡ଼ି ଛଟପଟ ହେଉଥିବାର କିଛିଗ୍ରାମବାସୀ ଦେଖି ବନ ବିଭାଗକୁ ଫୋନ କରିଥିଲେ। ଫୋନ ପାଇ ସଙ୍ଗେ ସଙ୍ଗେ ମାଲକାନଗିରି ବନ ବିଭାଗ ରେଞ୍ଜ ଅଫିସର ରମେଶ ଚନ୍ଦ୍ର ରାଉତ, ଫରେଷ୍ଟର ଶିବଜିତ ମଣ୍ଡଳ, ବନରକ୍ଷୀ ବଳଭଦ୍ର ସାହୁ, ପାଣ୍ଡ୍ରିପାଣି ବିଟର ବନକର୍ମଚାରୀ ଘଟଣା ସ୍ଥଳରେ ପହଁଚିଥିଲେ। ହେଟା ବାଘଟି ଆହତ ଘାଇଲା ହୋଇଥିବାରୁ ସମସ୍ତଙ୍କୁ କାମୁଡ଼ିବା ପାଇଁ ଗୋଡ଼ାଇଥିଲା। ଦୀର୍ଘ ଦୁଇଘଣ୍ଟା ପରିଶ୍ରମ ପରେ କୌଶଳ କ୍ରମେ ହେଟା ବାଘଟିକୁ ଜାଲ ପକାଇ ଉଦ୍ଧାର କରିବାରେ ସଫଳ ହୋଇଥିଲେ ବନ ବିଭାଗ। ହେଟା ବାଘଟିକୁ ଦେଖିବା ପାଇଁ ରାସ୍ତାରେ ଶତାଧିକ ଲୋକଙ୍କ ଭିଡ଼ ଲାଗିଥିଲା। ଉଦ୍ଧାର ହେଟା ବାଘଟିକୁ ସଙ୍ଗେସଙ୍ଗେ ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିଲେ। କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଅଣ୍ଟା ଉପରେ ମାଡ଼ ହୋଇ ଯାଇଥିବାରୁ ହେଟା ବାଘଟି ସିଧା ହୋଇ ଚାଲି ପାରୁନଥିବାରୁ ଆଜି ଅପରାହ୍ନରେ ତାକୁ ଉଚ୍ଚତର ଚିକିତ୍ସା ନିମନ୍ତେ ପଠାଯାଇଛି। ହେଟା ବାଘଟିର ବୟସ ପ୍ରାୟ ୧୨ ରୁ ୧୩ ବର୍ଷ ହେବ ଓ ଓଜନ ୫୨ କେଜି ଅଛି ବୋଲି ରେଞ୍ଜର ରମେଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

## ସତ୍ୟସାଇଙ୍କ ଜନ୍ମଦିବସ ପାଳିତ

କଲ୍ୟାଣସିଂହପୁର,୨୩ା୧୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଥିବା ସତ୍ୟସାଇ ସେବା ସମିତି ଦ୍ୱାରା ସତ୍ୟସାଇ ମନ୍ଦିରରେ ବାବାଙ୍କ ୧୦୦ତମ ଜନ୍ମଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରାତଃରେ ସତ୍ୟସାଇ ସେବାସମିତି ଦ୍ୱାରା ନଗର ପରିକ୍ରମା କରାଯିବା ପରେ କନମିନାର ସାଙ୍ଗମ ନୀଳକଣ୍ଠଙ୍କ ଦ୍ୱାରା ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଛି। ଷୋଡ଼ଶ ଉପଚାର, ସତସଙ୍ଗ, ୧୦୦ଜଣ ଦୁଃଖିଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ସନ୍ଧ୍ୟାରେ ୧୦୦ ଦୀପ ଯଜ୍ଞ, ଭଜନ, ଝୁଲା ଉତ୍ସବ, ସତସଙ୍ଗ ସହିତ ସାଇଙ୍କ ମଙ୍ଗଳ ଆଳତି କରାଯାଇ ଉତ୍ସବ ସମାପନ କରାଯାଇଛି। ଯୁବକ ଆବାହକ ଶିଳା ନିରଞ୍ଜନଙ୍କ ନେତୃତ୍ୱରେ ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସତ୍ୟ ସାଇଙ୍କ ଜନ୍ମ ଉତ୍ସବ ଆଡମ୍ବରରେ ପାଳନ କରାଯାଇଛି। ଏ ଅବସରରେ ଆଜି ପ୍ରାୟ ଦୁଇ ହଜାର ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରିଥିଲେ। ଏହାକୁ ସାଇ ସଂଘର ଗୁଡୁଲ୍ଲା ପ୍ରଶାଦ ରାଓ, ମିତଲେସ, ବି କାଉସିକ, ଜନାର୍ଦ୍ଦନ ପଟ୍ଟନାୟକ, ନାଗେଶ୍ୱର ପଟ୍ଟନାୟକ, ସାଙ୍ଗମ ରୁଦ୍ରା, ପ୍ରଶାଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ନିମନ୍ତ୍ରଣ ଅତିଥି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଡ଼ିଶା ମାତୃଶକ୍ତି ପ୍ରଗତି ଫାଉଣ୍ଡେସନର ବାର୍ଷିକ ଉତ୍ସବ

ମାଲକାନଗିରି,୨୩।୧୧(ସମିସ): ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ସଂସ୍କୃତି ଭବନ ଠାରେ ଓଡିଶା ମାତୃଶକ୍ତି ପ୍ରଗତି ଫାଉଣ୍ଡେସନର ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ଆଜି ପାଳିତ ହୋଇଯାଇଛି। ଏହି ଉତ୍ସବରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ, ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର, ବରିଷ୍ଠ ସାମ୍ବାଦିକ ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ରତ୍ନାକର ଦାଶ ଓ ସଂସ୍ଥାର ନିର୍ଦ୍ଦେଶକ ତଥା ସଂସ୍ଥାପକ ବିଦ୍ୟାଧର ନାୟକ ଯୋଗଦେଇଥିଲେ। ଏଥିରେ ମାଲକାନଗିରି ଜିଲ୍ଲାର ସାତୋଟି ବ୍ଲକର ବ୍ଲକ୍ ଏରିଆ ମ୍ୟାନେଜର, ଫିଲ୍ଡ ଅଫିସର, ଏଜେଣ୍ଟ ଜିଲ୍ଲା ପରିଚାଳକ ଏହିଭଳି ମୋଟ ୭୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ନିର୍ଦ୍ଦେଶକ ତଥା ପରିଚାଳକ ସଂସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସଂସ୍ଥା ଆଗାମୀ ଦିନରେ ନାରୀ ଶିକ୍ଷା, ସ୍ୱଚ୍ଛତା, ପରିବେଶ, ପର୍ଯ୍ୟାବରଣ, ସମାଜସେବା, ଦକ୍ଷତା ତାଲିମ, ଜୈବ ପ୍ରଣାଳୀରେ ଚାଷ, ସ୍ୱାସ୍ଥ୍ୟ ସେବା ଆଦି କାର୍ଯ୍ୟକୁ ପ୍ରାଧାନ୍ୟ ଦେବ ବୋଲି ସୂଚାଯାଇଥିଲା।

# ଅଗ୍ନିକାଣ୍ଡରେ ଜଳିଗଲା ୯ ବଖରା

### ସହାୟତାର ହାତ ବଢ଼ାଇଲେ ପୌର ଉପାଧ୍ୟକ୍ଷ





ଗୁଣୁପୁର,୨୩।୧୧(ସମିସ ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହର ଅନ୍ତର୍ଗତ ବେବର୍ତ୍ତା ଢ଼େପ ସାହିରେ ନିଆଁ ଲାଗି ତିନିଗୋଟି ଘରର ୯ ଗୋଟି ବଖରା ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି। ଯାହାଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଆଜି ସକାଳ ସମୟରେ ବେବର୍ତ୍ତା ଢ଼େପସାହିର ଲଳିତା ବାଉରୀଙ୍କ ଘରେ କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା। ଫଳରେ ଘର ଭିତରେ ଏବଂ ବାହାରେ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଦେଖୁଦେଖୁ ଘରକୁ ଲାଗି ରହିଥିବା ସନ୍ତୋଷୀ ବାଉରୀ ଓ ମାଙ୍ଗାମାଙ୍କ ଘରେ ବି ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାସ ହାଣ୍ଡି ବ୍ଲାଷ୍ଟ ହେବା ସମ୍ଭାବନା ଥିବାରୁ ନିଆଁକୁ ଆୟତ୍ତ କରିବାକୁ ସମୟ ଲାଗିଥିଲା। ଏହାରି ଭିତରେ ସମସ୍ତ ଆସବାବ ପତ୍ର, ବିରୁଆ, ଲୁଗାପଟ୍ଟା, କିଛି ଟଙ୍କା, ବର୍ଷକର ଖାଦ୍ୟ ସମଗ୍ରୀ ସମ୍ପୂର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ କାଉନସିଲର ପୂର୍ଣ୍ଣ ବାଉରୀ ଓ ମୁନାପାଣିଙ୍କ ସହଯୋଗରେ ଅଗ୍ନିଶମ ବିଭାଗ, ରାଜସ୍ୱ ବିଭାଗର ଆରଆଇ ଓ ପୌର ପରିଷଦର ସହକାରୀ ଯନ୍ତ୍ରୀ ଉପସ୍ଥିତ ରହି ନିଆଁକୁ ଆୟତ୍ତ କରିବା ସହ ଅଗ୍ନି ବିପନ୍ନ ପରିବାରଙ୍କୁ ରହିବା ସହ ଖାଦ୍ୟ ବ୍ୟବସ୍ଥା କରିଥିଲେ। ଖବର ପାଇ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ତତ୍କାଳୀନ ଘଟଣା ସ୍ଥଳରେ ପହଞ୍ଚି ସର୍ବହରା ପରିବାରଙ୍କୁ ଲୁଗାପଟା, ଚାଉଳ ସହ ଆର୍ଥିକ ବ୍ୟାବସ୍ଥା କରି ସରକାରୀସ୍ତରରେ ଯାହା ହୋଇପାରିବ ସାହାଯ୍ୟ କରିବାକୁ ପରିବାରଙ୍କୁ ଶାନ୍ତ୍ୱନା ଦେଇଥିଲେ। ଏହି ଅଗ୍ନିକାଣ୍ଡରେ ଲଳିତା ବାଉରୀ, ସନ୍ତୋଷୀ ବାଉରୀ ଓ ମାଙ୍ଗାମାଙ୍କ ତିନି ପରିବାର ସର୍ବଶାନ୍ତ ହୋଇ ଯାଇଛନ୍ତି। ବିଭିନ୍ନ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତି ଅଗ୍ନିବିପନ୍ନଙ୍କୁ ସାହାଯ୍ୟର ହାତ ବଢାଇବାକୁ ସାହିବାସିନ୍ଦାମାନେ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବର ଉଦ୍‌ଯାପିତ




ବିଷମ କଟକ,୨୩ା୧୧(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କମା ଉଚ୍ଚ ମାଧମିକ ବିଦ୍ୟାଳୟ ଚାଲିଥିବା ଜିଲ୍ଲାସ୍ତରୀୟ ଯୁବରେଡ କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି। ଏଥିରେ ମା' ମାର୍କମା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଉମାଶଙ୍କର ନିମାଳପୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବହୁ ଦୂରଦୂରାନ୍ତରୁ ଏକଶହରୁ ଉଦ୍ଧ୍ୱର୍ ସ୍ୱେଚ୍ଛାସେବୀଙ୍କ ସହ ସତର ଜଣ ଉପଦେଷ୍ଟା ଯୋଗଦାନ କରିଛନ୍ତି। ଆଜି ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକକା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ୱା.ଆର୍.ସି ର ଆଗାମୀ ଭବିଷ୍ୟତରେ କାର୍ଯ୍ୟଧାରା ସମ୍ବନ୍ଧରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ନରେଶ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ମିଶ୍ର ଓ ଟିକେଶ୍ୱର ମାଝୀ, ଯୁକ୍ତ ତିନି ଅଧକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ଯୋଗ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, କୁଇଜ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ରେଡକ୍ରସ୍ ଉପଦେଷ୍ଟା ଦୟାନିଧି ବାଙ୍ଗାରି ଓ ଜିଲ୍ଲା ରେଡ୍‌କ୍ରସ୍ ସଂଯୋଜକ ପ୍ରଶାନ୍ତ ପଣ୍ଡାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା। ଯୁକ୍ତ ତିନି ଯୁବ ରେଡକ୍ରସର ଉପଦେଷ୍ଟା ସଞ୍ଜୟ କୁମାର ତ୍ରିପାଠୀ ଉଦ୍‌ଯାପନୀ ସନ୍ଧ୍ୟର ମଞ୍ଚ ପରିଚାଳନା ଦାୟୀତ୍ୱ ତୁଲାଇଥିବା ବେଳେ ଅଧାପକ ଶ୍ରୀ କେଦାର ସାହୁକାର ଧନ୍ୟବାଦ ଅର୍ପଣ କରିଥିଲେ।

## ତହସିଲଦାରଙ୍କୁ ଅଭିଯୋଗ ପାଇଁ ନିର୍ଦ୍ଧାରିତ ସମୟସୀମାକୁ ନେଇ ଅସନ୍ତୋଷ

କଲ୍ୟାଣସିଂହପୁର,୨୩ା୧୧(ସମିସ): ଲୋକଙ୍କ ସରକାର କହୁଥିବା ରାଜ୍ୟ ସରକାରଙ୍କ ଅଧୀନସ୍ତ ଅଧିକାରୀ କେବଳ ଦେଢ଼ ଘଣ୍ଟା ସମୟଦେବେ ବୋଲି ରୋକଠୋକ ଭାବେ ସୂଚନା ଲେଖିଦେଇଛନ୍ତି। ଗୋଟିଏ ପଟେ ଲୋକଙ୍କ ସରକାର ଲୋକଙ୍କ ନିକଟକୁ ଯାଇ ସମସ୍ୟା ଓ ଦୁଃଖ ବୁଝିବେ ବୋଲି ରାଜ୍ୟର ମୋହନ ସରକାର ଡିଣ୍ଡିମ ପିଟୁଥିବା ବେଳେ ତାଙ୍କ ଅଧୀନସ୍ତ ଅଧିକାରୀ ଏଭଳି ନିଜ କାର୍ଯ୍ୟାଳୟରେ ସୂଚନା ଲେଖିବା ଘଟଣାକୁ ନେଇ ଏବେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରି ସୂଚନା ଫଳକ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁରର ତହସିଲଦାର କାର୍ଯ୍ୟାଳୟରେ। ଏହି କାର୍ଯ୍ୟାଳୟକୁ ଯିବାକୁ ହେଲେ ଦୁର ଦୁରାନ୍ତ ଲୋକ ଭୋର ପାଞ୍ଚଟାରେ ଉଠି ଶୀତ କାକରରେ ଯିବାକୁ ପଡିବ। କାରଣ ସକାଳ ସରକାରୀ ସମୟ ୧୦ଟା ଠାରୁ ସନ୍ଧ୍ୟା ୫ ଯାଏଁ ଥିବା ବେଳେ ତହସିଲଦାରଙ୍କୁ ଭେଟି ନିଜ ଦୁଃଖ ଓ ସମସ୍ୟା ଜଣାଇବା ସମୟ ସକାଳ ୧୦ଟା ଠାରୁ ୧୧ଟା.୩୦ ରହିଛି। ଉକ୍ତ ସମୟ ମଧରେ ଗୁହାରି କରିବାକୁ ପଡିବ, ଡେରି ହୋଇଗଲେ ପୁଣି ଆଗାମୀ ଦିନରେ ଦେଖା କରିବାକୁ ପଡିବ। ଏହି କାର୍ଯ୍ୟାଳୟରେ ଥିବା ସହାୟତା କେନ୍ଦ୍ରରେ ଆଗରେ ଥିବା ସୂଚନା ବୋର୍ଡରେ ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଦିନ ୧୧ଟା୩୦ ମିନିଟ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ଥିବା ଲେଖାଯାଇଛି। ଉକ୍ତ ସମୟ ପରେ କେହି ବି କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟରେ ଗଲେ ତାଙ୍କୁ ଫେରାଇ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ଯାତାୟାତରେ ଅସୁବିଧା ଯୋଗୁଁ ଠିକ ସମୟରେ ଅଧିକାରୀଙ୍କୁ ଭେଟିବାକୁ ଯାଇ ପାରୁନାହାଁନ୍ତି। ରାଜସ୍ୱ ବିଭାଗର ମନ୍ତ୍ରୀ ଲୋକଙ୍କ ବିଭିନ୍ନ କାର୍ଯ୍ୟ ସରକାରୀ ଅଧିକାରୀ ଓ କର୍ମଚାରୀ କରିବେ, ଲୋକଙ୍କୁ ସମୟ ଦେବେ, ସମସ୍ୟାର ସମାଧାନ କରିବେ ବୋଲି ରୋକଠୋକ ଜଣାଇଥିବା ବେଳେ ଏହି ତହସିଲ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖାଦେଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏଣୁ ସରକାର ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଏହି ତହସିଲ ଅଧୀନସ୍ଥ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କୁ ପଚାରିବାରୁ ସରକାରଙ୍କ ସେଭଳି କୌଣସି ନିର୍ଦ୍ଦେଶ ନାହିଁ, ତାହାରି ଉପରେ ମୁଁ ତର୍ଜମା କରିବି ବୋଲି କହିଛନ୍ତି।

## କୋଟେଶ୍ୱର ରାଓଙ୍କ ପରଲୋକ



ଗୁଣୁପୁର, ୨୩ା୧୧(ସମିସ): ସ୍ଥାନୀୟ ଗାୟତ୍ରୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରଶାସନିକ ଅଧିକାରୀ ଭି. କୋଟେଶ୍ୱର ରାଓଙ୍କ ଅକାଳ ବିୟୋଗ ଘଟିଛି। ସେ ଗାୟତ୍ରୀ ଶିକ୍ଷା ଅନୁଷ୍ଠାନ ସହ ଦୀର୍ଘ ୨୦ ବର୍ଷ ଧରି ଜଡିତ ହୋଇ ବିଭିନ୍ନ ସାମାଜିକ ଓ ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା। ଗତ କିଛି ଦିନ ପୂର୍ବେ ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଆନ୍ଧ୍ରପ୍ରଦେଶର ରାଗୁଲୁସ୍ଥିତ ଜେମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପ୍ରିନ୍ସପାଲ୍ ରହିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନ ରହିଛି। ତାଙ୍କ ମୃତ୍ୟୁ ଖବର ପାଇ ଗୁଣୁପୁର ଅଞ୍ଚଳବାସୀ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ଗାୟତ୍ରୀ ଅନୁଷ୍ଠାନର ଅଧକ୍ଷ ଅକ୍ଷୟ ଦାଶ, ଉପାଧକ୍ଷ ସଞ୍ଜୟ ସାହୁ, ପ୍ରିନ୍ସିପାଲ କାହ୍ନୁ ଚରଣ ପାଣିଗ୍ରାହୀ, ସମରଜିତ କର, ରାଜୀବ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବୁଦ୍ଧିଜିବୀମାନଙ୍କ ପକ୍ଷରୁ ତାଙ୍କ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ଜୋର୍ ଧରିଲା କାଞ୍ଚନଭଟାକୁ ନୂତନ ପଞ୍ଚାୟତ ଗଠନ ଦାବି

ମୁନିଗୁଡା,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତର କାଞ୍ଚନଭଟାଠାରେ ନୂତନ ଗ୍ରାମ ପଞ୍ଚାୟତ ଗଠନ ଦାବି କରି ସମୂହ ୨୩ ଗ୍ରାମର ୫ ଟି ୱାର୍ଡବାସୀ ଗତ ଜୁନ ମାସ ୨୫ ତାରିଖ ଦିନ ମୁନିଗୁଡାଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଏକ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଜି ଅଞ୍ଚଳବାସୀ ଏକତ୍ର ହୋଇ ଏକ ଗ୍ରାମସଭାର ଆୟୋଜନ କରିଥିଲେ। ଏହି ସଭାରେ ନୂତନ ପଞ୍ଚାୟତ ଗଠନ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ୫ଟି ୱାର୍ଡରେ ସମୁଦାୟ ୪୦୦୦ ଜନସଂଖ୍ୟା ଥିବା ବେଳେ ପାଖାପାଖି ୩୦୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଭୋଟର ମଧ ଥିବା ଅଞ୍ଚଳବାସୀ ଦର୍ଶାଇଛନ୍ତି। ଏହି କାଞ୍ଚନଭଟା ଅଞ୍ଚଳ ମୁନିଗୁଡା ବ୍ଲକ ତଥା ଇଚ୍ଛାପୁର ପଞ୍ଚାୟତର ଶେଷ ଅଞ୍ଚଳ ହୋଇଥିବା ବେଳେ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସମୂହ ଅଞ୍ଚଳର ୫ ଟି ୱାର୍ଡବାସୀ ଇଚ୍ଛାପୁର ପଞ୍ଚାୟତରେ ଅଛନ୍ତି। ଇଚ୍ଛାପୁର ପଞ୍ଚାୟତର ସର୍ବମୋଟ ୧୩ ଟି ୱାର୍ଡରୁ ୪ ରୁ ୫ ଟି ୱାର୍ଡକୁ ନେଇ କାଞ୍ଚନଭଟାରେ ଏକ ନୂତନ ପଞ୍ଚାୟତ ଗଠନ କରିବାକୁ ଅଞ୍ଚଳବାସୀ ବୈଠକ କରି ନିଷ୍ପତି ଗ୍ରହଣ କରିଛନ୍ତି। ପ୍ରଶାସନ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭୌଗୋଳିକ ଅବସ୍ଥିତିକୁ ଅନୁଧ୍ୟାନ କରି କାଞ୍ଚନଭଟାରେ ନୂତନ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନଚେତ୍ ନୂତନ ପଞ୍ଚାୟତ ଗଠନ ପାଇଁ ଆଗାମୀ ଦିନରେ ଦାବି ଜୋରଦାର କରାଯିବ ବୋଲି ଅଞ୍ଚଳର ସରପଞ୍ଚ ନାରାଙ୍ଗା ମାଝୀ, ନାଏବ ସରପଞ୍ଚ ରାଙ୍ଗୁଲି କଟକିଆ, ୱାର୍ଡ ମେମ୍ବର ଦମନ୍ତି ବାଚା, ୱାର୍ଡ ମେମ୍ବର ସୁରେଶ କଟକିଆ, ଗଜେନ୍ଦ୍ର ଗୌଡ, ସାନୁର୍ଯ୍ୟ ବାଗ, ସୁରେନ୍ଦ୍ର ଗତି, ଜୟମଲ୍ଲ କରୁଆ, ଶ୍ରୀରାମ ବାଗ, ନୀଳକଣ୍ଠ ଗତି,



ରାମ କୃଷ୍ଣ ଗୌଡ, ମଧୁସୂଦନ ନାୟକ, ପୂର୍ଣ୍ଣ ଗୌଡ, ଯୁଗେଶ୍ୱର ଗୌଡ, ନରସିଂହ ଗୌଡ, କୈବଲ୍ୟ ବାଗ, ନରତମ୍ ବାଗ, ନରେନ୍ଦ୍ର ଗୌଡ, କେଶବ ପ୍ରଧନୀ, ସୁଜନଧର ସୂର୍ଯ୍ୟ ପ୍ରମୁଖଙ୍କ ସହ ଅଞ୍ଚଳବାସୀ କହିଛନ୍ତି। ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରର ନକଲ ମୁନିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଣୁପୁର ଉପଜିଲ୍ଲାପାଳ, ରାୟଗଡ଼ା ଜିଲ୍ଲା ପଞ୍ଚାୟତ ଅଧିକାରୀ, କୋରାପୁଟ ସାଂସଦ, ବିଷମ କଟକ ବିଧାୟକ ଓ ଓଡ଼ିଶା ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଗୋଚରାର୍ଥେ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହାର ଏକାକିତା ନକଲ ପ୍ରେରଣ କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଏଆଇସିସିଟିୟୁର ବ୍ଲକ୍‌ସ୍ତରୀୟ ସମ୍ମିଳନୀ




ରାମନାଗୁଡ଼ା,୨୩ା୧୧(ସମିସ): ଦକ୍ଷିଣ ଓଡିଶା ପାଚିକା ଓ ସହାୟକ ମହାସଂଘ (ଏଆଇସିସିଟିୟୁ ) ତରଫରୁ ରାୟଗଡ଼ା ଜିଲ୍ଲା ରାମନଗୁଡ଼ା ବ୍ଲକ ଅନ୍ତର୍ଗତ ଚାକୁଣ୍ଡା ହାଟପଦା ଠାରେ ବ୍ଲକ ସଭାପତି ଉର୍ମିଳା ଖଣ୍ଡଗିରିଙ୍କ ଉପସ୍ଥିତିରେ ବ୍ଲକ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଦେଷ୍ଟା ତ୍ରିପତି ଗମାଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିବା ସହ ସରକାର ଶ୍ରମିକମାନଙ୍କ ଅଧିକାର ନ ଦେଲେ ଆସନ୍ତା ଡିସେମ୍ବର ୩ରୁ ତିନି ଦିନ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଧାରଣା ଦେବାପାଇଁ ଚେତାବନୀ ଦେଇଛନ୍ତି। ଦଶ ଘଣ୍ଟା ଶ୍ରମ ଆଇନ ବାତିଲ କରି ଶ୍ରମିକମାନଙ୍କୁ ଆଠ ଘଣ୍ଟା ଆଇନ ଲାଗୁ କରିବା, ପାଚିକା ଓ ସହାୟିକାମାନଙ୍କୁ ମାସିକ ୨୬ ହଜାର ଟଙ୍କା ଓ ପାଚିକାମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଶ୍ରମିକ,କର୍ମଚାରୀ ବିରୋଧି ଶ୍ରମ କୋଡ଼ ବାତିଲ କରିବା, ନୂତନ ଶିକ୍ଷା ନୀତି ୨୦୨୦ ବାତିଲ କରିବା, ୨୦୦୯ ଡିସେମ୍ବରରୁ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକା ଓ ସହାୟିକାଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ମୃତକଙ୍କ ଉତ୍ତରାଧିକାରୀଙ୍କୁ ପାରିଶ୍ରମିକ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟ୍‌ରେ ଆବଶ୍ୟକୀୟ ବ୍ୟୟ ବରାଦ କରିବା ସହ ଛାତ୍ରଛାତ୍ରୀଙ୍କ ମୁଣ୍ଡପିଛା ଖାଇବା ଖର୍ଚ୍ଚ ବୃଦ୍ଧି କରିବା ଭଳି ପ୍ରଭୃତି ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉର୍ମିଳା ଖଣ୍ଡଗିରି, ଅନିରୁଦ୍ଧ ନିଶିକା, କୁମାରୀ ଶବର, ପ୍ରଭାବତୀ ଖଣ୍ଡଗିରି, ଗିତାଞ୍ଜଳୀ ପଟ୍ଟନାୟକ, ସୂର୍ଯ୍ୟ ଶବର, ଅପସରା ଶବର, ଲଳିତା ମାଣ୍ଡାଙ୍ଗି, ସନ୍ତୋଷି ପଲାସା, ନଳିନୀ ପଣ୍ଡା, ସୁଜାତା ପଣ୍ଡା, ଲକ୍ଷ୍ମୀ ମଣ୍ଡାଙ୍ଗି ଉପସ୍ଥିତ ଥିଲେ। ବିଧାନସଭା ଘେରଉ ନିମନ୍ତେ ଉପଦେଷ୍ଟା ତ୍ରିପତି ଗମାଙ୍ଗ ପାଚିକାମାନଙ୍କୁ ନିବେଦନ କରିଥିଲେ।


# ଜିଲ୍ଲାସ୍ତରୀୟ 'ସର୍‌ଗିଫୁଲ' ଉଦ୍‌ଘାଟିତ




### ଭାଗନେଲେ ୧୫୦୮ ଛାତ୍ରଛାତ୍ରୀ

ଗୁଣପୁର,୨୩ା୧୧(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ସରଗିଫୁଲ" ରବିବାର ଗୁଣପୁରର ବିକ୍ରମପୁର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୁଣପୁର ପୌର ପାରିଷଦର ଅଧକ୍ଷା ମମତା ଗୌଡ଼ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡ଼ ମଣ୍ଡଳ ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ ଓ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ଆମ୍ବୁଡ୍‌ସ ମେନ (ଲୋକପାଳ ) ଅକ୍ଷୟ କୁମାର ଦାଶ, ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଅଧକ୍ଷା ଝିଲ୍ଲୀ ଶବର, ଉପାଧକ୍ଷ ସୁଦର୍ଶନ ଶବର ମଞ୍ଚାସିନ ଥିଲେ । ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁରର ଅଧକ୍ଷ ଅନନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନି ଉତ୍ସବରେ ଆବାହକ ଜିଲ୍ଲା ମଙ୍ଗଳ ଅଧିକାରୀ ରାୟଗଡ଼ ଅଶୀମା ରାଓ ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ -୭, ଉଚ୍ଚ ବିଦ୍ୟାଳୟ-୪୪, ଆଶ୍ରମ ବିଦ୍ୟାଳୟ -୩୧, ସେବାଶ୍ରମ -୭୦, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ-୩, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ -୧ ଅନ୍ୱେଷା ହଷ୍ଟେଲ-୮ ଜଣଙ୍କୁ ମିଶାଇ ମୋଟ ୧୫୦୮ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଏହାକୁ ପରିଚାଳନା ପାଇଁ ୪୮ ୯ ଜଣ ଶିକ୍ଷକ ଓ ଅନ୍ୟ ସହଯୋଗୀ କର୍ମଚାରୀ ନିଯୁକ୍ତ ହୋଇଥିଲେ। ଶିଶୁ ଉତ୍ସବରେ ବାଦ୍ୟ ସଙ୍ଗୀତ, ଏକକ ଅଭିନୟ, ଏକକ ଗୀତ, ଏକକ ନୃତ୍ୟ, ସୃଜନଶୀଳ ଲିଖନ, ବକ୍ତୃତା, ତର୍କ, ଚିତ୍ରାଙ୍କନ, କୁଇଜ, ବିଜ୍ଞାନ ପ୍ରଦର୍ଶନୀ, ଭଲିବଲ ପ୍ରତିଯୋଗିତା କରାଯିବା ସହ 'ସରଗିଫୁଲ ୨୦୨୫'ର ମଣ୍ଡଳସ୍ତରୀୟ ପ୍ରତିଯୋଗିତା ଆସନ୍ତାକାଲି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହେବ।

# ସମ୍ପାଦକୀୟ



ଅସ୍ପୃଶ୍ୟତା ବିରୋଧୀ ଅଭିଯାନ ଜରିଆରେ ମୁଁ ଅମାନବିକତା ବିରୋଧରେ ସଂଗ୍ରାମ କରୁଛି।
-ମହାତ୍ମା ଗାନ୍ଧୀ

ସକାଳ THE SAKALA

## ଶ୍ରମ ସଂହିତାର ବାସ୍ତବତା

ଅର୍ଦ୍ଧଶତାବ୍ଦୀ ଧରି ପ୍ରଚଳିତ ଶ୍ରମ ଆଇନକୁ ହଟାଇ କେନ୍ଦ୍ର ସରକାର ନୂଆ ଶ୍ରମ ଆଇନ କାର୍ଯ୍ୟକାରୀ କରିଛନ୍ତି। ଚାରିଟି ଶ୍ରମ ସଂହିତା ସମ୍ବଳିତ ଏହି ନୂତନ ଶ୍ରମ ଆଇନ୍ କର୍ମଜୀବୀ ମହିଳା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗିଗ୍ ୱାର୍କରଙ୍କ ପ୍ରତି ଅନୁକୂଳ ହୋଇଥିବାରୁ ସ୍ୱାଗତଯୋଗ୍ୟ। ଚାରିଟି ଶ୍ରମ ସଂହିତା ମଧ୍ୟରେ ରହିଛି - ଶ୍ରମ ସଂହିତା ୨୦୧୯, ସାମାଜିକ ସୁରକ୍ଷା ସଂହିତା ୨୦୨୦, ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଅବସ୍ଥା ସଂହିତା ୨୦୨୦। ଅପରପକ୍ଷରେ ଏହା ଦାଦନ ଶ୍ରମିକ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହନ ଦେବ ବୋଲି ଅଭିଯୋଗ ଆସିଛି। ସେହିପରି ଶ୍ରମ କ୍ଷେତ୍ର ଓ ଶ୍ରମିକଙ୍କ ପାଇଁ ସେଭଳି କିଛି ବିଶେଷ ଧରଣର ଉତ୍ସାହଜନକ ହେବା ଭଳି ଖବର ଏଥିରେ ନାହିଁ। ଚାରିଟି ଶ୍ରମ ସଂହିତା ବଦଳରେ ବରଂ ଗୋଟିଏ ପ୍ରଚଳନ ହୋଇଥିଲେ ଆହୁରି ଅଧିକ ସରଳ ଓ ପ୍ରଭାବଶାଳୀ ହୋଇଥା'ନ୍ତା ବୋଲି ମତ ପ୍ରକାଶ ପାଇଛି। ନୂଆ ଶ୍ରମ ସଂହିତା ନୂଆ ବୋତଲରେ ପୁରୁଣା ପାନୀୟ ଭଳି ହୋଇଥିବା ଏବଂ ନିୟମଗୁଡ଼ିକର କେବଳ ନାମ ପରିବର୍ତ୍ତନ ହୋଇଥିବା କୁହାଯାଉଛି।

ଶ୍ରମ ଓ ଶ୍ରମିକ ସମ୍ପର୍କିତ ପ୍ରଚଳିତ ୨୯ଟି ଆଇନକୁ ଏକତ୍ରୀକରଣ କରି ଚାରିଟି ସଂହିତାରେ ବିଭକ୍ତ କରାଯାଇଥିବା ନୂଆ ଶ୍ରମ ଆଇନ୍‌ରେ ୧୨୨୮ ପୁରୁଣା ଧାରାକୁ ହ୍ରାସ କରି ୪୮୦ କରାଯାଇଛି। ସେହିପରି ୧୪୩୬ଟି ନିୟମକୁ ୩୫୧ରେ ସୀମିତ କରାଯାଇଥିବା ବେଳେ ୮୪ଟି ପଞ୍ଜିକରଣ ବ୍ୟବସ୍ଥା ବଦଳରେ ୮ଟି ପ୍ରଚଳନ କରାଯାଇଛି। ୬୫ଟି ଉପଧାରାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। କର୍ମଚାରୀ, ପାରିଶ୍ରମିକ, ଶ୍ରମିକ ଆଦିର ସଞ୍ଜ୍ଞା, ବାଧ୍ୟତାମୂଳକ ଶାରୀରିକ ଉପସ୍ଥିତି ରେକର୍ଡ, ବହୁବିଧ ଲାଇସେନ୍ସ ବ୍ୟବସ୍ଥା, ବିଜ୍ଞପ୍ତି ବିନା କାର୍ଯ୍ୟାନୁଷ୍ଠାନ, ଇନ୍‌ସ୍ପେକ୍ସନ୍ ରାଜ ଆଦି ପାରମ୍ପରିକ ବ୍ୟବସ୍ଥାର ଉଚ୍ଛେଦ କରାଯାଇଥିବା ବେଳେ ପୁରୁଣା ମାମଲାଗୁଡ଼ିକର ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କଟକଣାକୁ ହଟାଇ ଦିଆଯାଇଛି ଏବଂ ନିଜ ଆଡ଼ୁ କର୍ତ୍ତୃପକ୍ଷ ପୁରୁଣା ମାମଲାର ପୁଣି ବିଚାର ଆରମ୍ଭ କରିପାରିବେ ବୋଲି ପ୍ରାବଧାନ ରହିଛି। ଇପିଏଫ୍ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି। କିନ୍ତୁ ଏବେ ଅନେକ ସଂସ୍ଥା ଉଚ୍ଚ କୁଶଳୀ କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ଦେଉନାହାନ୍ତି। ଏ ସମ୍ପର୍କରେ ନୂଆ ଶ୍ରମ ସଂହିତା ନିରବ ଥିବା ମନେ ହୁଏ। ସେହିପରି ନୂଆ ଶ୍ରମ ସଂହିତାରେ ସବୁ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ଦେବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଠିକ୍ ସମୟରେ ବେତନ ପ୍ରଦାନ, ବର୍ଷେ କାମ କରିବା ପରେ ଗ୍ରାଚ୍ୟୁଇଟି, ସର୍ବନିମ୍ନ ବେତନ ସୁନିଶ୍ଚିତ କରିବା, ମହିଳାମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରିବାର ସୁଯୋଗ ଓ ସୁବିଧା ପ୍ରଦାନ, ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀମାନଙ୍କର ନିୟମିତ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା, ଏକ ଦେଶ ଏକ ଲାଇସେନ୍ସ, ଏକ ପଞ୍ଜିକରଣ ଓ ଏକ ରିଟର୍ଣ୍ଣ ବ୍ୟବସ୍ଥା ଆଦି ନୂଆ ଶ୍ରମ ସଂହିତାମାନଙ୍କରେ ରହିଛି।

ବିଡ଼ମ୍ବନା ହେଉଛି ଆଇନ ୨୦୨୦ ମସିହାରେ ପ୍ରଣୀତ ହୋଇଥିବା ବେଳେ କାର୍ଯ୍ୟକାରୀ ବିଜ୍ଞପ୍ତି ଜାରି କରିବା ପାଇଁ ପ୍ରାୟ ୫ ବର୍ଷ ଲାଗିଗଲା। ତେଣୁ ବାସ୍ତବ କ୍ଷେତ୍ରରେ ରୂପାୟନ କେତେ ପ୍ରଭାବଶାଳୀ ଓ ବାସ୍ତବବାଦୀ ହେବ ଏବଂ ଭାରତୀୟ ଅର୍ଥନୀତିକୁ କେତେ ବେଗଶାଳୀ କରିବ ତାହା ଘରୋଇ ସଂସ୍ଥା ଓ ଶିଳ୍ପପତିଙ୍କ ମାନସିକତା ଉପରେ ନିର୍ଭର କରୁଛି। ବିଶେଷକରି ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ତିଷ୍ଠି ରହିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାମାନେ ସଂଘର୍ଷ କରୁଥିବା ବେଳେ କର୍ମଚାରୀଙ୍କୁ ପ୍ରତିଶ୍ରୁତି ମୁତାବକ ଦରମା ବା ପାରିଶ୍ରମିକ ଦେବା କାଠିକର ପାଠ ହୋଇଯାଉଛି। ଏହି ପୃଷ୍ଠଭୂମିରେ ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି 'ଲଙ୍କାରେ ହରି ଶବ୍ଦ' ପରି ଶୁଭୁଛି। ଯେଉଁଠି ନିଜେ ତିଷ୍ଠି ରହିବା ପାଇଁ ନିଯୁକ୍ତିଦାତା ସଂଘର୍ଷ କରୁଛି ସେଠାରେ ନିଯୁକ୍ତିପତ୍ରର ନିଶ୍ଚିତତା ଯେ ଏକ ପ୍ରହସନ ତାହା କେବଳ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ। ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଶିଳ୍ପପତିମାନେ ଶ୍ରମିକ ଅନୁକୂଳ ପରିବର୍ତ୍ତେ ଅଧିକରୁ ଅଧିକ ଶ୍ରମଅନୁକୂଳ ହେବାର ଦେଖାଯାଉଛି। କମ୍ ପାରିଶ୍ରମିକରେ ଅଧିକ ସମୟ ଖଟାଇ ଅଧିକ କାମ ଆଦାୟ କରିବାର ମାନସିକତା ଯେ ପର୍ଯ୍ୟନ୍ତ ହଟିନାହିଁ ନୂଆ ଶ୍ରମ ଆଇନର ଉପକାରିତା ଓ ଉପଯୋଗିତା ଫଳପ୍ରସୂ ହେବ ନାହିଁ। ସେହିପରି ଯାନ୍ତ୍ରିକ ଯୁଗରେ ବିଶେଷକରି ଏଆଇର ଆତ୍ମପ୍ରକାଶ ପରେ ଶାରୀରିକ ଶ୍ରମ ଓ ମାନବ ସମ୍ବଳର ଆବଶ୍ୟକତା ଓ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଏପରି କ୍ଷେତ୍ରରେ ନୂଆ ଶ୍ରମ ସଂହିତା ମାନବ ସମ୍ବଳ ଓ ନିଯୁକ୍ତି କ୍ଷେତ୍ରକୁ କେତେ ସୁରକ୍ଷା ଦେଇପାରିବ ଏବଂ ସର୍ବନିମ୍ନ କାର୍ଯ୍ୟ ଘଣ୍ଟା କେତେ ହେବ ତାହା ସ୍ପଷ୍ଟ ହୋଇନାହିଁ।

ସାମଗ୍ରିକ ଭାବେ ବିଚାର କଲେ ନୂଆ ଶ୍ରମ ସଂହିତା ବଡ଼ ବଡ଼ ଶିଳ୍ପ ସଂସ୍ଥାଙ୍କୁ ସୁହାଇବ ଏବଂ କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କ ପାଇଁ ଅନେକ ଆହ୍ୱାନ ଓ ସମସ୍ୟା ସୃଷ୍ଟି କରିବ। ଏପରିକି ଭାରତର ଶ୍ରମ ବଜାରରେ ଚୀନ୍ ଶ୍ରମିକଙ୍କ ଆଧିପତ୍ୟ ବଢ଼ିବ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିର ବୈଷମ୍ୟ ଆହୁରି ଉତ୍କଟ ହେବ ବୋଲି କେତେକ ଶିଳ୍ପ ସଂସ୍ଥା ମତ ଦେଇଛନ୍ତି।

ନୂଆ ଶ୍ରମ ସଂହିତା ଅଧିକ ସଂଖ୍ୟକ ଘରୋଇ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରମାନଙ୍କୁ କ୍ଷମତାପ୍ରାପ୍ତ ଓ ସୁଯୋଗ ପ୍ରଦାନ କରିଥିବା କୁହାଯାଉଛି। କିନ୍ତୁ ଅର୍ଥନୀତିର ଚାରି ପ୍ରମୁଖ ବାହକଙ୍କ ମଧ୍ୟରୁ କେବଳ ଶ୍ରମିକ ବ୍ୟବସ୍ଥାକୁ ସୁସଂଗତ କଲେ ଚଳିବ ନାହିଁ। ଅତ୍ୟ ତିନି କାରକ ଜମି, ପୁଞ୍ଜି ଓ ସଂଗଠନର ସୁଦୃଢ଼ୀକରଣ ଓ ସରଳୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଭାରତକୁ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଉତ୍ସାହଜନକ ଓ ଆଶାନୁରୂପ ନୁହେଁ। ଏ କ୍ଷେତ୍ରରେ ଥିବା ସର୍ତ୍ତ, କଟକଣା ଓ ନିୟମାବଳୀର ସଂଶୋଧନ ଓ ସରଳୀକରଣ ହେବା ଆବଶ୍ୟକ। ୧୯୯୧ ମସିହାରେ ପ୍ରଣୀତ ଯୁଗାନ୍ତକାରୀ ଓ ଐତିହାସିକ ଅର୍ଥନୈତିକ ସଂସ୍କାରରେ ଘରୋଇକରଣ ଓ ଉଦାରୀକରଣକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କିନ୍ତୁ ଆଜି ୩୫ ବର୍ଷ ପରେ ମଧ୍ୟ ଲାଇସେନ୍ସ ରାଜ୍‌ର ପ୍ରଭାବ ଓ ଆଧିପତ୍ୟ ଜାରି ରହିଛି। ପ୍ରଚଳିତ ବ୍ୟବସ୍ଥାରେ ଭାରତରେ ଶିଳ୍ପ ପ୍ରତିଷ୍ଠା ଓ ବ୍ୟବସାୟ କରିବାକୁ ହେଲେ ସମ୍ପୃକ୍ତ ଶିଳ୍ପ ସଂସ୍ଥା କିମ୍ବା ଉଦ୍ୟୋଗୀ ଆନୁଷଙ୍ଗିକ ୧୫୦୦ରୁ ଊର୍ଦ୍ଧ୍ୱ ଆଇନ, ୬୯, ୦୦୦ରୁ ଊର୍ଦ୍ଧ୍ୱ ଆଦେଶପତ୍ର ଓ ୬, ୫୦୦ରୁ ଊର୍ଦ୍ଧ୍ୱ ସ୍ତର ଦେଇ ଗତି କରିବାକୁ ହୁଏ। ତେଣୁ ଶ୍ରମ ଆଇନ ସହିତ ଏହିସବୁ ବ୍ୟବସ୍ଥା, ନୀତିନିୟମ ଓ କଟକଣାର ମଧ୍ୟ ସରଳୀକରଣ କରାଯିବା ଆବଶ୍ୟକ।

## # ୱି ଟୁ: ଆମେ ମଧ୍ୟ ହକ୍‌ଦାର

**ଗୌରୀ ପ୍ରସାଦ ମହାପାତ୍ର**

ସଦ୍ୟସମାପ୍ତ ବିହାର ବିଧାନସଭା ନିର୍ବାଚନର ଅପ୍ରତ୍ୟାଶିତ ଓ ଆଚମ୍ବିତ ଫଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ମହିଳା ଭୋଟରଙ୍କ ଅଭୂତପୂର୍ବ ଅଂଶଗ୍ରହଣ। ଭାରତୀୟ ଗଣତନ୍ତ୍ରରେ ମହିଳାମାନେ ନିର୍ଣ୍ଣାୟକ ହୋଇପାରିବେ ଏବଂ ଗତାନୁଗତିକ ଧାରଣା ଓ ଅବଗଣନାକୁ ଓଲଟପାଲଟ କରିପାରିବାର ଦକ୍ଷତା ଯେ ସେମାନଙ୍କ ପାଖରେ ରହିଛି, ତାହା ପୁଣି ଥରେ ପ୍ରମାଣିତ ହୋଇଛି। କିଛିସପ୍ତାହ ପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱକପ୍ ଜିତି ପ୍ରମାଣ କରିସାରିଥିଲେ ଯେ 'ଆମେ ମଧ୍ୟ ପାରିବୁ'। ଏହି ଦୁଇ ଘଟଣା ପରେ ଭାରତୀୟ ସାମାଜିକ ସମୀକରଣରେ ପରିବର୍ତ୍ତନ ଏବଂ ଲିଙ୍ଗଭେଦରେ ବିବର୍ତ୍ତନର କ୍ଷୀଣ ସମ୍ଭାବନାଟିଏ ସୃଷ୍ଟି ହୋଇଛି। କିନ୍ତୁ ଭାରତୀୟ ପୁରୁଷକୈନ୍ଦ୍ରିକ ମାନସିକତାର କଳାବାଦଲ୍ ଅପସାରଣକୁ ଏହି ନୂତନ ସମ୍ଭାବନାର ସୂର୍ଯ୍ୟୋଦୟ ଅପେକ୍ଷା କରି ରହିଛି।

ଏହା ଅନସ୍ୱୀକାର୍ଯ୍ୟ ଯେ ଜ୍ଞାନ, ବିଜ୍ଞାନ, ସାହସ, ରୋମାଞ୍ଚ, କ୍ରୀଡ଼ା ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇସାରିଛନ୍ତି; ସ୍ଥଳ ବିଶେଷରେ ଦୁଇପାଦ ଆଗକୁ ଯାଇଛନ୍ତି। ଏ ସବୁ ସତ୍ତ୍ୱେ ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନୋତ୍ତର ଭାରତର ୭୯ ବର୍ଷର ଗଣତନ୍ତ୍ରର ଜୟଯାତ୍ରାରେ ମହିଳାମାନେ ଯଥୋଚିତ ନ୍ୟାୟ, ସ୍ଥାନ ଓ ସମ୍ମାନ ପାଇ ନାହାନ୍ତି- ଏହି ନିଷ୍ଠୁର ସତ୍ୟକୁ ସ୍ୱୀକାର କରିବାକୁ ହେବ। ଲିଙ୍ଗଭେଦ ଆଧାରିତ ବିଷମ ପରିବେଶରେ ସମାନ ପଦବୀରେ ନିୟୋଜିତ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ଆଜି ମଧ୍ୟ ହାରାହାରି ୪୮% କମ୍। ଦେଶର ପ୍ରଥମ ୫୦୦ ବୃହତ୍ ଶିଳ୍ପାନୁଷ୍ଠାନ ବା ବ୍ଲୁଚିପ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ପଦରେ ମହିଳାଙ୍କ ସଂଖ୍ୟା ମାତ୍ର ୧.୬%। ଜିଡିପିରେ ୩୦% ଅବଦାନ ରଖୁଥିବା ଏବଂ ଦେଶର ୨୦ କୋଟି ଶ୍ରମଜୀବୀ ନିୟୋଜିତ ଥିବା ଏମ୍‌ଏସ୍‌ଏମ୍‌ଇର ମାତ୍ର ୨୨% ମାଲିକାନା ମହିଳାଙ୍କ ହାତରେ ରହିଛି, ଯାହାର ଲାଭାଂଶ ବା କାରବାର ନଗଣ୍ୟ। ଭାରତର ଷ୍ଟେମ୍(ସାଇନ୍ସ, ଟେକ୍ନୋଲଜି, ଇଞ୍ଜିନିୟରିଂ, ମ୍ୟାଥମେଟିକ୍ସ) ଗ୍ରାଜୁଏଟ୍‌ଙ୍କ ମଧ୍ୟରୁ ୪୩% ମହିଳା(ଆମେରିକାରେ ୩୪%, ୟୁରୋପରେ ୩୨%, ଓଇସିଡିରେ ୩୩%); ଅଥଚ ଗବେଷଣା ଓ ବିକାଶ କ୍ଷେତ୍ରରେ ମହିଳାଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ମାତ୍ର ୧୯%। କ୍ରୀଡ଼ାରେ ଉଭୟ ପୁରୁଷ ଓ ମହିଳା ସମନୈପୁଣ୍ୟ ପ୍ରଦର୍ଶନ କରୁଥିବା ବେଳେ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ନୈରାଶ୍ୟଜନକ। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ ମହିଳା ଖେଳାଳିଙ୍କ ପାରିଶ୍ରମିକ ପୁରୁଷ ଖେଳାଳିଙ୍କ ସହିତ ସମାନ କରିବା ପାଇଁ ଦୀର୍ଘଦିନ ପୂର୍ବରୁ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାର ମାନସିକତା ସୃଷ୍ଟି କରିପାରିନାହିଁ। ପୁରୁଷ ପ୍ରାଧାନ୍ୟ ମାନସିକତା ଯୋଗୁଁ ମହିଳାମାନଙ୍କ ଖେଳର ସିଧା ପ୍ରସାରଣ କ୍ୱଚିତ ହୁଏ ଏବଂ ପ୍ରାୟୋଜକମାନେ କ୍ୱଚିତ ଆଗ୍ରହ ପ୍ରଦର୍ଶନ କରନ୍ତି। ଭାରତୀୟ ଧର୍ମଧାରଣାରେ ନାରୀମାନଙ୍କୁ ଆମେ ଶକ୍ତିସ୍ୱରୂପିଣୀ ଓ ଅସୁରମର୍ଦ୍ଦିନୀ ଭାବେ ପୂଜା କରୁ, ଅଥଚ ସେନାବାହିନୀରେ ମହିଳା କ୍ୟାଡରଙ୍କୁ କମିଶନ୍ ର୍‌ୟାଙ୍କ ଦେବା ପାଇଁ ଆଜି ମଧ୍ୟ ଆମେ କୁଣ୍ଠିତ।

ସନାତନ ଧର୍ମରେ ପ୍ରଗାଢ଼ ବିଶ୍ୱାସୀ ଦେବଭୂମି ଭାରତର ଅନ୍ୟତମ ବିଡ଼ମ୍ବନା ହେଉଛି ଲିଙ୍ଗଭେଦ ବିଲକ୍ଷଣଟି ପୌରାଣିକ ଯୁଗରୁ ପ୍ରବାହମାନ। ସମୟସ୍ରୋତରେ ଅନେକ କିଛି ପରିବର୍ତ୍ତନ ଘଟିଥିଲେ ମଧ୍ୟ ମହିଳାଙ୍କୁ ସମାଦର କରିବାର ମାନସିକତାରେ ଉତ୍ତରଣ ଘଟିପାରିନାହିଁ। ଆମେ ମହାଳୟାରେ ମାତୃଶକ୍ତିକୁ ଆବାହନ କରୁ; ଅଥଚ ସେଦିନର ଶ୍ରାଦ୍ଧରେ କେବଳ ପିତୃ ଓ ମାତାମହ(ଅଜା) ତିନିପୁରୁଷଙ୍କୁ ପିଣ୍ଡଦାନ ହୁଏ; ମାଆ ଓ ଆଈମାନଙ୍କୁ ନୁହେଁ। ବୈଶ୍ୱୋଦେବରେ ମଧ୍ୟ ମାତୃପକ୍ଷଙ୍କୁ ଅନ୍ନଦାନର ବିଧି ଶାସ୍ତ୍ରସମ୍ମତ ନୁହେଁ। ଏହି ଇଚ୍ଛାକୃତ ପକ୍ଷପାତିତା ବୈଦିକ ଯୁଗରୁ ପ୍ରଚଳିତ ନା ପରବର୍ତ୍ତୀ ଯୁଗରେ ପ୍ରକ୍ଷିପ୍ତ, ତାହା ଗବେଷଣାସାପେକ୍ଷ ନିଶ୍ଚୟ; କିନ୍ତୁ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥାଟି କେତେ ସ୍ୱାର୍ଥପର ଏବଂ ମହିଳାଙ୍କ ପ୍ରତି କେତେ ନିଷ୍ଠୁର ତାହା ପ୍ରମାଣିତ। ସ୍ୱାମୀ ଓ ପିଲାମାନଙ୍କର ଅଇଁଠା ଥାଳିରେ କିମ୍ବା ସେମାନେ ଛାଡ଼ିଥିବା ଖାଦ୍ୟ ଖାଇବା ଆଜି ମଧ୍ୟ ମହିଳାମାନଙ୍କର ଭାଗ୍ୟଲିଖନ। ଯିଏ ରାନ୍ଧିବ ସିଏ ଗରମ ସଜ ଖାଇବାର ଅଧିକାର କିମ୍ବା ଅନୁମତି ନାହିଁ। ବୋଧହୁଏ ଏହି ମାନସିକତା ଆଧାରରେ ମହାଳୟା କିମ୍ବା ବୈଶ୍ୱୋଦେବରେ ମହିଳାମାନଙ୍କୁ ଅନ୍ନଦାନର ବିଧିଟି ଉଠାଇ ନିଆଯାଇଛି ଏବଂ ଦିବଙ୍ଗତ ପୁରୁଷମାନଙ୍କୁ ଅର୍ପଣ ଅନ୍ନର ଉଚ୍ଛିଷ୍ଟ ସେମାନଙ୍କ ଦିବଙ୍ଗତ ଧର୍ମପତ୍ନୀମାନେ ଗ୍ରହଣ କରିବାର ପରମ୍ପରାଟି ଆମେ ଇହଲୋକରୁ ବିନା ବାଧାରେ ପିତୃଲୋକ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଦେଇଛୁ। ଯେଉଁ ମାଆ ପିଲାକୁ ଜନ୍ମରୁ ଖୁଆଇ ପିଆଇ ଅଳିଅର୍ଦ୍ଦଳି ସହି ମଣିଷ କଲା, ତା'କୁ ହିଁ ତା'ର ଅବର୍ତ୍ତମାନରେ ଅନ୍ନଦାନରୁ ବଞ୍ଚିତ କରିବା କେଉଁ ଶାସ୍ତ୍ର ଓ ତର୍କସମ୍ମତ? ଏହି ଅବାଞ୍ଛିତ ଓ ଅମାନବିକ ଧାରାଟିକୁ କ'ଣ ବଦଳା ଯାଇପାରିବ ନାହିଁ?

ସ୍ୱାଭାବିକ ଭାବରେ ଆମର ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ସୀତାମାନେ ହିଁ ଅଗ୍ନି ପରୀକ୍ଷା ଦିଅନ୍ତି; ଅହଲ୍ୟାମାନେ ହିଁ ପାଷାଣୀ ହୁଅନ୍ତି; ମାଙ୍ଗଳିକ ଉତ୍ସବରେ ଅପୁତ୍ରିକାଙ୍କ ଉପସ୍ଥିତି ଅଶୁଭ; ଅମଙ୍ଗଳା କନ୍ୟା ପ୍ରଥମେ ଶାହାଡ଼ା କିମ୍ବା କଦଳୀଗଛକୁ ବିବାହ କରିବାକୁ ଏବଂ ବିଧବାମାନେ ସନ୍ନ୍ୟାସିନୀର ଜୀବନ ଜିଇଁବାକୁ ଓ ହବିଷାନ୍ନ ଗ୍ରହଣ କରିବାକୁ ବାଧ୍ୟ। ଏତେ ସବୁ ଅପମାନ ଓ ଅପବାଦ କେବଳ ମହିଳାମାନଙ୍କ ପାଇଁ ହିଁ ସତେଯେପରି ବିଧିନିର୍ଦ୍ଦିଷ୍ଟ। ଅଥଚ ସମଦଶାଭୋଗୀ ପୁରୁଷମାନେ କଟକଣାମୁକ୍ତ। ପାରିବାରିକ ହିଂସା, ଯୌନ ଅତ୍ୟାଚାର, ଡାହାଣୀ ଅପବାଦ ଆଦି ନିର୍ଯାତନା, ଶୋଷଣର କୁତ୍ସିତ ଅବାଞ୍ଛିତ ଧାରା ସହିତ ମହିଳାମାନେ ଅଧିକାଂଶ ଯୋଡ଼ି ହୋଇଯା'ନ୍ତି। ଅଥଚ ସ୍ୱର ଉତ୍ତୋଳନର କ୍ଷମତା, ଅଧିକାର ଓ ସୁଯୋଗ ସେମାନଙ୍କ ପାଖରେ ନଥାଏ। ତେଣୁ ୨୦୦୬ରେ ଜନ୍ମ ନେଇ ୨୦୧୭ରେ ଯୁଗାନ୍ତକାରୀ ବିପ୍ଳବ ଆଣିଥିବା '# ମି ଟୁ' ଆନ୍ଦୋଳନ ପର୍ଯ୍ୟନ୍ତ ଉଚ୍ଚ ପଦପଦବୀରେ ଅଧିଷ୍ଠିତ, ସମ୍ଭ୍ରାନ୍ତ ଓ ପ୍ରତିପତ୍ତିଶାଳୀ ଧନାଢ୍ୟ ମହିଳାମାନେ ମଧ୍ୟ ଭୋଗୁଥିବା ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିବାର ସାହସ ଜୁଟାଇ ପାରି ନଥିଲେ। ଏହି ଆନ୍ଦୋଳନ ଅନେକ ନକଲି ଭଦ୍ରମୁଖାଧାରୀଙ୍କ ଅସଲି ଚେହେରାର ଉନ୍ମୋଚନ କରିଥିଲା। ଏହିକ୍ରମରେ ଏବେ ସମୟ ଆସିଛି '# ୱି ଟୁ: ଆମେ ମଧ୍ୟ ହକ୍‌ଦାର' - ଅଭିଯାନ ଆରମ୍ଭ କରିବାର।

ମହିଳାଙ୍କ ଏହି ହକ୍ ବା ଅଧିକାର ପାଇଁ କିନ୍ତୁ ଲଢ଼ିବ କିଏ? ଦେଶର ୭୫ ବର୍ଷର ନ୍ୟାୟିକ ଇତିହାସରେ ଏ ପର୍ଯ୍ୟନ୍ତ ମାତ୍ର ୧୧ ଜଣ ମହିଳା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି ଏବଂ ଏବେ ମାତ୍ର ଜଣେ ଅଛନ୍ତି। ଦେଶର ୨୫ଟି ଉଚ୍ଚ ନ୍ୟାୟାଳୟରେ ମହିଳା ବିଚାରପତିଙ୍କ ସଂଖ୍ୟା ମାତ୍ର ୭୬ ବା ୧୧.୭% ଥିବା ବେଳେ ଜିଲ୍ଲା ଅଦାଲତମାନଙ୍କରେ ସେମାନଙ୍କ ନିଯୁକ୍ତି ହାର ୨୮%। ସ୍ୱାଧୀନ ଗଣତାନ୍ତ୍ରିକ ଭାରତବର୍ଷରେ ୨୦୨୫ ନଭେମ୍ବର ସୁଦ୍ଧା ନୀତି ନିର୍ଦ୍ଧାରଣର ସର୍ବୋଚ୍ଚ ଅନୁଷ୍ଠାନ ଲୋକସଭା ଓ ରାଜ୍ୟସଭାରେ ମହିଳା ଜନପ୍ରତିନିଧି ହାର ଯଥାକ୍ରମେ ୧୩% ଓ ୧୭%। ସାମଗ୍ରିକ ଭାବେ ସବୁରାଜ୍ୟର ବିଧାନପାଳିକାରେ ସେମାନଙ୍କ ହାରାହାରି ସଂଖ୍ୟା ମାତ୍ର ୧୦%। ଜନସଂଖ୍ୟାରେ ପ୍ରାୟ ଅଧା ଅଂଶ ଥିବା ମହିଳାମାନଙ୍କ ପାଇଁ ବିଧାନପାଳିକାରେ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗି ଆମ ସଂସଦ କୁଣ୍ଠିତ। ବାଧ୍ୟବାଧକତାରେ ୨୦୨୩ରେ ଏ ସମ୍ପର୍କିତ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ୨୦୨୯ ପର୍ଯ୍ୟନ୍ତ ଗଡ଼ାଇ ନେବାରେ ପୁରୁଷକୈନ୍ଦ୍ରିକ ମାନସିକତାର ପ୍ରତିଫଳନ ସ୍ପଷ୍ଟ। ତେଣୁ ପୁଣି ସନ୍ଦେହ ବିଜଡ଼ିତ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ମହିଳା ସଶକ୍ତୀକରଣ ସ୍ଲୋଗାନ୍‌କୁ ବାସ୍ତବବାଦୀ କରିବା ଲାଗି ଆବଶ୍ୟକ ନୀତି ନିର୍ଦ୍ଧାରଣ ଓ ରୂପାୟନ କରିବ କିଏ?

ବିଖ୍ୟାତ ଆମେରିକୀୟ ସମାଜିକ କର୍ମୀ, ସାମ୍ବାଦିକ, ସ୍ତମ୍ଭକାର ଗ୍ଲୋରିଆ ଷ୍ଟିନେମ୍‌ଙ୍କ 'ଇଫ୍ ମେନ୍ କୁଡ୍ ମେନ୍‌ଷ୍ଟ୍ରୁଏଟ୍'(ପୁରୁଷମାନଙ୍କର ମଧ୍ୟ ଯଦି ଋତୁସ୍ରାବ ହେଉଥା'ନ୍ତା) ଶୀର୍ଷକ ଆଲେଖ୍ୟଟିଏ ୧୯୭୮ ମସିହାରେ ପ୍ରକାଶ ପାଇଥିଲା। ସେହି ଆଲେଖ୍ୟ ଆଧାରରେ ପ୍ରଖ୍ୟାତ ଭାରତୀୟ ବ୍ୟଙ୍ଗକାର ଉରୁଜ୍ ଆଶ୍‌ଫାକ୍ ଏକ ହାସ୍ୟୋଦ୍ଦୀପକ ଅଥଚ ଚେତନାଧର୍ମୀ ସମ୍ବେଦନଶୀଳ କଥାଟିଏ କହିଥିଲେ, ଯାହାର ମର୍ମାନୁବାଦ ହେଉଛି, 'ଯଦି ପୁରୁଷମାନଙ୍କର ଋତୁସ୍ରାବ ହେଉଥା'ନ୍ତା, ତେବେ ୧୫୦ ଥର ପରେ ସେମାନେ ଜୟନ୍ତୀ ପାଳନ କରୁଥା'ନ୍ତେ, ଏକ ଋତୁସ୍ରାବ ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିଟିଏ ଗଠନ ହୋଇସାରିଥା'ନ୍ତା। ଅଥଚ ମହିଳାମାନଙ୍କ ପାଇଁ ଛୁଟିଟିଏ ମଧ୍ୟ ମଞ୍ଜୁର ହୋଇପାରୁନାହିଁ।'

ଏଭଳି ସ୍ୱାର୍ଥସର୍ବସ୍ୱ ଓ ଅନ୍ଧବିଶ୍ୱାସର ପରିବେଶରେ ଆଶା, ଆଶ୍ୱାସନା ଓ ପ୍ରେରଣାର କ୍ଷୀଣ କିରଣଟିଏ ଦେଖାଯାଉଛି। ମହିଳାମାନେ ସ୍ମରଣ କରିବା ଆବଶ୍ୟକ ଯେ ଭାରତର କୃଷି କ୍ଷେତ୍ରରେ ନିୟୋଜିତ ମାନବ ସମ୍ବଳରେ ମହିଳାଙ୍କ ଅବଦାନ ୬୦%। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଶା କର୍ମୀ ଆଜି ଦେଶର ଜନସ୍ୱାସ୍ଥ୍ୟର ମେରୁଦଣ୍ଡ ଏବଂ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି ଦିଦି ଶିକ୍ଷା ବ୍ୟବସ୍ଥାର ଭିତ୍ତିଶିଳା। ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାର ତୃଣମୂଳସ୍ତରରେ ମହିଳାମାନଙ୍କ ଉପସ୍ଥିତି ୩୩%; ଓଡ଼ିଶା ପରି କେତେକ ରାଜ୍ୟରେ ଏହା ୫୦%। ସେଠାରୁ ଆରମ୍ଭ ହେଉ ଏହି ଅଭିଯାନ। '# ୱି ଟୁ' ଏହି ସ୍ୱର ତୃଣମୂଳସ୍ତରରୁ ଆରମ୍ଭ ହୋଇ ଜାତୀୟ ଆନ୍ଦୋଳନର ରୂପ ନେଉ। ମହିଳାମାନେ ନିଜକୁ ଦୃଢ଼ ଭାବେ ଉପସ୍ଥାପନ କରନ୍ତୁ ଯେ ପ୍ରଗତି ଯାତ୍ରାରେ ଏବଂ ସ୍ୱାଧୀନତାର ଅମୃତକାଳରେ ସେମାନେ କେବଳ ଅଂଶୀଦାର ନୁହନ୍ତି, ସେମାନେ ହିଁ ଚାଳକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଅମୃତରେ ବିଷ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଅମୃତ ରୂପେ ବିଦିତ କ୍ଷୀର ଭାରତରେ ପ୍ରଚୁର ପରିମାଣରେ ବ୍ୟବହୃତ ହୁଏ। କିନ୍ତୁ ଏହାର ପୁଷ୍ଟିକର ଖ୍ୟାତି ପଛରେ ଗମ୍ଭୀର ପ୍ରଶ୍ନଟିଏ ରହିଛି, ଯାହା ଜନସ୍ୱାସ୍ଥ୍ୟ ଓ ଗ୍ରାହକଙ୍କ ବିଶ୍ୱାସ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଣି, ଷ୍ଟାର୍ଚ୍ଚ, ଡିଟରଜେଣ୍ଟ, ୟୁରିଆ, କଷ୍ଟିକ୍ ସୋଡା, ମାଲ୍ଟୋଡେକ୍ସଟ୍ରିନ୍ ଓ ଅତ୍ୟନ୍ତ ବିପଜ୍ଜନକ ରାସାୟନିକ ପଦାର୍ଥ କ୍ଷୀରରେ ମିଶାଯାଏ। ପରିମାଣ ବୃଦ୍ଧି କରିବା, ପରିଚୟ ପରିବର୍ତ୍ତନ କରିବା କିମ୍ବା ଗୁଣବତ୍ତା ପରୀକ୍ଷାକୁ ଠକିବା ପାଇଁ ଏଗୁଡ଼ିକୁ ବ୍ୟବହାର କରାଯାଏ। ପେରୋକ୍ସାଇଡ୍ କର୍କଟ ରୋଗ ସୃଷ୍ଟିକାରୀ ବୋଲି ଜଣାଶୁଣା। ଏହା ମଧ୍ୟ ଯକୃତ ଓ ବୃକ୍‌କ ଭଳି ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ। ପ୍ରଚୁର ଆର୍ଥିକ ଲାଭ ପାଇଁ ଏହି ଅନୈତିକ କାରବାର କ୍ଷୀରର ପ୍ରାକୃତିକ ପୁଷ୍ଟିକର ଗୁଣବତ୍ତା ଓ ମୂଲ୍ୟକୁ କ୍ଷତି ପହଞ୍ଚାଇବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରେ।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ସରକାରୀ ଭାବେ ତିନି ବର୍ଷ ମଧ୍ୟରେ ନିଆଯାଇଥିବା ଦୁଗ୍ଧଜାତ ଦ୍ରବ୍ୟର ନମୁନା ପରୀକ୍ଷଣ ସମ୍ପର୍କିତ ତଥ୍ୟ ପ୍ରକାଶ କରିଛନ୍ତି। ଏହି ସଂସ୍ଥାର ରିପୋର୍ଟ ଅନୁଯାୟୀ ଫର୍ମାଲିନ୍ ଓ ହାଇଡ୍ରୋଜେନ୍(କ୍ଷୀରରେ ଚର୍ବି ବୃଦ୍ଧି ପାଇଁ ବ୍ୟବହୃତ) ଭଳି ରାସାୟନିକ ପଦାର୍ଥ ସହିତ ଅପମିଶ୍ରିତ କ୍ଷୀର ପ୍ରସ୍ତୁତି ତାଲିକାରେ ଉତ୍ତରପ୍ରଦେଶ ଶୀର୍ଷରେ ଅଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶର ଅନେକ ସହରରେ କ୍ଷୀର ଅପମିଶ୍ରଣ ଜନିତ ଘଟଣା ପଦାକୁ ଆସିଛି। ତାଲିକାରେ ରାଜସ୍ଥାନ ଦ୍ୱିତୀୟ, ତାମିଲନାଡୁ ତୃତୀୟ ଓ କେରଳ ଚତୁର୍ଥ ସ୍ଥାନରେ ଅଛି। ଉତ୍ତରପ୍ରଦେଶରେ ଅପମିଶ୍ରିତ କ୍ଷୀର ବିକ୍ରୟ କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସମୁଦାୟ ୧୯୨୮ଟି ମାମଲା ପଞ୍ଜିକୃତ ହୋଇଛି। ତାମିଲନାଡୁରେ ୯୪୪, କେରଳରେ ୭୩୭, ମହାରାଷ୍ଟ୍ରରେ ୧୯୧ ଓ ବିହାରରେ ୧୭୪ ମାମଲା ପଞ୍ଜିକୃତ ହୋଇଛି।

ଆମୋନିଆ ଓ ୟୁରିଆ ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାଦକୁ ଲୁଚାଇବା ପାଇଁ ଏବେ ଷ୍ଟାର୍ଚ୍ଚ ମିଶାଯାଉଛି। ମେସିନ୍ ଓ ଲ୍ୟାବ ପରୀକ୍ଷା ବିନା ଅପମିଶ୍ରିତ କ୍ଷୀର ଚିହ୍ନଟ କରିବା କ୍ରମଶଃ କଷ୍ଟକର ହୋଇପଡୁଛି। ଜାତୀୟ କ୍ଷୀର ସୁରକ୍ଷା ଓ ଗୁଣବତ୍ତା ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ମାନବ ସ୍ୱାସ୍ଥ୍ୟ ପାଇଁ ହାଇଡ୍ରୋଜେନ ପେରକ୍ସାଇଡ, ୟୁରିଆ ଓ ଡିଟରଜେଣ୍ଟ ସହିତ ଦୂଷିତ କ୍ଷୀରକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ତଥ୍ୟ ଅନୁଯାୟୀ ଭାରତ ଉତ୍ପାଦନ ଅପେକ୍ଷା ଅଧିକ କ୍ଷୀର ବ୍ୟବହାର କରୁଥିବାରୁ ଏଭଳି କୃତ୍ରିମ କ୍ଷୀରର ବଜାର ଅଂଶ ବଢ଼ିବାରେ ଲାଗିଛି। ଭାରତରେ କ୍ଷୀର ଉତ୍ପାଦନ ୨୦୧୩-୧୪ ରେ ୧୪.୬୯ କୋଟି ଟନ୍‌ରୁ ବୃଦ୍ଧି ପାଇ ଆଜି ୨୩.୦୬ କୋଟି ଟନ୍‌ରେ ପହଞ୍ଚିଛି। ବିଶ୍ୱରେ ହାରାହାରି ବାର୍ଷିକ ଦୁଗ୍ଧ ଉତ୍ପାଦନ ଅଭିବୃଦ୍ଧି ହାର ୨%। ଭାରତରେ ଏହା ପ୍ରତିବର୍ଷ ୬% ହାରରେ ବୃଦ୍ଧି ପାଉଛି।

ଭାରତରେ କ୍ଷୀର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ୬୮ ପ୍ରତିଶତ ସଂସ୍ଥା ଅସଂଗଠିତ। ଏହାକୁ ସଂଗଠିତ ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାରୀ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ଦେଶରେ କ୍ଷୀର ଉତ୍ପାଦନର ମୂଲ୍ୟ ବାର୍ଷିକ ୧୧.୧୬ ଲକ୍ଷ କୋଟି ଟଙ୍କା। କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶରେ ଗୋରୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ବିଶେଷକରି ଗାଈଙ୍କ ସଂଖ୍ୟା ୧୯.୦୯ କୋଟିରୁ ୧୯.୩୦ କୋଟିକୁ ଏବଂ ମଇଁଷିଙ୍କ ସଂଖ୍ୟା ୧୦.୮ କୋଟିରୁ ୧୧କୋଟିକୁ ବୃଦ୍ଧି ପାଇଛି। ପଶୁପାଳନ ଓ ଦୁଗ୍ଧ ଶିଳ୍ପରେ ୧୨ କୋଟିରୁ ଅଧିକ ଲୋକ ନିଯୁକ୍ତ ଓ ଜଡ଼ିତ ହୋଇଛନ୍ତି।

ଭାରତ, ଆମେରିକା ଓ ୟୁରୋପ ସମେତ ଅନେକ ଦେଶରେ ଅପମିଶ୍ରଣ କ୍ଷୀର ବିରୋଧରେ କଠୋର ଆଇନ ଅଛି। ଚୀନରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ଅଛି। ଖାଦ୍ୟରେ ଭେଜାଲ, ବିଶେଷକରି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟକୁ ଏକ ଗମ୍ଭୀର ଅପରାଧ ଭାବରେ ବିବେଚନା କରାଯାଏ। ଚୀନରେ୨୦୦୮ ମସିହାରେ ମେଲାମାଇନ୍ ଦୁର୍ନୀତି ପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହି ଦୁର୍ନୀତି ଫଳରେ ଭେଜାଲ କ୍ଷୀର ଓ ପାଉଡର ଯୋଗୁଁ ହଜାର ହଜାର ପିଲା ଅସୁସ୍ଥ ଓ ମୃତ୍ୟୁବରଣ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କୁ ଆଜୀବନ କାରାଦଣ୍ଡ ଓ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇଥିଲା।

ଏହି ପରିପ୍ରେକ୍ଷୀରେ କ୍ଷୀର ଉତ୍ପାଦକମାନଙ୍କୁ ନୈତିକ ମାନଦଣ୍ଡ ପାଳନ କରିବାକୁ ପଡ଼ିବ ଏବଂ ଲାଭ ଅପେକ୍ଷା ଗୁଣବତ୍ତା ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ଏହି ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରକ, ନିୟାମକ, ଦୁଗ୍ଧ ଶିଳ୍ପ ଓ ଗ୍ରାହକଙ୍କ ମିଳିତ ପ୍ରୟାସ ଆବଶ୍ୟକ। ବିଭିନ୍ନ ପ୍ରକାରର ଭେଜାଲକୁ ସଠିକ୍ ଭାବରେ ଚିହ୍ନଟ କରୁଥିବା ଉନ୍ନତ ପରୀକ୍ଷଣ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ସରକାର କଠୋର ଖାଦ୍ୟ ସୁରକ୍ଷା ନିୟମାବଳୀ କାର୍ଯ୍ୟକାରୀ କରିବା ଆବଶ୍ୟକ, ଯେଉଁଥିରେ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ ଓ ଜରିମାନା ଅନ୍ତର୍ଭୁକ୍ତ ହେବା ଉଚିତ। ଗ୍ରାହକ ସଚେତନତା ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରି ଆମେ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେଇପାରିବା। ଏହା ଦୁଗ୍ଧକୁ ସୁରକ୍ଷିତ ଏବଂ ପୁଷ୍ଟିକର ଅଂଶ ଭାବରେ ରହିବାକୁ ନିଶ୍ଚିତ କରିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପାଷାଣଭେଦୀ

Fringed Bergenia or Hairy Leaf Bergenia - Bergenia ciliata

**ସୌଭାଗ୍ୟସୁନ୍ଦର**

ପାଷାଣଭେଦୀ ହିମାଳୟର ନାତିଶୀତୋଷ୍ଣ ଅଞ୍ଚଳରେ ୮୦୦ ରୁ ୩, ୦୦୦ ମିଟର ଉଚ୍ଚତା ମଧ୍ୟରେ ଦେଖିବାକୁ ମିଳେ। ଭାରତରେ ଏହା ଲୁସାଇ ପାହାଡ଼, ପଶ୍ଚିମବଙ୍ଗ, ଅରୁଣାଚଳ ପ୍ରଦେଶ, ମେଘାଳୟ, ହିମାଳୟ (କୁମାଓଁ), କ୍ୟୋଙ୍ଗନୋସଲା, କାର୍ପୋନାନାଗ, ସିକିମର ଗ୍ୟାଙ୍ଗଟକ ଓ ଉତ୍ତରାଖଣ୍ଡରେ ପ୍ରାକୃତିକ ଭାବରେ ବଢୁଥିବା ଜଣାଯାଏ। ଏହା ଏକ ପ୍ରମୁଖ ଆୟୁର୍ବେଦ ଔଷଧୀୟ ଉଦ୍ଭିଦ ଭାବରେ ଜଣାଶୁଣା, ଏବଂ ଭାରତରେ ଏହାକୁ ସାଧାରଣତଃ 'ପଥର ଫୋଡ଼ ବୁଟି' ଅର୍ଥାତ 'ପତ୍ରକୁ ଫଟାଇବା କ୍ଷୁପ' ବୋଲି କୁହାଯାଏ। ଏହାର ଫୁଲକୁ ଉତ୍ତରାଖଣ୍ଡର ପ୍ରସିଦ୍ଧ 'ଫୁଲ ଦେଇ ମହୋତ୍ସବ' ସମୟରେ ଅର୍ପଣ କରାଯାଏ।

ପାଷାଣଭେଦୀ ଏକ ଛୋଟ ବହୁବର୍ଷୀୟ ରାଇଜୋମାଟସ୍ ବା ଧାବକ କନ୍ଦ ବିଶିଷ୍ଟ କ୍ଷୁପ, ଯାହା ପ୍ରାୟ ୩୦ ସେମି ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଧାବକ କନ୍ଦ କଠିନ, ଉଚ୍ଚା ନୀଚା ଧାର ସହିତ ପିମ୍ପା ଆକାରର, ନଳାକାର, ଅନେକ ଛୋଟ ମୂଳ ବା ଚେର ବହନ କରିଥାଏ। ଲମ୍ବା ଡେଙ୍ଗ ବିଶିଷ୍ଟ ପତ୍ରସଂଖ୍ୟା ଅପେକ୍ଷାକୃତ କମ୍, ବିସ୍ତାରିତ, ମସୃଣ ଓ ବର୍ତ୍ତୁଳାକାର। ଫୁଲ ଡେଙ୍ଗ ଯୁକ୍ତ, ଗୋଲାପୀରୁ ବାଇଗଣୀ ବା ଧଳା ରଙ୍ଗର। ଫୁଲ ପାଖୁଡ଼ା ବର୍ତ୍ତୁଳାକାର, ଶୀର୍ଷ ଭାଗ ଦନ୍ତୁରିତ। ପୁଷ୍ପ ହର୍ମାଫ୍ରୋଡାଇଟ୍ ବା ଉଭୟ ଲିଙ୍ଗୀ। ୫ ଟି ଗୋଲାପୀ ବା ଲାଲ ରଙ୍ଗର ପାଖୁଡ଼ା ବହନ କରିଥାଏ। ପୁଂକେଶର ମଣ୍ଡଳ ଅନେକ କେଶ ଧାରଣ କରେ। ଡିମ୍ବାଶୟ ୪ କିମ୍ବା ୫ ଏକତ୍ରିତ ଯୋଡ଼ି ହୋଇ ରହିଥାଏ। ଫଳ କ୍ୟାପସୁଲାର ବା ସ୍ଫୋଟକ। କାର୍ପେଲ ବା ଫଳିକା ଏବଂ ଷ୍ଟାଇଲ୍ ବା ଶଳାକା ସବୁଜ କିମ୍ବା ଗୋଲାପୀ ବର୍ଣ୍ଣ। ବିହନ ସାଧାରଣତଃ ଅନେକ।

ପାଷାଣଭେଦୀ ପାରମ୍ପରିକ ଭାବରେ ମୂତ୍ର, ପାକସ୍ଥଳୀ, ଚର୍ମ, ଫୁସଫୁସ, ଯକୃତ, ସ୍ତ୍ରୀରୋଗ, ବୃକ୍‌କ, ପ୍ରଦାହ ଓ ସଂକ୍ରାମକ ରୋଗ ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ବିଶେଷକରି ଏହାକୁ ବୃକ୍‌କରେ ପଥର ତରଳାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଔଷଧ ଭାବରେ ବ୍ୟବହାର କରାଯାଉଥିବାରୁ ଭାରତୀୟ ଚିକିତ୍ସାରେ ଏହାକୁ 'ପାଷାଣଭେଦୀ' (ପଥର ତରଳାଇବା) ଭାବେ ପରିଚିତ। ଏହାର ମଧ୍ୟ ଜ୍ୱର, ପତଳାଝାଡ଼ା, ଫୁସଫୁସ ସଂକ୍ରମଣ, ମାଂସପେଶୀ ପୀଡ଼ା, ଲ୍ୟୁକୋରିଆ, ପାଇଲ୍ସ ବା ଅର୍ଶ, ପ୍ଲୀହା ବୃଦ୍ଧି, କାଶ, ଥଣ୍ଡା, ହୃଦରୋଗ, ଚକ୍ଷୁ ରୋଗ ଉପଶମରେ ବ୍ୟବହୃତ ହୁଏ। ପାଷାଣଭେଦୀରେ ବର୍ଗେନିନ୍, କ୍ୟାଟେଚିନ୍, ଗାଲିକ୍ ଏସିଡ୍, ଗାଲିସିନ୍, କ୍ୟାଟେଚିନ୍-୭-ଓ-ଗ୍ଲୁକୋସାଇଡ୍, ବିଟା-ସିଟୋଷ୍ଟେରୋଲ୍, ପାଶନୋଲାକ୍ଟୋନ୍, ସିଟୋଇଣ୍ଡୋସାଇଡ୍, କ୍ୱେରସିଟିନ୍, ଆଫ୍ଜେଲେଚିନ୍, ଫାଇଟୋକେମିକାଲ, ଉଚ୍ଚ ଆଣ୍ଟିଫଙ୍ଗାଲ୍, ଆଣ୍ଟିଭାଇରାଲ୍, ଆଣ୍ଟିପ୍ଲାଜମୋଡିଆଲ୍ ଓ ଆଣ୍ଟିବ୍ୟାକ୍ଟେରିଆଲ୍ ଦ୍ରବ୍ୟ ଗୁଣ ରହିଛି। ଏଥିସହିତ ବିଭିନ୍ନ ଶ୍ରେଣୀର ଯୌଗିକ ରସାୟନ ଯଥା ଫିନୋଲ୍, ଆଲକୋହଲ୍, ଟେର୍ପେନୋଏଡ୍, ଫ୍ୟାଟି ଏସିଡ୍, ଟାନିକ୍ ଏସିଡ୍, ଆଲବୁମେନ୍, ମ୍ୟୁସିଲେଜ୍, ଗ୍ଲୁକୋଜ୍, ମହମ, ମେଟାର୍ବିନ୍ ଓ ଖଣିଜ ଲବଣ ସହିତ ଜଡ଼ିତ ବିଭିନ୍ନ ପ୍ରକାରର ଦ୍ୱିତୀୟ ମେଟାବୋଲାଇଟ୍ ପୃଥକ ହୋଇଥିବା ରିପୋର୍ଟ କରାଯାଇଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଏହାକୁ ସାଧାରଣତଃ ଟନିକ୍ ଭାବେ ବ୍ୟବହାର କରାଯାଏ। ପାଷାଣଭେଦୀର ସର୍ବାଧିକ ବ୍ୟବହୃତ ଅଂଶ ହେଉଛି ରାଇଜୋମ୍ ଓ ମୂଳ। ପାରମ୍ପରିକ ଚିକିତ୍ସକମାନେ ଏହାକୁ ପ୍ରାୟତଃ ପାଉଡର ଆକାରରେ ବ୍ୟବହାର କରନ୍ତି।

ଏହା ସାଧାରଣତଃ ପଥୁରିଆ ପାହାଡ଼ରେ ମିଳିଥାଏ। ଉଦ୍ଭିଦଟି ପଥର ମଧ୍ୟରେ ଉତ୍ପନ୍ନ ହୁଏ ଏବଂ ସେଗୁଡ଼ିକୁ ଭାଙ୍ଗିବା ପରି ଦେଖାଯାଏ କିମ୍ବା ଏଥିରେ ଲିଥୋଟ୍ରିପ୍ସିକ୍ ଗୁଣ ଥାଏ। ପାଷାଣଭେଦୀ ଆର୍ଦ୍ର ଏବଂ ଛାଇ ଅଞ୍ଚଳରେ ଭଲ ଭାବରେ ବଢେ। କେତେକ ସମୟରେ ଖାଦ୍ୟ ପାଇଁ ମଧ୍ୟ ଏହି ଉଦ୍ଭିଦକୁ ଜଙ୍ଗଲରୁ ଅମଳ କରାଯାଏ। ଭାରତରେ ଏହାର ଏପର୍ଯ୍ୟନ୍ତ ଚାଷ କରାଯାଉଥିବା ଜଣାଯାଏ ନାହିଁ। ଏହି ଉଦ୍ଭିଦକୁ ଦୁର୍ବଳ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାକୁ ଜାତୀୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଆୟୁଷ ମନ୍ତ୍ରଣାଳୟର ଯୋଜନା ଅଧୀନରେ ଚାଷ ପାଇଁ ପ୍ରାଥମିକତାପ୍ରାପ୍ତ ଉଦ୍ଭିଦ ମଧ୍ୟରେ ମଧ୍ୟ ତାଲିକାଭୁକ୍ତ କରାଯାଇଛି। ଉଚ୍ଚ ରାଇଜୋମ୍ ଉତ୍ପାଦନ ଏବଂ ଗୁଣବତ୍ତା ସହିତ ଏହାର ବିକାଶ ପାଇଁ ଗବେଷଣା ଚାଲିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା’ କ୍ଷୀରରୁ...

ଜଳସେଚନ ପାଇଁ ଭୂତଳ ଜଳର ବହୁଳ ବ୍ୟବହାର ହୋଇଥାଏ। ବିନା ବିଶୋଧନରେ ଲୋକେ ଏହାକୁ ବ୍ୟବହାର କରୁଛନ୍ତି। ଚାଷ କାର୍ଯ୍ୟରେ ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାର ବଢ଼ିବାରୁ କ୍ଷୀରରେ ଆର୍ସେନିକ, ଲିଡ ଏବଂ ମରକୁରୀ ଭଳି ଧାତୁର ସ୍ତର ମଧ୍ୟ ବଢ଼ିଛି। ୟୁରାନିୟମ ବୃକକ ଉପରେ ପ୍ରଭାବ ପକାଇ ଥାଏ। ଏହା ସ୍ନାୟବିକ ସମସ୍ୟା ସୃଷ୍ଟି କରିଥାଏ। ଏହା ବଢ଼ି ଚାଲିଲେ କର୍କଟ ଭଳି ବିପଦ ସୃଷ୍ଟି ହୋଇଥାଏ। ତେବେ ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମଏ) ର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି। କାରଣ କ୍ଷୀରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ଧାର୍ଯ୍ୟ ସ୍ତରଠାରୁ କମ୍ ପରିମାଣର ୟୁରାନିୟମ ଥିବା ସେ କହିଛନ୍ତି।

ଏହା ପୂର୍ବରୁ ବିହାରରେ ମା’ କ୍ଷୀରରୁ ଲିଡ୍‌ର ମାତ୍ରା ଅଧିକ ଥିବା ଜଣାପଡ଼ିଥିଲା। ଗଙ୍ଗା ନଦୀ ଅବବାହିକା ଜିଲ୍ଲା ସମସ୍ତିପୁର, ଦରଭଙ୍ଗା, ବେଗୁସରାୟ, ଖଗଡ଼ିଆ, ମୁଙ୍ଗେର, ନାଳନ୍ଦାରେ ଏହା ମିଳିଥିଲା। ମହାବୀର କ୍ୟାନସର ଇନ୍‌ଷ୍ଟିଚ୍ୟୁଟର ରିସର୍ଚ୍ଚ ଡିପାର୍ଟମେଣ୍ଟରୁ ଏହାର ଖୁଲାସା ହୋଇଥିଲା। ଏହା ନବଜାତକର ମାନସିକ ବିକାଶରେ ପ୍ରଭାବ ପକାଇ ଥାଏ।

### ଶେଷ ମିନିଟ୍‌ରେ...

ଟିକଟ୍ ବାତିଲ୍ ହେଲେ ମଧ୍ୟ ୮୦% ପର୍ଯ୍ୟନ୍ତ ଅର୍ଥ ରିଫଣ୍ଡ ପ୍ରଦାନ କରିବ। ବୀମା ପାଇଁ ଏୟାରଲାଇନ୍ସ ଏବଂ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା ମାଧ୍ୟମରେ ପ୍ରିମିୟମ୍ ପ୍ରଦାନ କରାଯିବ। ବର୍ତ୍ତମାନ, ଉଡ଼ାଣର ୩ ଘଣ୍ଟା ମଧ୍ୟରେ ଟିକଟ ବାତିଲ୍‌କୁ ନୋ-ଶୋ’ ଭାବରେ ବିବେଚନା କରାଯାଏ ଏବଂ କୌଣସି ରିଫଣ୍ଡ ମିଳେନାହିଁ।

### ଦ୍ୱନ୍ଦ୍ୱ ବଢ଼ାଇଲା...

ବଙ୍ଗୋପସାଗରରେ ୨ ଟି ଲଘୁଚାପ ସୃଷ୍ଟି ହେଉଛି। ଗୋଟେ ଲଘୁଚାପ ଦକ୍ଷିଣ ଆଣ୍ଡମାନ ସାଗର ଓ ଆଖ ପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ବେଳେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଗତି କରୁଛି। ଅନ୍ୟପଟେ ଆଉ ଏକ ଲଘୁଚାପ ଦକ୍ଷିଣ ବଙ୍ଗୋପସାଗରରେ ମଧ୍ୟ ସୃଷ୍ଟି ହେବା ସମ୍ଭାବନା ରହିଛି। ତେବେ କେଉଁ ଲଘୁଚାପ ଶକ୍ତିଶାଳୀ ହେବ କିଏ ଦୁର୍ବଳ ହେବ ଏହା ଏଯାବତ ସ୍ପଷ୍ଟ ହେଉ ନଥିବାରୁ ବଙ୍ଗୋପସାଗରରେ ଯୋଡ଼ା ଲଘୁଚାପରୁ ଗୋଟିଏ ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେବ ବୋଲି ଡଃ ସାହୁ ପୂର୍ବାନୁମାନ କରିଛନ୍ତି। ତେଣୁ ଆସନ୍ତା ୪୮ ଘଣ୍ଟା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ବାତ୍ୟା କେତେ ସୁଦୃଢ଼ ହେବ କେଉଁ ଦିଗକୁ ଯିବ ଓଡ଼ିଶାରେ ଏହା ର ପ୍ରଭାବ ପଡିବ କି ନାହିଁ ତାହା ବର୍ତ୍ତମାନ ସ୍ପଷ୍ଟ ହେଉ ନାହିଁ। କିନ୍ତୁ ଡିସେମ୍ବର ପହିଲାରୁ ରାଜ୍ୟର ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ବିଭିନ୍ନ ମଡେଲ୍‌ର ବାତ୍ୟାକୁ ନେଇ ଦୁଇଟି ଦୃଶ୍ୟପଟ ଆଙ୍କୁଛନ୍ତି। ଏଥିରେ ଜିଏଫ୍‌ଏସ୍ ମଡେଲ୍ ବାତ୍ୟା ଦୁଇ ତାରିଖ ବେଳକୁ ଓଡ଼ିଶା ଉପକୂଳ ନିଟତର ହୋଇ ଓଡ଼ିଶାରେ ଘସି ହୋଇ ବଙ୍ଗଳାଦେଶ ମୁହାଁ ହୋଇପାରେ। ମାତ୍ର ଇସିଏମ୍‌ଡବ୍ଲୁଏଫ୍ ଏହାର ଆକଳନ ସମ୍ପୂର୍ଣ୍ଣ ଅଲଗା ରଖିଛି। ଏହି ମଡେଲ୍ ଅନୁଯାୟୀ ବାତ୍ୟାଟି ଡିସେମ୍ବର ୪ ତାରିଖ ବେଳକୁ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ନିକଟତର ହୋଇପାରେ। ମାତ୍ର ଏହାପରେ ବାତ୍ୟା ଦିଗ ପରିବର୍ତ୍ତନ କରି ଆନ୍ଧ୍ର ଓ ତାମିଲନାଡୁ ମୁହାଁ ହେବ। ଏମିତି ହେଲେ ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ି ନପାରେ। ଅନ୍ୟପଟେ ସାମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବନ୍ୟା ଓ ବାତ୍ୟା ପରିଚାଳନା କରିବାରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦେଶରେ ସବୁଠୁ ଆଗରେ। ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ତାକୁ ସାମ୍ନା କରିବାରେ ଆମ ରାଜ୍ୟର ବିପର୍ଯ୍ୟୟ ପପରିଚାଳନା ବିଭାଗ, ଅଗ୍ନିଶମ ବିଭାଗ, ଓଡିଆରଏଫ, ଏନଡିଆରଏଫ ବିଭାଗ ଆଦି ନିକଟରେ ବହୁତ ଅନୁଭବ ରହିଛି। ଜିଲ୍ଲା ପ୍ରଶାସନର ମଧ୍ୟ ଚମତ୍କାର ପରିଚାଳନା ଦକ୍ଷତା ରହିଛି। ବିଗତ ଦିନରେ ଭଲ ଅଭିଜ୍ଞତା ଥିଲା ଏଥିରେ ଜିରୋ କାଜୁଆଲିଟି ରହିଛି। ତେଣୁ ଆମେ ସମ୍ଭାବ୍ୟ ବାତ୍ୟା ପାଇଁ ପୁରାପୁରି ପ୍ରସ୍ତୁତ ଅଛୁ ବୋଲି ମନ୍ତ୍ରୀ କହିଛନ୍ତି।

### ହୃଦୟବିଦାରକ ଓ...

ମହିଳାମାନେ ନିସ୍ତୁକ ମାଡ଼ ମାରିବା ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ। ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା’ମାନେ ସଫଳତାର ସିଡ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ। ମାତ୍ର ବିଜେପି ସରକାରରେ ମା’ମାନେ ସବୁଠୁ ଅସୁରକ୍ଷିତ ହୋଇପଡିଛନ୍ତି, ବିକାଶ ଠପ୍ ହୋଇଛି। ସରକାର ନିଦରୁ ଉଠନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି ନବୀନ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଗତ ୧୭ ମାସ ମଧ୍ୟରେ ମହିଳା ବିରୋଧୀ ହିଂସା ଉର୍ଦ୍ଧ୍ୱମୁଖୀ ହୋଇଛି । ବିଶେଷକରି ଦୁଷ୍କର୍ମ, ଗଣଦୁଷ୍କର୍ମର୍, ଅତ୍ୟାଚାର ପରି ଘଟଣା ସୀମା ଟପିଛି। ଗୋପାଳପୁର ଗଣଦୁଷ୍କର୍ମ, ବାଲେଶ୍ୱରରେ ଏଫଏମ କଲେଜରେ ଛାତ୍ରୀ ଆତ୍ମାହୂତି, ବଲଙ୍ଗା ଆତ୍ମାହୂତି ପରି ଘଟଣା ପାଇଁ ଓଡ଼ିଶା ସମଗ୍ର ଦେଶରେ ନିନ୍ଦିତ ହୋଇଛି। ଦିନକୁ ରାଜ୍ୟରେ ହାରାହାରି ୧୫ ମହିଳା ଓ ଯୁବତୀ ଦୁଷ୍କର୍ମ ବା ଗଣଦୁଷ୍କର୍ମର ଶିକାର ହେଉଛନ୍ତି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ନବୀନ ବାରମ୍ବାର ସ୍ୱର ଉତ୍ତୋଳନ କରିବା ସହ ସରକାର ନିଦରୁ ଉଠି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇ ଦେଇଛନ୍ତି।

### ୧୯ ଦିନରେ...

ହୋଇଛନ୍ତି। ମଧ୍ୟ ପ୍ରଦେଶର ରାୟସେନରେ ଶନିବାର ବିଏଲ୍‌ଓ ରମାକାନ୍ତ ପାଣ୍ଡେ ମୃତ୍ୟୁବରଣ କରିଛନ୍ତି। ସେହିପରି ବିଏଲ୍‌ଓ ଯୋଗେଶ ୪ ରାତି ଶୋଇ ପାରି ନାହାନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଅନ୍‌ଲାଇନ୍ ମିଟିଂ ପରେ ସେ ବୋହେଶ ହୋଇ ତଳେ ପଡିଯାଇଥିଲେ ଓ ତାଙ୍କର ଜୀବନ ରକ୍ଷା ହୋଇ ପାରିନଥିଲା। ସେହିପରି ଦମହୋରେ ୫୦ ବର୍ଷୀୟ ଶୀତାରାମ ଗୋଣ୍ଡ ଫର୍ମ ପୁରଣ କରୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ ଓ ଚିକିତ୍ସା ସମୟରେ ସେ ମୃତ୍ୟୁବରଣ କରିଥିଲେ। ସେହିପରି ରାୟସେନରେ ବିଏଲ୍‌ଓ ନାରାୟଣ ସୋନୀ ୬ ଦିନ ହେଲା ନିଖୋଜ ଅଛନ୍ତି। ଟାର୍ଗେଟ, ବିଳମ୍ବିତ ରାତିରେ ବୈଠକ ଓ ନୀଲମ୍ବନର ଚେତାବନୀ ଯୋଗୁ ସେ ଚିନ୍ତିତ ଥିଲେ। ଭୋପାଳରେ କାର୍ଯ୍ୟରତ ବିଏଲ୍‌ଓ କିର୍ତ୍ତୀ କୌଶଲ ଓ ମହମ୍ମଦ ଲଇକ୍ ଡ୍ୟୁଟି କରୁଥିବା ବେଳେ ହୃଦ୍‌ଘାତ୍‌ର ଶିକାର ହୋଇଥିଲେ ଓ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ନଭେମ୍ବର ୬ରେ ଦମୋହରରେ ସଡ଼କ ଦୁର୍ଘଟଣାରେ ଶ୍ୟାମ ଶର୍ମା (୪୫) ମୃତ୍ୟୁବରଣ କରିଛନ୍ତି। ଦତିଆର ଉଦୟଭାନ ସିହାର (୫୦) ନଭେମ୍ବର ୧୧ରେ ଆତ୍ମହତ୍ୟା କରିଥିଲେ।

### ଏସ୍‌ସିବିରେ ଡାଏଲିସିସ୍...

ଜରିଆରେ ପିଡି ଫ୍ଲୁଇଡ୍ ବ୍ୟବହାର ଦ୍ୱାରା ରୋଗୀର ରକ୍ତରୁ ବର୍ଜ୍ୟବସ୍ତୁ ଏବଂ ଅତ୍ୟଧିକ ତରଳ ପଦାର୍ଥ ନିଷ୍କାସନ କରାଯାଇଥାଏ। ଦୀର୍ଘବର୍ଷ ଧରି ଏସ୍‌ସିବିରେ ରୋଗୀଙ୍କୁ ନିଃଶୁଳ୍କରେ ଡାଏଲିସିସ ସେବା ଯୋଗାଇ ଦିଆଯାଉଛି। ଓଏସ୍‌ଏମସି ପକ୍ଷରୁ ପିଡି ଫ୍ଲୁଇଡ୍ ଯୋଗାଇ ଦିଆଯାଏ। ନଚେତ୍ ଡିଏମଇଟି କାର୍ଯ୍ୟାଳୟରୁ ଆସୁଥିବା ଅନୁଦାନ ଟଙ୍କାରେ ଏସ୍‌ସିବି କର୍ତ୍ତୃପକ୍ଷ ପିଡି ଫ୍ଲୁଇଡ୍ କ୍ରୟ କରିଥା’ନ୍ତି। ଏବେ ପିଡି ଫ୍ଲୁଇଡ୍ ନଥିବାରୁ ଡାଏଲସିସି ବନ୍ଦ ହୋଇ ଯାଇଥିବା ଅଭିଯୋଗ ଉଠିଛି।

## ସ୍କର୍ପିଓ ଧକ୍କାରେ ୨ ଗୁରୁତର

# ଗାଡ଼ି ଛାଡ଼ି ପଳାଇଲେ ବିଧାୟକ, ଚାଳକ






ଖୁଣ୍ଟା/କୁଆମରା, ୨୩।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ଟିଟିଆ ନିକଟ ଟାଙ୍ଗଣା ଛକରେ ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସ୍କର୍ପିଓ ଧକ୍କାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ପଠାଇବା ପରିବର୍ତ୍ତେ ବିଧାୟକ ଓ ତାଙ୍କ ଗାଡ଼ି ଚାଳକ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଉଦଳା-ବାରିପଦା ରାସ୍ତାର ତେରମାଇଲ ନିକଟରେ ରାସ୍ତା ଅବରୋଧ କରିଥିଲେ। ଗୁରୁତରଦ୍ୱୟ ହେଲେ, ମିଟୁ ସିଂ (୬୦) ଓ ସନ୍ନ୍ୟାସୀ ସିଂ (୫୫)।

ସୂଚନା ମୁତାବକ, ରବିବାର ସନ୍ଧ୍ୟା ପ୍ରାୟ ୫ଟାରେ ବିଧାୟକ ନିଜ ସ୍କର୍ପିଓରେ ବାରିପଦାରୁ ଉଦଳାକୁ ଯାଉଥିଲା। ଏହି ସମୟରେ ହାଟରୁ ସଉଦା ସାରି ମିଟୁ ଓ ସନ୍ନ୍ୟାସୀ ଏକ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ସ୍କର୍ପିଓଟି ସେମାନଙ୍କୁ ଧକ୍କା ଦେଇଥିଲା। କାର୍‌ଟି ଦୁହିଁଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବଉଳ ଗଛରେ ପିଟି ହୋଇ ଅଟକି ଯାଇଥିଲା। ଏହା ଦେଖି ବିଧାୟକ, ପିଏସ୍‌ଓ ଓ ଗାଡ଼ି ଚାଳକ ସେଠାରୁ ଗାଡ଼ି ଛାଡ଼ି ପଳାଇଥିଲେ। ଅପରପକ୍ଷେ, ଗୁରୁତର ମିଟୁ ଓ ସନ୍ନ୍ୟାସୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଏକ ସ୍ପର୍ଶକାତର ଘଟଣା ପରେ ବିଧାୟକ ଶ୍ରୀ ହାଁସଦା ଗୁରୁତରଙ୍କୁ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ବିଧାୟକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# ହେଲ୍‌ମେଟ୍‌ଧାରୀ କୁରୁପତି ଓ ଚିଣ୍ଟୁଙ୍କୁ ସାକ୍ଷୀ ଚିହ୍ନିଲେ କିପରି?

ବ୍ରହ୍ମପୁର, ୨୩।୧୧(ସମିସ): ସ୍ଥାନୀୟ ବୈକୁଣ୍ଠନଗର ବିଟ୍ ରାସ୍ତାରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହେଲମେଟ୍ ପିନ୍ଧିଥିବା ୨ଜଣ ଆତତାୟୀ ଗୁଳି କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଆଇଜି ନିତିଶେଖର, ବ୍ରହ୍ମପୁର ଅତିରିକ୍ତ ଦାୟିତ୍ୱରେ ଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଓ

### ଆଇନଜୀବୀ ମଦନ ଦଳାଇଙ୍କ ଜାମିନ ଆବେଦନ ଖାରଜ

ଅନ୍ୟ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଏପରିକି, ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ବୟାନ ରେକର୍ଡ କରାଯାଇଥିଲା। ଘଟଣାର ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସକୁ ପ୍ରାୟ ୧୨ଦିନ ଲାଗିଥିଲା। ପରେ ପୁଲିସ ପର୍ଯ୍ୟାୟକ୍ରମେ ଜଣଙ୍କ ପରେ ଜଣଙ୍କୁ ଉଠାଇ ନେଇ ଜେରା କରିଥିଲା। କିଛି ଦିନର ଜେରା ପରେ ସାକ୍ଷୀଙ୍କ ବୟାନ ଓ ପୁଲିସର ତଦନ୍ତ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ପୀତବାସଙ୍କୁ ଗୁଳି କରିବା ବେଳେ ଗାଡ଼ି ଚଳାଉଥିବା ଚିଣ୍ଟୁ ପ୍ରଧାନଙ୍କ ସମେତ ୧୨ଜଣଙ୍କୁ ପୁଲିସ ପ୍ରଥମେ ଗିରଫ କରିଥିଲା। ବର୍ତ୍ତମାନ ଗିରଫ ସଂଖ୍ୟା ୧୬ରେ ପହଞ୍ଚିଛି। ବଡ଼ କଥା ହେଲା, ପୁଲିସ କହିବା ପ୍ରକାରେ ପୀତବାସ ପଣ୍ଡାଙ୍କୁ ଦୁଇଜଣ ହେଲମେଟ ପିନ୍ଧିଥିବା ଯୁବକ ‘ପଣ୍ଡାବାବୁ ନମସ୍କାର’ କହି ଗୁଳି ଚଳାଇ ହତ୍ୟା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ





ଦୁହେଁ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିବା ନେଇ କେଉଁ ସାକ୍ଷୀ ପୁଲିସକୁ ସୂଚନା ଦେଲେ ଏବଂ ସାକ୍ଷୀଜଣଙ୍କ ହେଲମେଟ ପିନ୍ଧିଥିବା ଦୁଇ ଯୁବକଙ୍କୁ କୁରୁପତି ଓ ଚିଣ୍ଟୁ ବୋଲି ଜାଣିଲେ କିଭଳି।

ଯେଉଁ ସାକ୍ଷୀଜଣଙ୍କ ପୁଲିସକୁ କୁରୁପତି ଓ ଚିଣ୍ଟୁଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି, ସେ ପୂର୍ବରୁ ଉଭୟଙ୍କ ସଂସ୍ପର୍ଶରେ ଆସିଥିଲେ କି? ଯଦି ନୁହେଁ, ତେବେ ହତ୍ୟାକାରୀ ଦୁଇଜଣ କୁରୁପତି ଓ ଚିଣ୍ଟୁ ବୋଲି କେମିତି ଜାଣିଲେ? ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ ପରେ ପୁଲିସ ପକ୍ଷରୁ ଜାରି ପ୍ରେସ ନୋଟ୍ ଓ ଅଭିଯୁକ୍ତଙ୍କୁ ମୁହଁଖୋଲି କୋର୍ଟଚାଲାଣ କରିବା ପ୍ରକ୍ରିୟା ଯୋଗୁ ହିଁ ସାକ୍ଷୀମାନେ କୁରୁପତି ଓ ଚିଣ୍ଟୁଙ୍କୁ ଚିହ୍ନିଥିବା ନେଇ ଆଲୋଚନା ହେଉଛି।

ହତ୍ୟାକାଣ୍ଡରେ ଗିରଫ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୮ଜଣଙ୍କର ଟିଆଇ ପରେଡ୍ ହୋଇଥିଲା। ସାକ୍ଷୀମାନେ ସେଥିରେ କେବଳ କୁରୁପତି ଓ ଚିଣ୍ଟୁଙ୍କୁ ହିଁ ଚିହ୍ନଟ କରିଥିବା ସୂଚନା ରହିଛି। ଇତିମଧ୍ୟରେ ପୁଲିସ ଦୁଇ ଦୁଇଥର କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଉମା ବିଷୋୟୀ ଓ ଯୋଗୀ ରାଉତଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା। ସେପଟେ ପୁଲିସ ଏହି ମାମଲାରେ ୨୫ରୁ ଉର୍ଦ୍ଧ୍ୱ ସାକ୍ଷୀଙ୍କୁ ରଖିବା ସହ ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରିଛି। ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି। ସେହିପରି ମାମଲାରେ ଗିରଫ ଆଇନଜୀବୀ ମଦନ ଦଳାଇଙ୍କ ପାଇଁ ତାଙ୍କ ଓକିଲ ଦୀପକ ପଟ୍ଟନାୟକ କରିଥିବା ଜାମିନ ଆବେଦନକୁ ଏସଡିଜେଏମ୍ ଖାରଜ କରିଛନ୍ତି। ସୋମବାର ପିଣ୍ଟୁ ଦାଶଙ୍କ ସର୍ତ୍ତମୂଳକ ଖଲାସ ନେଇ ଦାଖଲ ପିଟିସନର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ କମିଟି ବୈଠକ

# ଖରିଫ୍ ଓ ରବିରେ ସଂଗ୍ରହ ହେବ ୯୩ ଲକ୍ଷ ଟନ୍ ଧାନ

ଭୁବନେଶ୍ୱର, ୨୩।୧୧ (ସମିସ): ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଏହି ସଂଖ୍ୟା ୧୭.୫୦ଲକ୍ଷ ଥିଲା। ଏବର୍ଷ ୯୩ ଲକ୍ଷ ମେଟ୍ରିକ୍ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ମୁଖ୍ୟ

### ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ ଏବଂ ପରାମର୍ଶ

ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ କମିଟି ବୈଠକରୁ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ଧାନକ୍ରୟ ସହ ସଂପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଆସନ୍ତା ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ କରାଯିବା ପାଇଁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ନିର୍ଦ୍ଦିଷ୍ଟ କେଉଁ ତାରିଖରୁ ଆରମ୍ଭ ହେବ, ତାହା ଅମଳ ସ୍ଥିତିକୁ ଦେଖି ଜିଲ୍ଲାସ୍ତରୀର ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଧାନ କ୍ରୟ ସଂପର୍କିତ ସୂଚନା ଓ ପ୍ରଚାର ପ୍ରସାର ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ୩୧୩୪ଟି ସେବା ସମବାୟ ସମିତି ଓ ଲ୍ୟାମ୍ପସ୍ ଆଦି ଧାନ ସଂଗ୍ରହରେ ସାମିଲ ହେବେ। ୧୪୧୯ କଷ୍ଟମ ମିଲର ଧାନ ସଂଗ୍ରହ କରିବେ। ମୋଟ ୪୦୮୮ଟି ମଣ୍ଡି ଏବଂ ଏଫ୍‌ସିଆଇ ଏବଂ ଯୋଗାଣ ନିଗମର ୧୬୩ଟି ଗୋଦାମ ଘର ଥିବା ବେଳେ ସେସବୁର ନିଜସ୍ୱ ଓ ଭଡ଼ାସୂତ୍ରରେ ମିଶାଇ ମୋଟ ୬.୬୮ ଲକ୍ଷ ମେଟ୍ରିକ୍ ଟନ୍ ଭଣ୍ଡାର କ୍ଷମତା ରହିଛି। ସମସ୍ତ ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ସରିଛି। ଶୀଘ୍ର ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ୨୫ନଭେମ୍ବର ସୁଦ୍ଧା ଏବଂ ବିଳମ୍ବରେ ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ନଭେମ୍ବର ୩୦ତାରିଖ ସୁଦ୍ଧା କୃଷକଙ୍କ ଜମି ଅନୁସାରେ ଆବଶ୍ୟକ ପ୍ରମାଣୀକୃତ ବ୍ୟବସ୍ଥା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଚାଷୀ ପଞ୍ଜୀକରଣ, ରାଜ୍ୟରେ କେତେ ଜମିରେ ଧାନ ଚାଷ କରାଯାଇଛି, ତାହାକୁ ଡିଜିଟାଲ ସର୍ବେକ୍ଷଣ ସହିତ ସମନ୍ୱିତ କରି ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରକୃତ ଚାଷୀ ଯେପରି ଧାନ ବିକ୍ରୟ କରି ତାର ପ୍ରାପ୍ୟ ଠିକ୍ ସମୟରେ ପାଏ, ସେଥିପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

# ମଇଁଷି ଚରାଳିଙ୍କ ସନ୍ଦେହଜନକ ମୃତ୍ୟୁ

ଖଲ୍ଲିକୋଟ, ୨୩।୧୧ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଣିଆ ଗ୍ରାମର ଜଣେ ମଇଁଷି ଚରାଳିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ, କୈଳାଶ ଗୌଡ଼ (୪୫)। ଗତକାଲି ସେ ମଇଁଷି ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ୨୪ ଘଣ୍ଟା ପରେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି।



ସୂଚନାନୁଯାୟୀ, କୈାଳାଶ ଶନିବାର ମଇଁଷିପଲ ନେଇ ବାଣିଆ ନିକଟସ୍ଥ ଖାରିଣୀପଡ଼ା ଗ୍ରାମକୁ ଯାଇଥିଲେ। ଦିନ ୧୨ଟା ପରେ ମଇଁଷିମାନେ ସେଠାରେ ଚରୁଥିବା ବେଳେ କୈଳାଶଙ୍କ ଦେଖାନଥିଲା। ପରିବାରଲୋକେ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ଖବର ପାଇ ଖଲ୍ଲିକୋଟ ଅଗ୍ନିଶମବାହିନୀ ପହଞ୍ଚି ନିକଟରେ ଥିବା ଏକ ଦଳଭର୍ତ୍ତି ପୋଖରୀରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇ ଫେରି ଆସିଥିଲେ। କୈଳାଶଙ୍କ ପତ୍ନୀ ବନିତା ଗୌଡ଼ ରବିବାର ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ରବିବାର ମଧ୍ୟାହ୍ନରେ ପୁଣି ଅଗ୍ନିଶମ ବାହିନୀ ପୋଖରୀ ଭିତରେ ଖୋଜାଖୋଜି କରିବା ପରେ କୈଳାଶଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବେଆଇନ ଲଘୁ ଖଣିଜ ଚାଲାଣ; ୨୫ ଗାଡ଼ି ଜବତ

ଛତ୍ରପୁର, ୨୩।୧୧ (ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନ ଖଲ୍ଲିକୋଟ, ଛତ୍ରପୁର, ଚମାଖଣ୍ଡି, ହିଞ୍ଜିଳି, ସୋରଡ଼ା, ବଡ଼ଗଡ଼, ବେଗୁନିଆପଡା, ବେଲଗୁଣ୍ଠା ପୋଲସରା, ପୁରୁଷୋତ୍ତମପୁର ଓ କବିସୂର୍ଯ୍ୟନଗର ଥାନାରେ ଅଞ୍ଚଳରେ ବାଲି, ମୋରମ ଆଦି ଲଘୁ ଖଣିଜ ପଦାର୍ଥଗୁଡ଼ିକ ଚୋରାଚାଲାଣ ବେଳେ ଚଢ଼ଉ କରାଯାଇଛି। ଏନେଇ ଗୋଟିଏ ଦିନରେ ୨୫ଟି ଗାଡ଼ିକୁ ଧରିଛି ପୁଲିସ। ଯାଞ୍ଚ ବେଳେ ଗାଡି ଚାଳକ ଯେଉଁ ଫର୍ମ ଦେଖାଇଥିଲେ ତାହା ଇନ୍‌ଭାଲିଡ୍ ରହିଥିବା ସୂଚନା ମିଳିଛି। ଏନେଇ ଏକ୍ସ ଯୋଗେ ସୂଚନା ଦିଆଯାଇଛି।

# ସ୍ୱର୍ଗଦ୍ୱାରରୁ ଫେରିଲା ଶବ

ପୁରୀ, ୨୩।୧୧(ସମିସ): ସ୍ୱର୍ଗଦ୍ୱାରରେ ଭିନ୍ନ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସ୍ୱର୍ଗଦ୍ୱାରକୁ ଦାହ ପାଇଁ ଆସିଥିବା ବ୍ୟକ୍ତି ଜୀବିତ ଥିବା ଆଶଙ୍କା କରିଥିଲେ ପରିଜନ। ତାଙ୍କୁ ସ୍ୱର୍ଗଦ୍ୱାରରୁ ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ସ୍ୱର୍ଗଦ୍ୱାରକୁ ଫେରିଥିଲା ମୃତଦେହ। ଶନିବାର ଏମିତି ଏକ ଘଟଣା ଘଟିଛି। ମୃତକ ହେଲେ, ପୁରୀର ମକୁନ୍ଦ ପ୍ରଧାନ। ଶନିବାର ବୃଦ୍ଧ ମକୁନ୍ଦଙ୍କୁ ଅସୁସ୍ଥ ଲାଗିବାରୁ ପରିବାରଲୋକେ ତାଙ୍କୁ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି। ତେଣୁ ପରିବାର ଲୋକେ ତାଙ୍କର ଅନ୍ତିମ ସଂସ୍କାର ପାଇଁ ସ୍ୱର୍ଗଦ୍ୱାରକୁ ନେଇଥିଲେ। ସେଠାରେ ଦାହ ଲାଗି ପ୍ରକ୍ରିୟା ଚାଲିଥିବା ବେଳେ ତାଙ୍କ ପାଟିରୁ ଫେଣ ବାହାରୁଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ତେଣୁ ସେ ଜୀବିତ ଥିବା ଆଶଙ୍କା କରି ପରିବାରଲୋକେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ପୁନର୍ବାର ମୃତ ଘୋଷଣା କରିଥିଲେ। ଫଳରେ ପୁନଶ୍ଚ ପରିବାରଲୋକେ ଶେଷକୃତ୍ୟ ପାଇଁ ତାଙ୍କୁ ସ୍ୱର୍ଗଦ୍ୱାର ନେଇଥିଲେ।

# ରାଜ୍ୟର ଏକମାତ୍ର କତାଶିଳ୍ପ ତାଲିମ କେନ୍ଦ୍ର ବନ୍ଦ

ପିପିଲି, ୨୩।୧୧(ସମିସ): ରାଜ୍ୟର ଏକମାତ୍ର କତା ଶିଳ୍ପ ତାଲିମ ଓ ରୂପାୟନ କେନ୍ଦ୍ର ଗତ ୪ବର୍ଷ ହେଲା ବନ୍ଦ ହୋଇ ପଡ଼ିଛି। ପୁରୀ ଜିଲ୍ଲା ତେଇଶିପୁରଠାରେ ୧୯୭୫ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଏହି ଶିଳ୍ପ ତାଲିମ କେନ୍ଦ୍ରଟି ପ୍ରତିଷ୍ଠା କରିଥିଲେ। ଏହି ତାଲିମ କେନ୍ଦ୍ରରେ ବିଭିନ୍ନ ପଦବୀ ଖାଲି ପଡ଼ିଥିବାରୁ ଏହା ଆଉ ଚାଲିପାରୁନାହିଁ। ତାଲିମ କେନ୍ଦ୍ରରେ ୯ଜଣ ବୈଷୟିକ କର୍ମଚାରୀଙ୍କ ସମେତ ୧୨ଜଣ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା ଅଛି। ପ୍ରତିବର୍ଷ ୩୦ଜଣ ବେକାର ଯୁବକ ଯୁବତୀ ଏଠାରେ ପ୍ରଶିକ୍ଷଣ ନେଇ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରୁଥିଲେ। ୨୦୨୩ ମସିହା ସୁଦ୍ଧା ଏଠାରୁ ୫୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ତାଲିମ ପାଇ ରୋଜଗାରକ୍ଷମ ହୋଇପାରିଛନ୍ତି। ରାଜ୍ୟର ୧୨ଟି ଜିଲ୍ଲାରେ ୧୫ ହଜାରରୁ ଅଧିକ ଲୋକଙ୍କୁ ଏହି କତା ଶିଳ୍ପ ତାଲିମ କେନ୍ଦ୍ର କର୍ମ ସଂସ୍ଥାନ ଯୋଗାଇଛି। ସେହି ୧୨ଟି ଜିଲ୍ଲାର କତା ଶିଳ୍ପ କେନ୍ଦ୍ରରେ ୨୫ଟି ବୈଷୟିକ ପଦ



ପୂରଣ ନ ହେବାରୁ ବାଲେଶ୍ୱର ଭୋଗରାଇ, ଜଗତସିଂହପୁରର ବାଲିକୁଦା ଓ ଗଞ୍ଜାମର ଗୋଳାବନ୍ଦଠାରେ ଥିବା ଜିଲ୍ଲାସ୍ତରୀୟ କତା ଶିଳ୍ପ ତାଲିମ କେନ୍ଦ୍ରଗୁଡ଼ିକ ମଧ୍ୟ ବନ୍ଦ ହୋଇଯାଇଛି। ଏପରିକି, ତାଲିମ କେନ୍ଦ୍ରରେ ଅବ୍ୟବହୃତ ହୋଇ ପଡ଼ିଥିବା ମେସିନ ଓ ଛୋଟ ବଡ଼ ଯନ୍ତ୍ରପାତିରେ କଳଙ୍କି ଲାଗିଗଲାଣି।

ସୂଚନାନୁସାରେ, ଜିଲ୍ଲା ଶିଳ୍ପ କେନ୍ଦ୍ର ତତ୍ତ୍ୱାବଧାନରେ କତା କ୍ଲଷ୍ଟର ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ତାଲିମ ଦିଆଯାଉଥିଲା। ଏହି ମହିଳାମାନେ କତା ରଶି, ପାପୋଛ, କତାରେ ନିର୍ମିତ ବିଭିନ୍ନ ଘରକରଣା ସାମଗ୍ରୀ ଆଦି ତିଆରି କରି ଜୀବିକା ନିର୍ବାହ କରୁଥିଲେ। ଓଡ଼ିଶା ସମବାୟ କତା ନିଗମ ଲିମିଟେଡ୍‌କୁ କତା ରଶି ବିକ୍ରୟ କରୁଥିଲେ। ସେହି କତା ରଶିରୁ କତା ନିଗମ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଦଉଡ଼ି ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହେଉଥିବା ରଥଯାତ୍ରାକୁ ଦଉଡ଼ି ଯୋଗାଉଥିଲା। ତେବେ ଗତ ୪ବର୍ଷ ହବ ଏହି କତା ଶିଳ୍ପ ତାଲିମ କେନ୍ଦ୍ରଟି ବନ୍ଦ ହେବା ଫଳରେ ଓଡ଼ିଶାର

### ଖତ ଖାଉଛି ମେସିନ୍

ଶହଶହ ବେକାର ଯୁବକ ଯୁବତୀ ନିଜର ରୋଜଗାର ହରାଇବାକୁ ବସିଛନ୍ତି। କତା ଶିଳ୍ପ ତାଲିମ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ପଦ ପୂରଣ ରିବା ପାଇଁ ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ନେଲେ ରାଜ୍ୟର ହଜାରହଜାର ବେକାର ଯୁବକ ଯୁବତୀ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

# ସିଜେଆଇ କେନ୍ଦ୍ର କୋର୍ଟକୁ ପଠାଇଲେ ସଂରକ୍ଷଣର ସ୍ୱଚ୍ଛଳ ବର୍ଗ ଗୋଟି

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଜାତି ଆଧାରିତ ସଂରକ୍ଷଣର ଥିବା କ୍ରିମିଲେୟର (ସ୍ୱଚ୍ଛଳ) ବର୍ଗ ସମସ୍ୟାକୁ ନେଇ ସୁପ୍ରିମକୋର୍ଟ ନିଜ କାମ କରିସାରିଛନ୍ତି। ଏବେ କେନ୍ଦ୍ର ଏବଂ ସଂସଦ ଏହା ଉପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି। ସେ ଏପରି କହି ସଂରକ୍ଷଣର ସ୍ୱଚ୍ଛଳ ବର୍ଗ ଗୋଟିକୁ କେନ୍ଦ୍ର ଉପରେ ଛାଡ଼ି ଦେଇଛନ୍ତି। ସୋମବାର ଅବସର ଗ୍ରହଣ କରିବାକୁ ଯାଉଥିବା ସିଜେଆଇ ଗଭାଇ ଏକ ସାକ୍ଷାତକାରରେ ଏହି ଟିପ୍ପଣୀ ଦେଇଛନ୍ତି। ଗତ ବର୍ଷ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ। ଏସ୍‌ସି ଏବଂ ଏସ୍‌ଟି ବର୍ଗର ଗରିବ ଲୋକଙ୍କୁ ସଂରକ୍ଷଣର ଲାଭ ଦେବା ପାଇଁ ଉପ-ବର୍ଗୀକରଣର ରାସ୍ତାକୁ ପ୍ରଶସ୍ତ କରିଦେଇଥିଲେ। ଏହି ରାୟ ଦେଇଥିବା ଖଣ୍ଡପୀଠରେ ସିଜେଆଇ ଗଭାଇ ସାମିଲ ଥିଲେ। ସେ ପୁଣିଥରେ କଲେଜିୟମ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଏହା ଜାରି ରହିବା ଉଚିତ ବୋଲି କହିଛନ୍ତି। କାରଣ ଏହା ନ୍ୟାୟପାଳିକା ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରୁଛି।

# ‘ଇଣ୍ଡିଆ ଗେଟ୍’ରେ ପ୍ରଦୂଷଣ ବିରୋଧୀ ବିକ୍ଷୋଭ

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ବୃଦ୍ଧିକୁ ନେଇ ରବିବାର ଇଣ୍ଡିଆ ଗେଟ୍ ସାମ୍ନାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ସ୍ଥିତି ଅଚାନକ ବିଗିଡ଼ା ଯାଇଥିଲା। ବିକ୍ଷୋଭକାରୀଙ୍କୁ ହଟାଇବା ସମୟରେ କିଛି ଜଣ ପୁଲିସ ଉପରେ ପେପର ସ୍ପ୍ରେ ମାଡ଼ କରିଥିଲେ। ଏଥିରେ ୪ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଆରଏମଏଲ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଚାଲିଛି। ପୁଲିସ ସୂଚନା ଅନୁଯାୟୀ, ଖରାପ ବାୟୁ ଗୁଣବତ୍ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଇଣ୍ଡିଆ ଗେଟ୍ ନିକଟରେ ବିକ୍ଷୋଭକାରୀମାନେ ଏକାଠି ହୋଇଥିଲେ। ଏହି ସମୟରେ, କିଛି ଲୋକ ସି-ହେକ୍ସାଗନ୍ ପହଞ୍ଚି ବ୍ୟାରିକେଡ୍ ଭାଙ୍ଗି ରାସ୍ତାରେ ବସିପଡ଼ିଥିଲେ। ଆମ୍ବୁଲାନ୍ସ ଏବଂ ଜରୁରୀ ଗାଡ଼ିକୁ ଯିବାକୁ ଦେଇ ନ ଥିଲେ। ସେମାନଙ୍କୁ ଶାନ୍ତ କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ଭିଡ଼ ଆକ୍ରମଣାତ୍ମକ ହୋଇ ଯାଇଥିଲା।


AFFIDAVIT

By virtue of an affidavit sworn before EXECUTIVE MAGISTRATE, cuttack Sadar on Dated 11/11/2025, I, Reshma Bibi W/O Abdul Wazid, Resident of Village: MUGABHANGA, PO-PHUL AKHARA, PS-CUTTACK SADAR, DIST CUTTACK, ODISHA, 754001, I have changed my name from "RUKHASHANA PRAVIN" to "RESHAMA BIBI". Henceforth, I shall be known as "RESHAMA BIBI" for all purposes.

ADMISSION NOTICE-2025-26

Manjari Devi College

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)

• D. Pharm
Rs. 48,000/- P.A.
Eligibility: +2 Sc. (PCB/M)

• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)

• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)

• M.P.H.
Rs. 42,000/- P.A.
Eligibility: Any Graguate

ALL COURSE FEES ARE EXCLUDING HOSTEL

# ଜିଲ୍ଲାସ୍ତରୀୟ ଅଭିଭାବକ ଓ ପୂର୍ବ ଛାତ୍ର ସମ୍ମିଳନୀ ପାଇଁ ପ୍ରସ୍ତୁତି



ରାୟଗଡ଼ା,୨୩।୧୧(ସମିସ): ଜିଲ୍ଲାସ୍ତରୀୟ ଅଭିଭାବକ ତଥା ପୂର୍ବ ଛାତ୍ର ସମ୍ମିଳନୀକୁ ସଫଳ କରିବା ଉଦ୍ଦେଶ୍ୟରେ ଆଜି କିସ୍ ସାଟେଲାଇଟ୍ କେନ୍ଦ୍ର, ରାୟଗଡ଼ାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ରୋନିତ ସବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଓ ସମାଜ ସହ ସଂଯୋଗ ବଢ଼ାଇବାରେ କିସ୍‌ର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କିସ୍ ଅଭିଭାବକ ସଂଘର ସଭାପତି ମାଝୀ ପିଡ଼ିକାକା, ପରାମର୍ଶଦାତା ଘସିରାମ ମାଝୀ, ପୂର୍ବ ଛାତ୍ର ସଂଘ ସଭାପତି ହର ପ୍ରସାଦ ହେପ୍ରୁକା, ରାୟଗଡ଼ା ବ୍ଲକ ଅଭିଭାବକ କମିଟିର ପ୍ରତିନିଧି ଟୁଟୁ ତାଡିଙ୍ଗି ଓ ଶ୍ରୀନିବାସ ତାଡିଙ୍ଗି ଏବଂ ସମସ୍ତ ବ୍ଲକର ଅଭିଭାବକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବ୍ଲକ୍‌ରୁ ଅଭିଭାବକ ଓ ପୂର୍ବ ଛାତ୍ରଙ୍କ ସମବେଶ, କାର୍ଯ୍ୟକ୍ରମର ଗଠନ, ସାଂସ୍କୃତିକ ଉପସ୍ଥାପନା, ଲଜିଷ୍ଟିକ୍ସ, ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ ସମସ୍ତ ସମ୍ପ୍ରଦାୟର ସମାନ ପ୍ରତିନିଧିତ୍ୱ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

# ଦୋକାନ ଭିତରକୁ ମାଡ଼ିଗଲା ଗୋରୁ ବୋଝେଇ ପିକ୍‌ଅପ୍; ମହିଳା ଆହତ



ବିଷମ କଟକ,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ଥାନର ଖ୍ରୀଷ୍ଟୀୟନ୍ ହସ୍‌ପିଟାଲ ଛକ ନିକଟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ରାସ୍ତାକଡର ଏକ ଦୋକାନ ମଧ୍ୟରେ ଧସେଇ ପସିଲା। ଏହି ଦୁର୍ଘଟଣାରେ ଦୋକାନରେ ବସିଥିବା ମହିଳା ଜଣକ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନଟିକୁ ବିଷମ କଟକ ପୋଲିସ୍ ଜବତ କରିବା ସହ ଗାଡି ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନ ୨ଟା ବେଳେ ୫ଟି ଗାଇକୁ ନେଇ ଏକ ପିକ୍‌ଅପ୍ ଭେନ୍ ମୁନିଗୁଡାରୁ ଆନ୍ଧ୍ର ଯାଉଥିବା ବେଳେ ଗାଡିଟି ଦ୍ରୁତଗତିରେ ଆସି ବିଷମ କଟକ ଖ୍ରୀଷ୍ଟୀୟନ୍ ହସ୍‌ପିଟାଲ ଛକ ନିକଟରେ ଭାରସାମ୍ୟ ହରାଇ ଜିତୁ ନାଲାଙ୍କ ପାନ ଦୋକାନ ଭିତରକୁ ମାଡିଯାଇଥିଲା। ଦୁର୍ଘଟଣାରେ ଦୋକାନରେ ବସିଥିବା ଜିତୁଙ୍କ ସ୍ତ୍ରୀ ଭାରତୀ ନାଲା ଆହତ ହୋଇଥିବା ବେଳେ ତାଙ୍କର ଦୁଇଟି ସନ୍ତାନ ସୁରକ୍ଷିତ ରହିଛନ୍ତି। ଖବରପାଇ ବିଷମ କଟକ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଇ ବୋଝେଇ ପିକ୍‌ଅପ୍‌କୁ ଜବତ କରିବା ସହ ଗାଡି ଡ୍ରାଇଭରକୁ ଅଟକ ରଖିଛି। ଅନ୍ୟପଟେ ଏହି ଘଟଣାର ତଦନ୍ତ ଚାଲିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବିଷମ କଟକ ପୋଲିସ ନିଜ ଆଡୁ ଏକ ମାମଲା କରି ତଦନ୍ତ ଚଲାଇଥିବା ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ଛକ ଠାରେ ମଧ୍ୟ ଗତ କିଛି ଦିନ ତଳେ ଏକ ଗୋରୁ ବୋଝଇ ପିକଅପ ଭ୍ୟାନ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ତେନ୍ତୁଳିଖୁଣ୍ଟି,୨୩।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ହେମନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ସୁରେନ୍ଦ୍ର ନାଥ ରାଉତ, ସମ୍ପାଦକ ମନୋଜ ମହାପାତ୍ର ମଞ୍ଚାସିନ ଥିଲେ। ଗୁରୁଜୀ ଜିତେନ୍ଦ୍ରିୟ ମହନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। କ୍ରୀଡ଼ା ପ୍ରତିଭା ଅନ୍ୱେଷଣର ପ୍ରାରମ୍ଭିକ ଭିତ୍ତିଭୂମି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ଏହି ଖେଳ କୁଦ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଏବଂ ଗୁରୁମା ସହଯୋଗ କରିଛନ୍ତି।

# ସ୍ୱାମୀ ବିବେକାନନ୍ଦ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ମହୋତ୍ସବ




କୋରାପୁଟ,୨୩।୧୧(ସମିସ): ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଶରତ କୁମାର ଦଳେଇଙ୍କ ନେତୃତ୍ୱରେ ମା' ବାଟ ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଯାତ୍ରା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଦୁଃଶାସନ ସ୍ୱାଇଁ ଆନୁଷ୍ଠାନିକ ଭାବେ ମଶାଲ ପ୍ରଜ୍ୱଳନ କରିବା ପରେ ଅଧ୍ୟକ୍ଷା ଅତସୀ ସାହୁ ପିଲାମାନଙ୍କୁ କ୍ରୀଡା ଶପଥପାଠ କରାଇଥିଲେ। ଅନୁଷ୍ଠାନର ସମ୍ପାଦକ ରାମ ପ୍ରସାଦ ସରାଫ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଖେଳ ପ୍ରତିଯୋଗିତା ହୋଇଥିଲା। ସଭାପତି ଡ. ଅମୂଲ୍ୟ ମହାପାତ୍ର ପାଠ ପଢ଼ିବା ସହ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବିଦ୍ୟାଳୟର ସଭ୍ୟ ମୋହନ ସରାଫ ଏବଂ ବୃନ୍ଦାବନ ସାହୁ ଯୋଗ ଦେଇଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏହି ସମାରୋହରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଉର୍ମିଳା ପାଣିଗ୍ରାହୀ, ଚନ୍ଦ୍ର ଶେଖର ପଣ୍ଡା ଯୋଗଦେଇ ପରିଚାଳନା କରିଥିଲେ।

# ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ ତାଲିମ କାର୍ଯ୍ୟକ୍ରମ



କୋରାପୁଟ,୨୩।୧୧(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ-୨୦୦୫ ଉପରେ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ଡବ୍ଲୁଓ ଶ୍ରୀମତୀ ପାଢ଼ୀ ଡିଭି ବିଷୟରେ ସ୍ୱାଗତ ଭାଷଣ ସହିତ ଅଧିବେଶନର ଆରମ୍ଭ ହୋଇଥିଲା। ପୁଲିସ ଆଇଆଇସି ପୀଡିତା ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାରେ ଚ୍ୟାଲେଞ୍ଜ ବିଷୟରେ ବର୍ଣ୍ଣନା କରିଥିଲେ। ଓଏସସି କିଛି ମାମଲା ଏବଂ ମାମଲାର ଫଳାଫଳ ବିଷୟରେ ଅବଗତ କରିଥିଲେ। ଶକ୍ତି ସଦନର ଅଧ୍ୟକ୍ଷା ପୀଡିତା ମହିଳାଙ୍କୁ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ବିଷୟରେ ଅବଗତ କରିଥିଲେ।

# ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନଦଣ୍ଡ କାର୍ଯ୍ୟକ୍ରମ



ବୈପାରିଗୁଡ଼ା,୨୩।୧୧(ସମିସ): ବୈପାରିଗୁଡ଼ା ଅନ୍ତର୍ଗତ ମାଠପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନଦଣ୍ଡର ଜାତୀୟ ମୂଲ୍ୟାଙ୍କନ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ମୂଲ୍ୟାଙ୍କନକୁ ଜାତୀୟ ବାହ୍ୟ ମୂଲ୍ୟାଙ୍କନକାରୀ ଡ. ଦିନେଶ କୁମାର ନାୟକ, ଡ. ଆଶିଷ କୁମାର ଘୋଷଙ୍କ ଦ୍ୱାରା ତଦାରଖ କରିଥିଲେ। ବ୍ଲକ୍ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଦଶମନ୍ତପୁରର ଡ. ଇପ୍ସିତ ରାଉତରାୟ, ବିପିଏମ୍ ହେମରାଜ ପାଣିଗ୍ରାହୀ, ବାମ୍ ପ୍ରମୋଦ ନାୟକ, ଭିବିଡିଟିଏସ୍ ବାଲାଜୀ ତ୍ରିପାଠୀ, ସିଏଚ୍‌ଓ ଫୁଲମତୀ ଘିଉରିଆ, ଏଏନ୍‌ଏମ୍ ଅନୁସିଆ ସାହୁ, ଜି. ସକୁନ୍ତଳା ପ୍ରମୁଖ ଯୋଗ ଦେଇଥିଲେ।

# ଲକ୍ଷ୍ମୀପତ ସିଂଘାଣିଆ ସ୍କୁଲର ବାର୍ଷିକ ଉତ୍ସବ

ଜେକେପୁର,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଜେକେପୁର ସ୍ଥିତ ଲକ୍ଷ୍ମୀପତ ସିଂଘାଣିଆ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଗ୍ରହଣ କରିଥିବା ପୂର୍ବତନ ପ୍ରଧାନ ଶିକ୍ଷକ ରବିନ୍ଦ୍ରନାଥ ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବଦ୍ରୀନାଥ ମହାପାତ୍ର ଓ ଅରୁଣ କୁମାର କର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ନୂତନ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଜେତା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବିଦ୍ୟାଳୟରେ ଜିଲ୍ଲାର ଏକମାତ୍ର ଏହି ବିଦ୍ୟାଳୟରେ ଓଡ଼ିଆ ହିନ୍ଦୀ ତେଲୁଗୁ ବିଦ୍ୟା ପ୍ରଦାନ କରାଯାଇଥାଏ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ କାହ୍ନୁ ଚରଣ ସାହୁ, ଲୋକନାଥ ମହାନ୍ତି, ପ୍ରତାପ ଜେନା, ଜିଡିଆର୍ ପଟ୍ଟନାୟକ, ବିନିତା ସିହ୍ନା, ସ୍ୱପ୍ନାରାଣୀ ମହାପାତ୍ର, ସୁନିତା ଭୋଳ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



କାଶୀପୁର,୨୩।୧୧(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର କୋର୍ଟ ପରିସରରେ ତାଲୁକା ଆଇନ ସେବା କମିଟି ପକ୍ଷରୁ ଶିଶୁ ଦିବସ ପାଳନ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାଶୀପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ୍ ତଥା କାଶୀପୁର ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ନର୍ମଦା କରଙ୍କ ଅଧ୍ୟକ୍ଷତାରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କାଶୀପୁର ବାର୍ ଆସୋସିଏସନର ସଭାପତି କହ୍ନେଇ ଲାଲ ଜୈନ, କୋଷାଧ୍ୟକ୍ଷ ଭଗବାନ ପାତ୍ର, ସହକାରୀ ସରକାରୀ ଓକିଲ ପ୍ରମୋଦ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଶବର, ଡେପୁଟି ଆଡମିନିଷ୍ଟ୍ରେଟର ଅଶ୍ୱୀନ ପ୍ରଧାନ, ବେଞ୍ଚ କିରାଣି ଦିବ୍ୟରଞ୍ଜନ ପଣ୍ଡା, ତାଲୁକା ଆଇନ ସେବା କମିଟି କର୍ମଚାରୀ ମୁକେଶ କୁମାର ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଅନେକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାଶୀପୁର କୋର୍ଟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ

ଅମ୍ବାଦଳା,୨୩।୧୧(ସମିସ): ଅମ୍ବାଦଳା ସ୍ଥାନୀୟ ସତ୍ୟସାଇ ସେବା ସମିତି ପକ୍ଷରୁ ମହାଆଡମ୍ବରରେ ପାଳିତ ହୋଇଯାଇଛି ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଉତ୍ସବ। ଏହି ଅବସରରେ ୮ ଦିନ ବ୍ୟାପି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସକାଳୁ ଓମ୍‌କାର ମନ୍ତ୍ର, ସୁପ୍ରଭାତମ ଉଚ୍ଚାରଣ, ଭଜନ ଅନୁଷ୍ଠିତ ହୋଇଥିଲା। ମେଗା ସ୍ୱାସ୍ଥ୍ୟ ଶିବିରରେ ବହୁ ଦୂର ଦୁରାନ୍ତରୁ ଆସିଥିବା ରୋଗୀମାନଙ୍କୁ ନିଶୁଳ୍କ ରୋଗୀ ଚିକିତ୍ସା ସହ ଔଷଧ ପ୍ରଦାନ କରାଯାଇଥିଲା। ସେହିପରି ପ୍ରେମ ବନ୍ଧନମ ଭଳି ଅନେକ କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିଥିବା ବେଳେ ରବିବାର ୨୩ ତାରିଖ ଦିନ ବାବାଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସତ୍ୟ ସାଇ ସେବା ସମିତି ପରିସରରୁ ଏକ ଶୋଭାଯାତ୍ରା ବାହାରି ଅମ୍ବାଦଳା ସହର ପରିକ୍ରମା କରିଥିଲା। ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ଆଧ୍ୟାତ୍ମିକ କାର୍ଯର୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ଜନ୍ମ ଦିନରେ ମନ୍ଦିର ପରିସରରେ ୫ ହଜାର ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ସାଇବର ସୁରକ୍ଷା ସଚେତନତା



ବୈପାରୀଗୁଡ଼ା,୨୩।୧୧(ସମିସ): ବୈପାରୀଗୁଡ଼ା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଫ୍ରେଣ୍ଡସ ୟୁନିଟ କ୍ଲବ୍ ପକ୍ଷରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧ୍ୟକ୍ଷ ଶଶୀ ଭୂଷଣ ମହାପାତ୍ର, ଜାତୀୟ ଯୁବ ପୁରସ୍କୃତ ପ୍ରାପ୍ତ ଯୁବ ସେମାଜସେବୀ ଏମ୍ ତେଜେଶ୍ୱର ରାଓ, ଫ୍ରେଣ୍ଡସ ୟୁନିଟ ବ୍ଲକ୍ ସମ୍ପାଦକ ଧନପତି ନାୟକ, ଏନ୍. ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସଚେତନତା କରି ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟମ ଶ୍ରେଣୀର ଆଦ୍ୟାଶା ଜେନା ପ୍ରଥମ, ଷଷ୍ଠ ଶ୍ରେଣୀର ସୁବିଦ୍ୱାନ ପରିଡା ଦ୍ୱିତୀୟ, ସପ୍ତମ ଶ୍ରେଣୀ ସୁପ୍ରଜ୍ଞାନ ପରିଡା ତୃତୀୟ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରେଶ୍ମାରାଣୀ ପଲାଇ ପରିଚାଳନା କରିଥିଲେ। ଶିକ୍ଷକ ଦେବ କତଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସାଂସଦ ପ୍ରତିନିଧିଙ୍କ ଭାଷଣକୁ ନେଇ ଚର୍ଚ୍ଚା

ପାପଡାହାଣ୍ଡି,୨୩।୧୧(ସମିସ): ନବରଙ୍ଗପୁର ଜିଲ୍ଲାସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ପାପଡାହାଣ୍ଡି ବ୍ଲକ୍ ସଦର ମହୁକୁମା ସ୍ଥିତ ଦଳେଇଗୁଡ଼ା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କିନ୍ତୁ ସାଂସଦ ପ୍ରତିନିଧି ଏହି ମଞ୍ଚକୁ ରାଜନୈତିକ ମଞ୍ଚ ଭଳି ଭାଷଣ ଦେଇଥିଲେ। ରାଜ୍ୟ ରାଜନୀତିରୁ ଆରମ୍ଭ କରି ଦେଶ ରାଜନୀତି କଥା କହିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ଅନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା

ରାୟଗଡା,୨୩।୧୧(ସମିସ):




ରବିବାର ଜିଲ୍ଲା ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ସ୍ଥାନୀୟ ଜିଲ୍ଲା ଅଦାଲତ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରାୟଗଡ଼ା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର ଅଦାଲତ ପରିସରରେ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଚିତ୍ରାଙ୍କନ ପ୍ରତିଯୋଗିତାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସ ଅଦାଲତର ବିଚାରପତି ସ୍ୱେତା ମିଶ୍ର, ମହିଳା କୋଟର ବିଚାରପତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ରାଣା ଘୋସ, ସବ୍ ଜଜ୍ ଆଶିସ୍ ପଟ୍ଟନାଏକ, ଉପଖଣ୍ଡୀୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ବର୍ଷା ଦାସ, ଗ୍ରାମ ନ୍ୟାୟଧିକାରୀ ଏସଆର ତୋସାଲି ଏବଂ ରାୟଗଡ଼ା ବାର ଆସୋସିଏସନର ଆଇନଜୀବୀ ଦେବରାଜ ନାଏକ ଓ ଅନ୍ୟ ଆଇନଜୀବୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ (ସରକାରୀ ଓ ବେସରକାରୀ) ସ୍କୁଲର ଛାତ୍ରଛାତ୍ରୀ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ଖାଉଟି ଆଇନର ଖୋଲା ଉଲଂଘନ ଅଭିଯୋଗ

# ଚଢ଼ା ଦରରେ ଚାଲିଛି ମଦ ବିକ୍ରି; ବିଭାଗ ନିରବଦ୍ରଷ୍ଟା

ଏମଭି ୭୯(ସମିସ),୨୩।୧୧:



ଦରଠାରୁ ଅଧିକ ଦରରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଖୋଲା ଖୋଲି ଖାଉଟି ଆଇନର ଉଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ଧାର୍ଯ୍ୟ ଦର ଠାରୁ ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ। ସରକାରଙ୍କ ପ୍ରଣୟନ ଖାଉଟି ଆଇନ ଅନୁଯାୟୀ କୌଣସି ସାମଗ୍ରୀ ସେଥିରେ ଲେଖାଥିବା ଦରଠାରୁ ଅଧିକ ଦରରେ ଦୋକାନୀ ବିକ୍ରି କରିପାରିବେ ନାହିଁ। ତେବେ ଏହି ନିୟମକୁ ଫୁ କରି ଉଡ଼ାଇ ଦେଉଛି ଏମଭି ୭୯ରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ। ଏହି ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଧାର୍ଯ୍ୟ ଦରଠାରୁ ୩୦ ରୁ ୫୦ ଟଙ୍କା ଅଧିକ ନିଆଯାଉଥିବାବେଳେ ଏହାକୁ ବିରୋଧ କରିଲେ ଦୋକାନୀମାନେ ଲୋକମାନଙ୍କୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଜଣେ ଗ୍ରାହକ ଅଭିଯୋଗ କରିଛନ୍ତି। ମଦ ଦୋକାନର ମାଲିକଙ୍କ ନିର୍ଦ୍ଦେଶକ୍ରମେ ଅଧିକ ଦର ନେଉଥିବା ଦୋକାନର କର୍ମଚାରୀମାନେ କହିଛନ୍ତି। ଏନେଇ କାଳିମେଳା ଅବକାରୀ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ବେପାରୁଆ ଢଙ୍ଗରେ ଜିଲ୍ଲାବ୍ୟାପୀ ଚଢାଦରରେ ମଦ ବିକ୍ରି ହେଉଛି ବୋଲି ସ୍ୱୀକାର କରିବା ସହ ଏଭଳି ବେଆଇନ କାର୍ଯ୍ୟକୁ ନିଜର ସମର୍ଥନ ଜଣାଇଛନ୍ତି। ଏଥିସହ ଅଧିକ ଚଢା ଦରରେ ବିକ୍ରି କରାଯିବ ବୋଲି ଚାଲେଞ୍ଜ୍ ଭରା ଗଳାରେ କହିଛନ୍ତି। ଅନ୍ୟପଟେ ଏ ବାବଦରେ ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟଙ୍କୁ ଯୋଗାଯୋଗ କରିବାରୁ ସେ ନିର୍ଦ୍ଧାରିତ ଧାର୍ଯ୍ୟଠାରୁ ଅଧିକ ଦର ନିଆଯିବା ଆଇନ ବିରୋଧୀ, ଏଣୁ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମଦ ଦୋକାନୀଙ୍କ ଏପରି ଆଇନ ଉଲଂଘନ କାର୍ଯ୍ୟ ତାଙ୍କ ପକେଟକୁ ଅଧିକ ଲାଭ ଅର୍ଥ ଯୋଗାଉଛି ବୋଲି କୁହାଯାଇଛି। ଅନ୍ୟପଟେ ବ୍ୟବସାୟୀଙ୍କ ଚଢ଼ାଦରରେ ମଦ ବିକ୍ରିକୁ ଜଣେ ଅବକାରୀ ଅଧିକାରୀଙ୍କ ଏଭଳି ସମର୍ଥନ ଭରା ମନ୍ତବ୍ୟ ଅବକାରୀ ବିଭାଗର ବ୍ୟବସାୟୀଙ୍କ ପ୍ରତି ରହିଥିବା ପ୍ରୀତିକୁ ଦର୍ଶାଉଛି। ତେବେ ଏମଭି ୭୯ରେ ଥିବା ଲାଇସେନ୍ସ ପ୍ରପ୍ତ ମଦ ଦୋକାନର ମାଲିକଙ୍କ ଅନୁମତି କ୍ରମେ ଏପରି ଅଧିକ ଦରରେ ମଦ ବିକ୍ରି ହେଉଥିବା ଉକ୍ତ ମଦ ଦୋକାନର ମ୍ୟାନେଜର ସ୍ୱୀକାର କରିଥିବା ବେଳେ ଏହାପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସେମିଳିଗୁଡା ମହାବିଦ୍ୟାଳୟରେ ମାନସିକ ସୁସ୍ଥତା ଆଲୋଚନାଚକ୍ର




ସେମିଳିଗୁଡ଼ା,୨୩।୧୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟରେ ମାନସିକ ସୁସ୍ଥତା ଉପରେ ଆଲୋଚନାଚକ୍ର ଏବଂ ସେମିଳିଗୁଡା ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ମାନସିକ ସୁସ୍ଥତା ଉପରେ ଏକ ଆଲୋଚନାଚକ୍ର କରାଯାଇଛି। ଏହି ସଭାକୁ +୩ ମନସ୍ତତ୍ତ୍ୱ ବିଭାଗର ଦ୍ୱିତୀୟ ବର୍ଷ ଏବଂ ତୃତୀୟ ବର୍ଷ ଛାତ୍ରଛାତ୍ରୀମାନେ ଆୟୋଜନ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନସୀ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡେମୋନ୍‌ଷ୍ଟ୍ରେଟର ସୁକାନ୍ତ ପ୍ରଧାନ, ଅଧ୍ୟାପିକା ପିଙ୍କି ଜୈନ, ଆରତୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟାପିକା ପୂର୍ଣ୍ଣିମା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁମିତ୍ରା ଗିରି, ବିଶାଳ ନାୟକ, ରୋହିଣୀ ସିରିକା, ବିଜୟଲକ୍ଷ୍ମୀ ଦଳେଇ, ଆଲୋକ ମହାନ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଟ୍ରେନ୍ ପରିଚାଳକଙ୍କ ସୁରକ୍ଷା ସେମିନାର

ରାୟଗଡ଼ା,୨୩।୧୧(ସମିସ): ପୂର୍ବତଟ ରେଳବାଇ ଅଧୀନସ୍ଥ ରାୟଗଡ଼ାର ସମସ୍ତ ଟ୍ରେନ୍ ପରିଚାଳକଙ୍କ ପାଇଁ ଶନିବାର ରାୟଗଡ଼ା ଲବିରେ ଏକ ସୁରକ୍ଷା ସେମିନାର ଆୟୋଜନ କରାଯାଇଥିଲା। ରାୟଗଡ଼ାର ଟ୍ରେନ୍ ପରିଚାଳକ ରବିନ୍ଦ୍ର କୁମାରଙ୍କ ନେତୃତ୍ୱରେ ଏହି ସେମିନାର ପରିଚାଳନା ହୋଇଥିଲା। ଏଥିରେ ଅଖିଳ ଭାରତୀୟ ଗାର୍ଡ ପରିଷଦର କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ନିଶଙ୍କ ଏବଂ ଜୋନାଲ ସଭାପତି, ଜୋନାଲ ସଚିବ ଏବଂ ସମସ୍ତ ଶାଖା ଦଳ ଉପସ୍ଥିତ ଥିଲେ। ଏହି ସେମିନାରର ମୁଖ୍ୟଅତିଥି ଏକେ ପାଢି, ଡିଟିଆଇ/ଆରଜିଡିଏ, ଏସଏମଆର/ଆରଜିଡିଏ ଏବଂ ଏସଏମଆର/ଏସପିଆରଡି ଯୋଗଦେଇଥିଲେ।

### ଦୁଇ ସାହି ମଧ୍ୟରେ ଗୋଷ୍ଠି ସଂଘର୍ଷ ଘଟଣା

# ୨ ନାବାଳକ ସମେତ ୧୩ ଗିରଫ



ଜୟପୁର,୨୩।୧୧(ସମିସ): ଶୁକ୍ରବାର ଅପରାହ୍ନରେ ଏକ ପାରିବାରିକ ବିବାଦକୁ ନେଇ ଜୟପୁର ସହରର ଗୋପବନ୍ଧୁ ନଗର ଏବଂ ବାପୁଜୀ ନଗର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପୁଲିସ ପକ୍ଷରୁ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ସହ ଶାନ୍ତି କମିଟି ଗଠନ କରିଥିଲେ। ଗତକାଲି ରାତିରେ ଟାଉନଥାନା ପୁଲିସ ପକ୍ଷରୁ ବାପୁଜୀ ନଗର ଏବଂ କେଲା ନଗର ଅଞ୍ଚଳରେ ଏକ ବଡ ଧରଣର ଚଢ଼ଉ କରାଯାଇ ଗୋପବନ୍ଧୁ ନଗର ସାହି ବାସିନ୍ଦାଙ୍କ ଏତଲା କ୍ରମେ ଏହି ଆକ୍ରମଣରେ ସାମିଲ ରହିଥିବା ବାବୁଜୀ ନଗର ଅଞ୍ଚଳର ୧୦ ଜଣ ଯୁବକ ସନ୍ତୋଷ ଖରା (୩୦), ହରି ହନ୍ତାଳ (୩୦), ରବି ବାଗ (୨୫), ଚିଣ୍ଟୁ ଖରା (୨୧), ମନୋରଞ୍ଜନ ହନ୍ତାଳ (୨୧), ଗଣେଶ୍ୱର ଖରା (୪୮), ମଦନ ଖରା (୨୦), ପୂର୍ଣ୍ଣ ଖରା (୨୦) ଦିବାକର ଖରା (୨୪), ବାବୁଲି ଖରା (୩୮)ଙ୍କ ସମେତ ୨ ଜଣ ନାବାଳକ ଏବଂ କେଲ୍ଲା ନଗରର ଗୁରୁପ୍ରିତ୍ ସିଂ (୧୯)ଙ୍କୁ ଧରିଛି। ସେଥିମଧ୍ୟରେ ଥିବା ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଓ ଅନ୍ୟମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି। ସେମାନଙ୍କ ନିକଟରୁ ଖଣ୍ଡା, ଛୁରା, ଲୁଗା ଛଡ, ଠେଙ୍ଗା ଏବଂ ପଥର ଗୁଡିକ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦଙ୍ଗା ସୃଷ୍ଟି କରିବା, ଗୋଷ୍ଠୀ ହୋଇ ମରଣାନ୍ତକ ଆକ୍ରମଣ ଏବଂ ମାରଣାସ୍ତ୍ର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହିପରି ଗତକାଲି ଗୋପବନ୍ଧୁ ନଗରର ପୁରୁଷ ଓ ମହିଳା ମାନେ ଜୟପୁର ଏସଡିପିଓ ପାର୍ଥ କାଶ୍ୟପଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିବା ସହିତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପୁଲିସ ରାତିରେ ଅଭିଯୁକ୍ତମାନଙ୍କୁ ଗିରଫ କରିବ ବୋଲି ପ୍ରତିଶ୍ରୁତି ପରେ ଆକ୍ରମଣରେ ସାମିଲ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଫେରାର ଅନ୍ୟକିଛି ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଥାନା ପକ୍ଷରୁ ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଅପରାହ୍ନରେ ଏକ ପାରିବାରିକ ଗୋପାବନ୍ଧୁ ନଗରେ ବିବାହ ପରେ ବୋହୁ ଓ ଶାଶୁ ଜାତିକୁ ନେଇ ବିବାଦ ପରେ ବୋହୁର ବାପଘର ବାପୁଜୀ ନଗର ଏବଂ ଶାଶୁର ଗୋପବନ୍ଧୁ ନଗର ବାସିନ୍ଦାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ମାରପିଟ ହୋଇଥିଲେ। ଏଥିନେଇ ଗୋପବନ୍ଧୁ ନଗର ସାହି ବାସିନ୍ଦାଙ୍କ ଏତଲା ଅନୁଯାୟୀ ପୁଲିସ ଗତକାଲି ୭ଜଣ ଏବଂ ଆଜି ପୁଣି ୬ଜଣ ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଭାବେ ଏସ୍‌ଆଇ ରୁଚିକାନ୍ତ ମହକୁର ତଦନ୍ତ କରୁଛନ୍ତି। ଏହି ଆକ୍ରମଣରେ ୬ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ଭାବେ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି।

### ● ଜମିଜମା ବିବାଦକୁ ନେଇ ବୃଦ୍ଧାଙ୍କୁ ହତ୍ୟା ଘଟଣା

# ୬ ଅଭିଯୁକ୍ତ କୋର୍ଟ ଚାଲାଣ



ନନ୍ଦପୁର,୨୩।୧୧(ସମିସ): ଗତ ଶୁକ୍ରବାର ପରଟା ଗ୍ରାମରେ ଜମି ଜମା ବିବାଦ ନେଇ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଝୁମି ପ୍ରଧାନିକୁ ହତ୍ୟା ଘଟଣାରେ ରବିବାର ୬ ଜଣ ଅଟକ ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ନନ୍ଦପୁର ପୁଲିସ୍। ସୂଚିତ ଯେ, ଶନିବାର ଝୁମିଙ୍କ ଶବ ବ୍ୟବଚ୍ଛେଦ ପରେ ଶବ ସଂସ୍କାର କରାଯାଇଥିଲା। ତେବେ ଶବ ବ୍ୟବଚ୍ଛେଦ ପରେ ତୁରନ୍ତ ତଦନ୍ତକୁ ଆଗକୁ ବଢାଇ ସବୁ ଝୁମି ହତ୍ୟାକାରୀଙ୍କୁ ଚିହ୍ନଟ କରି ଏହି ମାମଲାରେ ୬ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ରଥ ଗୋଲରି, ସୁକ୍ରା ଗୋଲରୀ, ବୁଦୁ ଗୋଲରି, ମଙ୍ଗଳା ଗୋଲରି, ଭୂଷଣ ଦୋରା, ବଳରାମ ଦୋରା। ସମସ୍ତଙ୍କୁ ସିନ ରିକ୍ରୀୟସନ୍ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ନନ୍ଦପୁର ଥାନା ଭାରପ୍ରାପ୍ତ ଆଇଆଇସି ଅଶୋକ କୁମାର ବିଶୋଇ। ସେପଟେ ଏହି ମାମଲାରେ ଅଧିକ ତଦନ୍ତ ନେଇ ଏସଆଇ ବେଦବର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ପାଡୁଆ ଥାନା ଏସ୍‌ଆଇ ଦୀପକ କୁମାର ବାରିକଙ୍କ ସହ ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ, ଏସ୍‌ଆଇ ଜ୍ୟୋତିର୍ମୟୀ ଶବରଙ୍କ ସହ ଥାନା ପୁଲିସ କର୍ମଚାରୀ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ। ସୂଚିତ ଯେ, ଜମି ଜମା ମାମଲା ନେଇ ଗତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପରଟା ଗ୍ରାମର ଉଭୟ ଗୋଲରୀ ଓ ପ୍ରଧାନି ପରିବାର ମଧ୍ୟରେ ତିକ୍ତତା ଲାଗି ରହିବା ସହ କୋର୍ଟ ପର୍ଯ୍ୟନ୍ତ ମାମଲା ରହିଛି। ତେବେ ଗତ ଶନିବାର ଦିନ ଚାଷ ବିଲରୁ ଧାନ କାଟିବାକୁ ଯାଇଥିବା ସମୟରେ ଉଭୟ ପରିବାର ମଧ୍ୟରେ ପୁଣି କଥା କଟାକଟି ସହ ଉତ୍ତେଜନା ଦେଖାଦେଇଥିଲା। ୬୫ ବର୍ଷୀୟା ଝୁମିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ନନ୍ଦପୁର ଥାନାରେ ଅଭିଯୋଗ ଆସିବା ପରେ ପୁଲିସ୍ ପକ୍ଷରୁ ତଦନ୍ତ କରାଯାଇଥିଲା। ସେପଟେ ଏହି ହତ୍ୟା ମାମଲାରେ ଅନ୍ୟ ସହଯୋଗୀମାନେ ମଧ୍ୟ ଖୁବଶିଘ୍ର ଧରା ପଡ଼ିବେ ବୋଲି କହିଛନ୍ତି ଆଇଆଇସି ଶ୍ରୀ ବିଶୋଇ।

## ରାଜ୍ୟ ଅମଲା ସଂଘର ଜିଲ୍ଲା ଶାଖା ନିର୍ବାଚନ ପାଇଁ ବୈଠକ



ଜୟପୁର,୨୩।୧୧(ସମିସ): ରାଜ୍ୟ ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଯାଦବ ଭବନଠାରେ ଏକ ସମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆସନ୍ତା ଜିଲ୍ଲା ଶାଖାର କର୍ମକର୍ତ୍ତା ନିର୍ବାଚନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶ ସୂଚନା ଦେଇଛନ୍ତି। ଏଥିରେ ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ନିର୍ବାଚିତ କମିଟି ଗତ ୨୦୨୩ ମସିହାରେ ହୋଇଥିଲେ ଏବଂ ବର୍ତ୍ତମାନ ୩ ବର୍ଷର ଅବଧି ଆସନ୍ତା ଫେବୃୟାରୀ ମାସ ୫ ତାରିଖରେ କାର୍ଯ୍ୟକାଳ ଶେଷ ହେବ। ନିର୍ବାଚନ ନିମନ୍ତେ ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସଂଘକୁ ଅବଗତ କରାଯାଇଥିଲା। ଜିଲ୍ଲା ଅମଲା ସଂଘ ବିଘଟନ କରାଯାଇଥିବା ନେଇ ଶ୍ରୀ ଦାଶ ସମ୍ମିଳନୀ ସ୍ପଷ୍ଟ କରିଛନ୍ତି ଏବଂ ଆସନ୍ତା ୩୦ ତାରିଖରେ ଜୟପୁର ଯାଦବ ଭବନଠାରେ ଅମଲା ସଂଘର ସଦସ୍ୟ ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିବା ନିମନ୍ତେ ସ୍ଥିର କରାଗଲା। ଉକ୍ତ ଦିନ ପ୍ରାର୍ଥିପତ୍ର ଯାଞ୍ଚ କରି ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷିତ କରାଯିବ ଏବଂ ଆସନ୍ତା ମାସ ୧୪ ତାରିଖରେ ସଂଘର କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ହେବ। ଏହି ଅବସରରେ ନିର୍ବାଚନ ପରିଚାଳନା ପାଇଁ ଅଧ୍ୟକ୍ଷ ନରେନ୍ଦ୍ର ନାଥ ତ୍ରିପାଠୀ ଏବଂ ନିର୍ବାଚନ ଅଧିକାରୀ ଭାବେ ସୁନାକର ରାଉତ, କାହ୍ନୁଚରଣ ନାୟକ, ଲକ୍ଷ୍ମୀକାନ୍ତ ଦାଶ, ସୁଦର୍ଶନ ସାହୁ ଚୟନ କରାଯାଇଛି। ଏହି ଅବସରରେ ପୂର୍ବତନ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ରାଉତ, ବରିଷ୍ଠ ସଦସ୍ୟ ଶ୍ରୀ ନାୟକ, ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସାଙ୍ଗଠନିକ ସମ୍ପାଦକ କୈଳାସ ସାମନ୍ତରାୟ, ସହ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପାଢ଼ି, ଯୋଗେନ୍ଦ୍ର ଚୌଧୁରି, ଜଗନ୍ନାଥ ଦାଶ, କାଳି ପ୍ରସାଦ ମିଶ୍ର, ବିନାୟକ ପଣ୍ଡା, ତ୍ରିନାଥ ପଣ୍ଡା, ବାଳଗୋପାଳ ମିଶ୍ର, ସାନ୍ତ୍ୱନୁ ଜେନା ସମେତ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

## ଚନ୍ଦାହାଣ୍ଡି କୋର୍ଟରେ ଚିତ୍ରାଙ୍କନ ପ୍ରତିଯୋଗିତା




ଚନ୍ଦାହାଣ୍ଡି,୨୩।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସଦର ମହକୁମା ସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ପରିସରରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ କନିଷ୍ଠ ଓ ବରିଷ୍ଠ ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ମୋଟ ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀମାନଙ୍କୁ ତାଲୁକ ଆଇନସେବା ପ୍ରାଧିକରଣ ତରଫରୁ ଚନ୍ଦାହାଣ୍ଡି ଜେଏମଏଫସି ଜରିନଖାନ ମାନପତ୍ର ଏବଂ ନୋବେଲ ବହି ପ୍ରଦାନ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ନବରଙ୍ଗପୁର ତରଫରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପ୍ରତିଯୋଗୀ ବଛାଯାଇ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ କୋର୍ଟ କର୍ମଚାରୀ କେଶରୀ ପ୍ରସାଦ ମନହିରା, ନିଲୁ ପ୍ରସାଦ ଶବର, ପ୍ରବୀଣ ଦାସ ଏବଂ ସମସ୍ତ ପିଏଲଭି ମେମ୍ବର ପରିଚାଳନା କରିଥିଲେ।

## ନଦୀରେ ବୁଡି ମହିଳା ମୃତ

ପୋଡ଼ାଗଡ,୨୩।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆର ଶୁଣି ପଞ୍ଚାୟତ ଅଧିନସ୍ଥ ହଳସିଲ ଗାଁ ନିକଟ ମୁରାନ ନଦୀ ପାରି ହେଲାବେଳେ ପାଣିରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ସାଲମା ମୁଦୁଲି (୫୦)। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତକାଲି ମହିଳା ଜଣକ ପଡୋଶୀ ଗାଁ ଚାନ୍ଦାଇ ପଦର ସମ୍ପର୍କୀୟ ଲୋକଙ୍କ ଘରକୁ ଯାଇଥିଲା। ଏକୁଟିଆ ସନ୍ଧ୍ୟା ସମୟରେ ନଦୀ ପାରି ହେଲା ବେଳେ ହଠାତ୍ ଗୋଡ ଖସି ପାଣି ଭିତରେ ପଡ଼ି ଯାଇଥିଲା। ମୁରାନ ନଦୀରେ ପାଣି ଅଧିକ ଥିବାରୁ ଆଉ ସେ ବାହାରି ପାରି ନ ଥିଲା। ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିବା ଗାଁର କାର୍ତ୍ତିକ ଜାନୀ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ପରିବାର ଲୋକ ଦଶମନ୍ତପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ୍ ଘଟଣାସ୍ଥଳକୁ ଯାଇ ମହିଳାଙ୍କ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ କହିଛି।

## ମା’ ନିଶାଣି ମୁଣ୍ଡା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ପୋଡ଼ାଗଡ,୨୩।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍‌ସଦର ପଞ୍ଚାୟତ ସ୍ଥିତ ବାଣ୍ଡୁଆଗୁଡା ପକ୍ଷରୁ ଆଜି ମା’ ନିଶାଣିମୁଣ୍ଡା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଣ୍ଡୁଆଗୁଡା ଘରୋଇ ଟିମ ପକ୍ଷରୁ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ୱାର୍ଡମେମ୍ବର ପୂର୍ଣ୍ଣ ନାଚିକା ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ରାଜି ବାଣ୍ଡୁଆ, ଯୁବ ସାମ୍ବାଦିକ କୈନ ଗରଡ଼ା, ସୋସିଆଲ ମିଡ଼ିଆର କୋରାପୁଟିଆ ନନା ନାନୀ, ସୁରେଶ ସୁବୁଦ୍ଧି, ଚନ୍ଦ୍ର ଶେଖର ବାଣ୍ଡୁଆ, ଧନୁ ବିଶାଇ, ହିରୋ ଜାନି, ରୁନା ବିଶୋଇ, ସୁଦୀପ୍ତ ଗରଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଖେଳରେ ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ କଲାଟିଗୁଡ଼ା ଟିମ୍ ଏବଂ ହସିୟ କିଙ୍ଗସ ୧୧ ଟିମ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ରେଫେରୀ ଭାବେ ସୁରେଶ କ୍ରିସାଣୀ ଦାୟିତ୍ୱ ତୁଲାଇଥିଲେ। ହସିୟ କିଙ୍ଗସ ୧୧ ଗୋଟିଏ ଗୋଲ ମାରି ବିପକ୍ଷ ଦଳ କଲାଟି ଟିମକୁ ପରାସ୍ତ କରି ବିଜୟ ହାସଲ କରିଥିଲେ। ବିଜେତା ଦଳକୁ ୧୫ ହଜାର ସହ ଟ୍ରଫି ଏବଂ ରୋନର୍ସଅପ୍ ଟିମକୁ ମଧ୍ୟ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।

## କୋରାପୁଟ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



କୋରାପୁଟ,୨୩।୧୧(ସମିସ): ସ୍ଥାନୀୟ କୋରାପୁଟ ଷ୍ଟାଡିୟମଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ବେଣୁଧର ଶବର ଉପସ୍ଥିତ ରହି କ୍ରୀଡା ପତାକା ଉତ୍ତୋଳନ ସହ କ୍ରୀଡା ମସାଲ ପ୍ରଜ୍ୱଳିତ କରିଥିଲେ। ଶୃଙ୍ଖଳା ଓ ଖେଳରେ ଫୋକସ କରି ନିରନ୍ତର ଅଭ୍ୟାସ କଲେ ଜଣେ ସଫଳ କ୍ରୀଡାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ପ୍ରଭାକର ଦାସ, ଯୁଗ୍ମ ସମ୍ପାଦିକା ସସ୍ମିତା ବେହେରା, ସଦସ୍ୟ ପ୍ରହଲ୍ଲାଦ ସାହୁ ଓ ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବିଦ୍ୟାଳୟର କ୍ରୀଡା ଶିକ୍ଷକ ଜଗନ୍ନାଥ ହିଣ୍ଡାଲ ଖେଳ ପରିଚାଳନା କରିଥିଲେ। ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆ, ସଟପୁଟ, ଡିସକସ ଆଦି ଖେଳରେ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଏନ୍‌ସିସି ଦିବସ











ଜୟପୁର,୨୩।୧୧(ସମିସ):

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ୭୭ତମ ସମରଶିକ୍ଷାର୍ଥୀ ବାହିନୀ(ଏନସିସି) ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକ ଉପସ୍ଥିତ ରହି ଏନସିସି ଦଳ ଏକ ଶୃଙ୍ଖଳିତ ଏବଂ ନିଷ୍ଠାପର ଭାବେ ଭାରତବର୍ଷରେ ପରିଚିତ। ଏନସିସି ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ନେଇ ଶିକ୍ଷା ଗ୍ରହଣ କରୁଛନ୍ତି, ଏପରି ସାରା ଜୀବନ ଏହାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ, ସେଣ୍ଟ ଜାଭିୟର ଉଚ୍ଚବିଦ୍ୟାଳୟ, ପ୍ରକାଶ ବିଦ୍ୟାଳୟରର ଏନସିସି ଛାତ୍ରଛାତ୍ରୀମାନେ ପ୍ୟାରେଡରେ ଭାଗ ନେଇଥିଲେ। ଏହି ଅବସରରେ ହୋଇଥିବା ବକ୍ତୃତା, ଗୀତ, ରଚନା, ଖେଳ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଶ୍ରେଷ୍ଠ କ୍ୟାଡେଟ ଭାବେ ବରିଷ୍ଠ ବିଭାଗରେ ଯୁବରାଜ ସିଂ ଓ ବାଳିକା ବିଭାଗରେ ସ୍ମୃତି ପ୍ରଭାଗିରି, କନିଷ୍ଠ ବିଭାଗରେ ଏନ୍.ତନିସ ଏବଂ ଦେବରାଜ ଦିଆନଙ୍କୁ ମନୋନୀତ କରାଯାଇଛି। ସେହିପରି ଗୌରୀ ମୁଦୁଲିଙ୍କୁ ସରିତା ସମ୍ମାନରେ ସମ୍ମାନିତ କରାଯାଇ ଏକ ହଜାର ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଓ ସିଦ୍ଧାନ୍ତ ନାୟକ ଉପସ୍ଥିତ ରହି କ୍ୟାଡେଟମାନଙ୍କୁ ପ୍ରେରଣା ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ୟାପଟେନ ଲକ୍ଷ୍ମଣ ପାତ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲେଫ୍ଟନାଣ୍ଟ ସନ୍ତୋଷିନୀ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନସିସି ପ୍ରଶିକ୍ଷକ ରାଜେନ୍ଦ୍ର ପଣ୍ଡା, ଏମ୍‌ଡି ସରିଫ, ଭାସ୍କର ଆମ୍ମା, ପୂର୍ବତନ ଛାତ୍ର ଅଙ୍କିତ ଦିବାର, ନିଶାନ ପଟ୍ଟନାୟକ, ଦୀପକ ଷଡଙ୍ଗୀ, ଦୁର୍ଗାଚରଣ ସାହୁ, ଅଧ୍ୟାପକ ଡ. ଅରୁଣ କୁମାର ରାଜ, ଅଧ୍ୟାପିକା ସୁକାନ୍ତି ସଏ, ପଲ୍ଲବୀ ନାୟକ ଯୋଗ ଦେଇଥିଲେ।

**କୋରାପୁଟ:** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୭୭ତମ ଜାତୀୟ ସମର ଶିକ୍ଷାର୍ଥୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ପଣ୍ଡା ଉପସ୍ଥିତ ରହି ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆସୋସିଏଟ ଏନ୍‌ସିସି ଅଫିସର ଭୀମସେନ ବେହେରା ପରିଚାଳନା କରିଥିବା ବେଳେ ନନ୍ଦିନୀ ଖିଲ, ସସ୍ମିତା ସାହୁ, ମଞ୍ଜୁରୀ ଷଣ୍ଢ, ଅରୂପମୟୀ ସାମଲ, ମମତା ବୁରୁଡି, ସୁଚରିତା ପଟ୍ଟନାୟକ, ଆସୁବିଳାସ ବିଶ୍ୱାଳ ଓ ଶାନ୍ତନୁ କୁମାର ପାଢ଼ୀ ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ସମସ୍ତ ଏନ୍‌ସିସି ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ମିଳିତ କଣ୍ଠରେ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ।

**ଦାମନଯୋଡ଼ି:** ନାଲକୋ ଟାଉନସିପସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ୭୮ତମ ଏନସିସି ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନସିସି ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଠୀ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ। ସମାଜର ସାମୂହିକ ସେବା କ୍ଷେତ୍ରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହା ଦ୍ୱାରା କ୍ୟାଡେଟମାନଙ୍କ ମଧ୍ୟରେ ଶୃଙ୍ଖଳା, ରାଷ୍ଟ୍ରପ୍ରେମ, ପ୍ରତିବଦ୍ଧତା ଓ ନେତୃତ୍ୱ ନେବାର ଦକ୍ଷତା ଆଦି ଗୁଣାବଳୀ ସୃଷ୍ଟି କରିବାରେ ଏନସିସି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ସେ ପ୍ରକାଶ କରିଥିଲେ। ଏହାପରେ ସେ କ୍ୟାଡେଟମାନଙ୍କୁ ବର୍ତ୍ତମାନ ଚାଲୁଥିବା ସାଇବର ଆକ୍ରମଣରୁ କିପରି ଆମମାନେ ସୁରକ୍ଷା ପାଇପାରିବା ସେ ସମ୍ପର୍କରେ ଆଲୋଚନା କରିଥିଲେ। କ୍ୟାଡେଟମାନଙ୍କ ଦ୍ୱାରା ବନ୍ଦେ ମାତରମ ଗାନ କରାଯିବା ସହିତ ବଙ୍କିମ ଚନ୍ଦ୍ରଙ୍କ ବିଷୟରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କ୍ୟାଡେଟମାନଙ୍କ ଦ୍ୱାରା ଏକ ସାଇକେଲ ରାଲି କରାଯାଇଥିଲା।

**ସୁନାବେଡା:** ଡିଏଭି ଭିଏସ ବିଦ୍ୟାଳୟ, ସୁନାବେଡାରେ ଆଜି ୭୮ତମ ଏନସିସି ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ଉପସ୍ଥିତ ହୋଇ କ୍ୟାଡେଟମାନଙ୍କୁ ଶିଷ୍ଟାଚାର, ଦେଶପ୍ରେମ ଓ ଜୀବନ ଦୃଷ୍ଟି ବିଷୟରେ ପ୍ରେରଣା ଦାୟକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଶାନ୍ତ ପଟ୍ଟନାୟକ ( ବରିଷ୍ଠ ଇନ୍‌ଚାର୍ଜ) ଓ ଅନୀତା ସିଂହ (ପ୍ରାଥମିକ ଶୃଙ୍ଖଳା ଇନ୍‌ଚାର୍ଜ) ଗରିମାମୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ୟାଡେଟମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ, ଗ୍ରୁପ୍ ସଙ୍ଗୀତ, କବିତା ଆବୃତ୍ତି ଓ ବାଦ୍ୟଯନ୍ତ୍ର ପ୍ରଦର୍ଶନ ଆଦି ଆୟୋଜିତ ହୋଇ ସମାରୋହକୁ ଆକର୍ଷଣୀୟ କରିଥିଲା। ବିଦ୍ୟାଳୟର ଏଏନ୍‌ଓ ତୃତୀୟ ଅଫିସର ଆରତି ରାଣୀ ସାହୁ ଓ ସିଟିଓ ଜୟନ୍ତ କୁମାର ସାହୁ କ୍ୟାଡେଟମାନଙ୍କ ପ୍ରଶିକ୍ଷଣ, ନିୟମିତ ଅନୁଶାସନ ଓ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ନେଇଥିଲେ। ସମାରୋହର ଶେଷରେ ଏନସିସିର ମୂଳମନ୍ତ୍ର ଏକତା, ଶୃଙ୍ଖଳା ଓ ଜାତି ସେବାପାଳନ କରି ଦେଶର ଆଦର୍ଶ ନାଗରିକ ହେବାକୁ ସମସ୍ତ କ୍ୟାଡେଟମାନଙ୍କୁ ପ୍ରେରିତ କରାଯାଇଥିଲା।

| ସ୍ଥାନ | | କନିଷ୍ଠ | | ବରିଷ୍ଠ | |
|---|---|---|---|---|---|
| | | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ |
| ଭୁବନେଶ୍ୱର | ୧ମ | ଶୁଭଲକ୍ଷ୍ମୀ ସାହୁ | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ଶାଶ୍ୱତୀ ପ୍ରିୟଦର୍ଶିନୀ | ଉତ୍କଳ ବିଶ୍ୱବିଦ୍ୟାଳୟ |
| | ୨ୟ | ସୁଶ୍ରୀ ସୁରଭି | ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮ | ସୂର୍ଯ୍ୟକାନ୍ତ ବେହେରା | ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | | | | ଅସ୍ତିକ ମିଶ୍ର | କିଟ୍ ବିଶ୍ୱବିଦ୍ୟାଳୟ |
| | ୩ୟ | ପରିଣୀତି ବେହେରା | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ବିଶ୍ୱରଞ୍ଜନ ରାଉତରାୟ | ଉତ୍କଳ ବିଶ୍ୱବିଦ୍ୟାଳୟ |
| ଖୋର୍ଦ୍ଧା | ୧ମ | ହିମାଂଶୁ ସାହୁ | କେନ୍ଦୁପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ | ପ୍ରଜ୍ଞାଶ୍ରୀ ପଟ୍ଟନାୟକ | ପ୍ରାଣନାଥ ମହାବିଦ୍ୟାଳୟ |
| | ୨ୟ | ମୈଥିଲି ନାୟକ | ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟ ଶିଆଳିଆ | ତପସ୍ୱିନୀ ରଥ | ପ୍ରାଣନାଥ ମହାବିଦ୍ୟାଳୟ |
| | ୩ୟ | ସ୍ୱପ୍ନାରାଣୀ ଜେନା | ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଅର୍ଜୁନପୁର | ଅଞ୍ଜୁଶ୍ରୀ ମହାପାତ୍ର | ମହିଳା ମହାବିଦ୍ୟାଳୟ |
| ନୟାଗଡ଼ | ୧ମ | ପ୍ରୀତିମୟୀ ସାହୁ | ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ | ସାଗର ବେହେରା | ରାଜସୁନାଖଳା ଡିଆଇଇଟି |
| | ୨ୟ | ପଲ୍ଲବୀ ପ୍ରିୟଦର୍ଶିନୀ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଶୁଭାଶିଷ ଦାଶ | ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଜ୍ଞାନରଞ୍ଜନ ଦାଶ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ବିଶ୍ୱକଲ୍ୟାଣ ତ୍ରିପାଠୀ | ୟୁନିଟେକ୍ ମହାବିଦ୍ୟାଳୟ |
| ଅନୁଗୁଳ | ୧ମ | ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର | ପି. ଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟ | ସ୍ମୃତିସ୍ମିତା ରାଉତ | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୨ୟ | ସୁରଭି ସାହୁ | ରୋଟାରି ପବ୍ଲିକ ସ୍କୁଲ | ସନ୍ଦୀପ ଖିଲାର | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୩ୟ | ଇପ୍ସିତା ମିଶ୍ର | ସରକାରୀ ଉଚ୍ଚବିଦ୍ୟାଳୟ | ସୌମ୍ୟା ସମାପେକ୍ଷା ନାୟକ | ରୋଟାରି ପବ୍ଲିକ ସ୍କୁଲ |
| ପୁରୀ | ୧ମ | ଶୁଭାଙ୍ଗୀ ସାହୁ | ଘୋଡାବଜାର ଏସ୍ଏସ୍ଭିଏମ୍ | ରୋଜାଲିନ ରାଉତ | ଏସ୍ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରାଚୀ ପ୍ରଧାନ | ଚନ୍ଦ୍ରଶେଖର ଏକାଡେମୀ | ଆର୍ଯ୍ୟମାନ କର | ଏସ୍ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ରୁପାଲି ଭୋଇ | ବଳଗଣ୍ଡି ଉଚ୍ଚବିଦ୍ୟାଳୟ | ଅର୍ପିତା ପଟ୍ଟନାୟକ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ |
| କଟକ | ୧ମ | ସିଦ୍ଧାନ୍ତ କୁମାର ସାହୁ | ରେଭେନ୍ସା କଲିଜିଏଟ୍ ସ୍କୁଲ | ପ୍ରଶମିତ କାନୁନଗୋ | ଖ୍ରୀଷ୍ଟ ମହାବିଦ୍ୟାଳୟ |
| | ୨ୟ | ଜୟଦିତ୍ୟ ପାଢ଼ୀ | ଷ୍ଟିୱାର୍ଟ ସ୍କୁଲ୍ | ମନୋଜ କୁମାର ସାହୁ | ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ |
| | ୩ୟ | ଅନ୍ୱେଷା ପଣ୍ଡା | ଏସ୍ଏସ୍ଭିଏମ୍, କଲେଜ ଛକ | ଦେବଶ୍ରିତା ଦାସ | ରେଭେନ୍ସା ବିଶ୍ୱବିଦ୍ୟାଳୟ |
| ଢେଙ୍କାନାଳ | ୧ମ | ସୁଶ୍ରୀ ସାଗରିକା ସ୍ୱାଇଁ | ପିଏମ୍ଶ୍ରୀ ବ୍ରଜନାଥ ବଡ଼ଜେନା ହାଇସ୍କୁଲ | -- | -- |
| | ୨ୟ | ହନସୁଜା ହିମାଳିନୀ | ମନଫଟ ବିଦ୍ୟାଳୟ | -- | -- |
| | ୩ୟ | ବିଶ୍ୱବନ୍ଦିତା ମହାପାତ୍ର | ସେଣ୍ଟ୍ ଜାଭିୟର୍ ହାଇସ୍କୁଲ | -- | -- |
| ମୟୂରଭଞ୍ଜ | ୧ମ | ତସବି ପରବିନ | ସେଣ୍ଟ ଆନ୍ସିସ କନଭେଣ୍ଟ ସ୍କୁଲ | ଶୁଭଶ୍ରୀ ଦୀକ୍ଷିତ | ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ତପସ୍ୱିନୀ ବେହେରା | ସାଇ ଆଦର୍ଶ ବିଦ୍ୟାମନ୍ଦିର | ଜସ୍ମିନ ଦାସ | ଏମ୍ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ତନ୍ମୟା ସାହୁ | ରଘୁନାଥ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ | ଆର୍ଯ୍ୟନ ଦାସ | ବାରିପଦାର ସେଣ୍ଟ ଆନ୍ସିସ କନଭେଣ୍ଟ ସ୍କୁଲ |
| ଗଜପତି | ୧ମ | ସ୍ନୋଇ ଜଶିକା ଦାଶ | ସେଞ୍ଚୁରିୟନ୍ ପବ୍ଲିକ ସ୍କୁଲ | ମହାଲକ୍ଷ୍ମୀ ମହାପାତ୍ର | ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ଅଜିତ୍ କୁମାର ପାଣିଗ୍ରାହୀ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ସୁଲଗ୍ନା ପଟ୍ଟନାୟକ | ସେଞ୍ଚୁରିୟନ ପବ୍ଲିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ସାଇଶ୍ରୀ ପଣ୍ଡିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ନିଉଟନ୍ ଶବର | ବିନୋଦିନୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| ଗଞ୍ଜାମ | ୧ମ | ବି ଅବିନାଶ ଦାଶ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ | ଅମ୍ବିକା ପ୍ରସାଦ ମହାପାତ୍ର | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୨ୟ | ଆଶୁତୋଷ ସାହୁ | ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲ | ଅଭିଷେକ ସାମନ୍ତରାୟ | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୩ୟ | ମହିକା ପ୍ରଧାନ | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଜପତିନଗର | ବସୁନ୍ଧରା ପାଣିଗ୍ରାହୀ | ଦି ୟୁରୋ ସ୍କୁଲ, ଛତ୍ରପୁର |
| କନ୍ଧମାଳ | ୧ମ | ସାଇ ଶୁଭମ ମହାନ୍ତି | ପବ୍ଲିକ ସ୍କୁଲ | ସ୍ୱାଗତିକା ତ୍ରିପାଠୀ | ସରକାରୀ ମହାବିଦ୍ୟାଳୟ |
| | ୨ୟ | ଶୁଭମ ଡାକୁଆ | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ଶ୍ରଦ୍ଧାଞ୍ଜଳି ସାହୁ | ସରକାରୀ ମହାବିଦ୍ୟାଳୟ |
| | ୩ୟ | ଶୁଭଶ୍ରୀ ସା | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ରସନୀ ମହାନନ୍ଦ | ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ |
| କେନ୍ଦ୍ରାପଡ଼ା | ୧ମ | ସିମ୍ରନ ବେହେରା | ସେଣ୍ଟ ଜାଭିୟର ହାଇସ୍କୁଲ | ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ | ଧରଣୀଧର ବିଶ୍ୱବିଦ୍ୟାଳୟ |
| | ୨ୟ | ଆୟୁଷା ମଙ୍ଗରାଜ | ସେଣ୍ଟ୍ ଜାଭିୟର ହାଇସ୍କୁଲ | ସତ୍ୟଜିତ ସାହୁ | ଇଗ୍ନୋ, କେନ୍ଦ୍ରାପଡ଼ା |
| | ୩ୟ | ସ୍ୱାତୀପ୍ରଜ୍ଞା ପଣ୍ଡା | ଦାମୋଦରଜୀୟୁ ବିଦ୍ୟାପୀଠ | ଓମ୍ପ୍ରକାଶ ରଥ | ଏଚଏନଏସ କଲେଜ, ଚାନ୍ଦୋଳ |
| ଜଗତସିଂହପୁର | ୧ମ | ଅଭିଷେକ ତ୍ରିପାଠୀ | ରସଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ | ରାଜକୁମାର ଶତପଥୀ | ଜଗତସିଂହପୁର ଏସଭିଏମ କଲେଜ |
| | ୨ୟ | ଅମିତ୍ରା ଷଡ଼ଙ୍ଗୀ | ବୃନ୍ଦାବନ ଉଚ୍ଚବିଦ୍ୟାଳୟ, ମାର୍କଣ୍ଡପୁର | ଦର୍ଶନ ସାରଦା ଶତପଥୀ | ଜଗତସିଂହପୁର, ଏସଭିଏମ କଲେଜ |
| | ୩ୟ | ଆଦ୍ୟାଶା ପ୍ରିୟଦର୍ଶିନୀ | ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଶ୍ରଦ୍ଧାଞ୍ଜଳି ପାତ୍ର | ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ, ଆଶ୍ରମପାଟଣା |
| ଯାଜପୁର | ୧ମ | ସ୍ୱସ୍ତିକା ରାଉତ | ଆଦର୍ଶ ବିଦ୍ୟାଳୟ, ଦାନଗଦୀ | କେଶରୀ ପ୍ରସାଦ ମହାନ୍ତି | ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର |
| | ୨ୟ | ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା | ଉପେନ୍ଦ୍ର କୁମାର ହାଇସ୍କୁଲ, ଯାଜପୁର | ସାଇ ଶଙ୍କର ବାରିକ | ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ପାଣିକୋଇଲି |
| | ୩ୟ | ପ୍ରଜ୍ଞା ପାରମିତା କୁଣ୍ଡୁ | ପଞ୍ଚାୟତ ହାଇସ୍କୁଲ, ନାଥସାହି | ମାନସ ରଞ୍ଜନ ସେନାପତି | ଡି.ଆଇ.ଇ.ଟି, ଡୋଲିପୁର |
| ବାଲେଶ୍ୱର | ୧ମ | ତୁଳସୀ ରଣା | ବାଲେଶ୍ୱର ଟାଉନ ହାଇସ୍କୁଲ | ଉପାସନା ପଟ୍ଟନାୟକ | ଫକୀରମୋହନ ବିଶ୍ୱବିଦ୍ୟାଳୟ |
| | ୨ୟ | ପିଆଲି ପଢ଼ିଆରି | ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଚନ୍ଦ୍ରାୟ ହେମ୍ବ୍ରମ | ଟେମ୍ପୁଲସିଟି ଇଞ୍ଜିନିୟରିଂ କଲେଜ |
| | ୩ୟ | ଅଦ୍ରିତ କୁମାର ଦାସ | ମଡର୍ଣ୍ଣ ପବ୍ଲିକ ସ୍କୁଲ | ଦୀପସା ତ୍ରିପାଠୀ | ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ |
| ଭଦ୍ରକ | ୧ମ | ଋତୁପୂର୍ଣ୍ଣା ନାୟକ | ଭଦ୍ରକ ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ | ଉଦୀପ୍ତା କର | ଏସ୍ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୨ୟ | ଅନ୍ନପୂର୍ଣ୍ଣା ସେଠୀ | ଏସ୍ବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ତୃପ୍ତିରାଣୀ ପଣ୍ଡା | ଏସ୍ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୩ୟ | ଜ୍ୟୋତିପ୍ରଜ୍ଞା ରାଉତ | ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ମଧୁସ୍ମିତା ବିଶ୍ୱାଳ | ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ |
| କେନ୍ଦୁଝର | ୧ମ | ଅନନ୍ୟା ଲେଙ୍କା | ଏସ୍ଏସ୍ଭିଏମ୍, କେନ୍ଦୁଝରଗଡ଼ | ଆୟୁଷା ପଟ୍ଟନାଏକ | ଧରଣୀଧର ବିଶ୍ୱବିଦ୍ୟାଳୟର |
| | ୨ୟ | ତନୁଶ୍ରୀ ପଣ୍ଡା | ଏସ୍ଏସ୍ଭିଏମ୍, କେନ୍ଦୁଝରଗଡ଼ | ଶତାବ୍ଦୀ ମହାନ୍ତି | ଧରଣୀଧର ଉଚ୍ଚମାଧ୍ୟମିକ ବିଦ୍ୟାଳୟର |
| | ୩ୟ | ବିଶ୍ୱଜିତ ଦାଶ | ଡିଏନ ହାଇସ୍କୁଲ | ରଶ୍ମିତା ଶତପଥୀ | ଡିଡି ବିଶ୍ୱବିଦ୍ୟାଳୟର |
| ରାୟଗଡ଼ା | ୧ମ | ରାଜ ନାୟକ | ଗୋପବନ୍ଧୁ ମୁନସିପାଲିଟି ହାଇସ୍କୁଲ | ସାଇରେନ୍ଦ୍ରି ସିଲା ସାହୁ | ରାୟଗଡ଼ା ଜିଆଇଏସିଆର୍ କଲେଜ |
| | ୨ୟ | ନନ୍ଦିନୀ ଶତପଥୀ | ରାୟଗଡ଼ା ବାଳିକା ଉଚ୍ଚବିଦ୍ୟାଳୟ | ଶୁଭେନ୍ଦ୍ର କୁମାର ପାତ୍ର | ରାୟଗଡ଼ା ମଡେଲ ଡିଗ୍ରୀ କଲେଜ |
| | ୩ୟ | ଦିବ୍ୟକୃପା ଦାଶ | ରାୟଗଡ଼ା ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ | ସୂରଜ କନ୍ଧପାଣି | ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ |
| ନବରଙ୍ଗପୁର | ୧ମ | ଭି.ତନୁଶ୍ରୀ | ନବରଙ୍ଗପୁର ପିଏମଶ୍ରୀ ଆର୍ସିଡି ହାଇସ୍କୁଲ | ସୌମ୍ୟା ନନ୍ଦ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୨ୟ | ଅଭୀପ୍ସା ପରିଚ୍ଛା | ନବରଙ୍ଗପୁର ଏସ୍ଏସ୍ଭିଏମ୍ | ପ୍ରିୟଙ୍କା ନାୟକ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୩ୟ | ଅବିନାଶ ସାହୁ | ନବରଙ୍ଗପୁର ଏସ୍ଏସ୍ଭିଏମ୍ | ଭି. ଅନିତା ଆଚାରି | ନବରଙ୍ଗପୁର ବିଦ୍ୟାର୍ଥୀ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟ |
| ମାଲକାନଗିରି | ୧ମ | ଶୁଭସ୍ମିତା ସ୍ୱାଇଁ | ବାଲିମେଳା ବାଳିକା ଉଚ୍ଚବିଦ୍ୟାଳୟ | ହୃଷୀକେଶ ପଣ୍ଡା | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୨ୟ | ଆଦର୍ଶ ଜ୍ଞାନରଞ୍ଜନ ନନ୍ଦ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ | ଶିଭା ମାଟାମ | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୩ୟ | ଶ୍ରୀଧା ରଥ | ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ | ତପସ୍ୱିନୀ ଓଝା | ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟ |
| କୋରାପୁଟ | ୧ମ | ସତତ୍ କୁମାର ଗନ୍ତାୟତ | ପ୍ରକାଶ ବିଦ୍ୟାଳୟ, ଜୟପୁର | ଦେବାଶିଷ ସାହୁ | କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ |
| | ୨ୟ | ତିତିକ୍ଷା ମିଶ୍ର | ଏସ୍ଏସ୍ଭିଏମ୍, ଶାରଦା ବିହାର, ଜୟପୁର | ମାନସୀ ରାଣି ମହାନ୍ତି | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| | ୩ୟ | ଇପ୍ସିସା ମହାନ୍ତି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୋରାପୁଟ | ପ୍ରୀତମ ପ୍ରୟାସ ପଣ୍ଡା | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| ବଲାଙ୍ଗିର | ୧ମ | ଦମୟନ୍ତୀ ଖୁଆସ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ବ୍ୟୋମକେଶ ଦତ୍ତ ତ୍ରିପାଠୀ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| | ୨ୟ | ବିନ୍ଦିୟା ବେହେରା | ବିଶ୍ୱାମ୍ବି ବିଦ୍ୟାମନ୍ଦିରର ଛାତ୍ରୀ | ପ୍ରତିଶ୍ରୁତି ନାୟକ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ |
| | ୩ୟ | ଶୁଭମ ପଣ୍ଡା | ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟର ଛାତ୍ର | ସନ୍ଧ୍ୟାରାଣୀ ପଧାନ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| ଦେବଗଡ଼ | ୧ମ | ଶ୍ରୀୟେଶ୍ୱରୀ ଗଡ଼ନାୟକ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଓଁକାର ସେଠୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| | ୨ୟ | କ୍ରିତିକା କିରଣ ସାମଲ | ସରସ୍ୱତୀ ଶିଶୁବିଦ୍ୟାମନ୍ଦିର | ସାବିତ୍ରୀ ବେହେରା | ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ |
| | ୩ୟ | ସୋନାଲିସା ଦାସ | ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଛାତ୍ରୀ | ସୁନୟନା ଦେହୁରୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| କଳାହାଣ୍ଡି | ୧ମ | ଅନିନ୍ଦିତା ସାହୁ | ବିମଳା କନଭେଣ୍ଟ ସ୍କୁଲ, ଭବାନୀପାଟଣା | ଆର୍ଯ୍ୟା ନାୟକ | ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ |
| | ୨ୟ | ଐଶ୍ୱର୍ଯ୍ୟା ସିଂହ | ଭବାନୀପାଟଣା ବିମଳା କନଭେଣ୍ଟ ସ୍କୁଲ | ଟୁନା କଣ୍ଡୋଗିରି | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| | ୩ୟ | ଅନନ୍ୟା ମିଶ୍ର | ବ୍ରଜବିହାର ଏସ୍ଏସ୍ଭିଏମ୍, ଭବାନୀପାଟଣା | ତପନ କୁମାର ବେହେରା | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| ନୂଆପଡ଼ା | ୧ମ | ଦୀପିକା ପ୍ରିୟଦର୍ଶିନୀ ବିଶି | ଜ୍ଞାନଜ୍ୟୋତି ବିଦ୍ୟାଳୟ | କିରଣ ସାହୁ | ନ୍ୟାସନାଲ କଲେଜ |
| | ୨ୟ | ବର୍ଷା ପ୍ରିୟଦର୍ଶିନୀ | କେନ୍ଦ୍ରୀୟ ବିଦ୍ୟାଳୟ | ଜାନକୀ ଦଣ୍ଡସେନା | ନ୍ୟାସନାଲ କଲେଜ |
| | ୩ୟ | ଦେବକୀ ଦୀପ | ଜ୍ଞାନଜ୍ୟୋତି ବିଦ୍ୟାଳୟ | ଜୟଚନ୍ଦ୍ର ରଣା | ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ |
| ସମ୍ବଲପର | ୧ମ | ମୃଣ୍ମୟୀ ପ୍ରଧାନ | ସେଭେନ ହିଲ୍ସ ରେସିଡେନ୍ସିଆଲ ସ୍କୁଲ | ଶ୍ରୁତିରେଖା ଆଚାର୍ଯ୍ୟ | ସରକାରୀ ମହିଳା ମହାବିଦ୍ୟାଳୟ |
| | ୨ୟ | ସ୍ନେହମୟୀ ମହାପାତ୍ର | ଏସ୍ଏସ୍ଭିଏମ୍, ସିଦ୍ଧେଶ୍ୱରବେର୍ଣ୍ଣା | ମାନସ ରଞ୍ଜନ ଦୀକ୍ଷିତ | ସୁଇଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ |
| | ୩ୟ | ଅଙ୍କେଶ କୁମାର ନାଥ | ଓଏଭି, ଜମନକିରା | ବର୍ଷାରାଣୀ ମେହେର | ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ |
| ରାଉରକେଲା | ୧ମ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ଆଦର୍ଶ ବିଦ୍ୟାପୀଠ, ସାରନଗରୀ | ପ୍ରୟାସ ପ୍ରୀତିରଞ୍ଜନ ବାରିକ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରୟାଗରାଜ ବାରିକ | ଛେଣ୍ଡ ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲ | ପ୍ରସପିତା ପ୍ରିୟଦର୍ଶିନୀ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଅଲିଶା ରାୟ | ବାସନ୍ତୀ କଲୋନୀ ସରକାରୀ ହାଇସ୍କୁଲ | ବିଜେୟନ୍ଦ୍ରୀ ମହାନ୍ତି | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| ଝାରସୁଗୁଡ଼ା | ୧ମ | ଅଭୀପ୍ସା କର | ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ | ଫାଲଗୁନୀ ବେହେରା | ପିକେଏସ୍ଏସ୍ କଲେଜ |
| | ୨ୟ | ଏକତା ପ୍ରଧାନ | ଡିଏଭି ପବ୍ଲିକ ସ୍କୁଲ ଏସଓସିପି ବ୍ରଜରାଜନଗର | ଉଷାରାଣୀ ବେହେରା | ପିକେଏସ୍ଏସ୍ କଲେଜ |
| | ୩ୟ | ଆରାଧ୍ୟା ପଣ୍ଡା | ବ୍ରଜରାଜନଗର ଡାନିଏଲ ପବ୍ଲିକ ସ୍କୁଲ | ଦିବ୍ୟା ଭୋଇ | ପିକେଏସ୍ଏସ୍ କଲେଜ |
| ବୌଦ୍ଧ | ୧ମ | ଆର୍ଯ୍ୟନାରାୟଣ ଦେବ | ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲ | ସୁନେଲି ବାଘ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| | ୨ୟ | ଆଧୟତ୍ରୀ ପୁରୋହିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଡେଜଲିନ ସାହୁ | ମଡେଲ ଡିଗ୍ରୀ କଲେଜ |
| | ୩ୟ | ବବିନ ବାଘ | ବୁଟୁପାଲି ହାଇସ୍କୁଲ | ବିମଳା ନାଏକ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| ବରଗଡ଼ | ୧ମ | ସାଲିନୀ ସା | ରାଣାପ୍ରତାପ ସ୍କୁଲ | ଅବିନାଶ ନାଗ | ପଞ୍ଚାୟତ ଡିଗ୍ରୀ କଲେଜ |
| | ୨ୟ | ପୀୟୂଷ ନାଏକ | ଜର୍ଜ ଉଚ୍ଚ ବିଦ୍ୟାଳୟର | ଚନ୍ଦ୍ରିକା ପ୍ରଧାନ | ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ପାୟଲ ପଣ୍ଡା | ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଧରିତ୍ରୀ ପ୍ରଧାନ | ପଞ୍ଚାୟତ ଡିଗ୍ରୀ କଲେଜ |


# ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ପ୍ରତିଯୋଗୀ



ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର


ସ୍ମୃତିସ୍ମିତା ରାଉତ



ତୁଳସୀ ରଣା


ଉପାସନା ପଟ୍ଟନାୟକ


ସାଲିନୀ ସା


ଅବିନାଶ ନାଗ


ଶୁଭଲକ୍ଷ୍ମୀ ସାହୁ



ଶାଶ୍ୱତୀ ପ୍ରିୟଦର୍ଶିନୀ


ଅନିନ୍ଦିତା ସାହୁ


ଆର୍ଯ୍ୟା ନାୟକ



ଦମୟନ୍ତୀ ଖୁଆସ


ବ୍ୟୋମକେଶ ଦତ୍ତ ତ୍ରିପାଠୀ


ଆର୍ଯ୍ୟନାରାୟଣ ଦେବ


ସୁନେଲି ବାଘ



ଶ୍ରୀୟେଶ୍ୱରୀ ଗଡ଼ନାୟକ


ଓଁକାର ସେଠୀ


ମହାଲକ୍ଷ୍ମୀ ମହାପାତ୍ର



ସ୍ନୋଇ ଜଶିକା ଦାଶ


ଅଭୀପ୍ସା କର


ଫାଲଗୁନୀ ବେହେରା


ଅନନ୍ୟା ଲେଙ୍କା


ଆୟୁଷା ପଟ୍ଟନାଏକ


ସତତ୍ କୁମାର ଗନ୍ତାୟତ


ଦେବାଶିଷ ସାହୁ


ଶୁଭସ୍ମିତା ସ୍ୱାଇଁ


ହୃଷୀକେଶ ପଣ୍ଡା


ତସବି ପରବିନ


ଶୁଭଶ୍ରୀ ଦୀକ୍ଷିତ


ଭି.ତନୁଶ୍ରୀ


ସୌମ୍ୟା ନନ୍ଦ



ପ୍ରୀତିମୟୀ ସାହୁ


ସାଗର ବେହେରା


ଦୀପିକା ପ୍ରିୟଦର୍ଶିନୀ ବିଶି


କିରଣ ସାହୁ


ସ୍ୱାଗତିକା ତ୍ରିପାଠୀ


ସାଇ ଶୁଭମ ମହାନ୍ତି


ରାଜ ନାୟକ | ସାଇରେନ୍ଦ୍ରି ସିଲା ସାହୁ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ପ୍ରୟାସ ପ୍ରୀତିରଞ୍ଜନ ବାରିକ | ମୃଣ୍ମୟୀ ପ୍ରଧାନ | ଶ୍ରୁତିରେଖା ଆଚାର୍ଯ୍ୟ


ଋତୁପୂର୍ଣ୍ଣା ନାୟକ | ଉଦିପ୍ତା କର | ସିମ୍ରନ ବେହେରା | ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ | ସୁଶ୍ରୀ ସାଗରିକା ସ୍ୱାଇଁ


ବି ଅବିନାଶ ଦାଶ | ଅମ୍ବିକା ପ୍ରସାଦ ମହାପାତ୍ର | ହିମାଂଶୁ ସାହୁ | ପ୍ରଜ୍ଞାଶ୍ରୀ ପଟ୍ଟନାୟକ | ପ୍ରସମିତ କାନୁନଗୋ | ସିଦ୍ଧାନ୍ତ କୁମାର ସାହୁ


କେଶରୀ ପ୍ରସାଦ ମହାନ୍ତି | ସ୍ୱସ୍ତିକା ରାଉତ | ଅଭିଷେକ ତ୍ରିପାଠୀ | ରାଜକୁମାର ଶତପଥୀ | ଶୁଭାଙ୍ଗୀ ସାହୁ | ରୋଜାଲିନ ରାଉତ

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।


**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୮୭୧- ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଗଠନ ।
- ୧୯୧୪- ବେନିତୋ ମୁସୋଲିନୀଙ୍କୁ ଇଟାଲୀୟ ସମାଜବାଦୀ ପାର୍ଟିରୁ ବାହାର କରାଗଲା ।
- ୧୯୬୯- ଆପୋଲୋ ୧୨ ମହାକାଶଯାନ ପୃଥିବୀକୁ ଫେରୁଥିବା ସମୟରେ ପ୍ରଶାନ୍ତ ମହାସାଗରରେ ଖସିପଡ଼ିଲା ।
- ୧୯୯୨- ଚାଇନାର ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪୧ ଲୋକଙ୍କ ମୃତ୍ୟୁ ।




# ସିଂହାସନରେ ବସିବା ପୂର୍ବରୁ ପଥର ଉପରେ ବସନ୍ତି ରାଜା

ସାଧାରଣତଃ କୌଣସି ବ୍ୟକ୍ତି ରାଜା ହେଲେ ରାଜ୍ୟାଭିଷେକ କରାଯାଇ ତାଙ୍କୁ ରାଜ ସିଂହାସନରେ ବସାଯାଏ । ବ୍ରିଟେନରେ କିନ୍ତୁ ଏହାକୁ ନେଇ ଭିନ୍ନତା ଦେଖିବାକୁ ମିଳିଥାଏ । ଏଠାରେ ରାଜାଙ୍କୁ ରାଜ୍ୟାଭିଷେକ ସମୟରେ ଏକ ପଥର ଉପରେ ବସିବା ପରମ୍ପରା ରହିଛି । ୧୫୨ କେଜି ଓଜନର ଏହି ପଥରକୁ ଭାଗ୍ୟର ପଥର ବା ଷ୍ଟୋନ ଅଫ୍ ଡେଷ୍ଟିନି ବୋଲି କୁହାଯାଏ । ଏହା ସ୍କଟିଶ୍ ରାଜତନ୍ତ୍ରର ପ୍ରତୀକ ଭାବେ ଜଣାଯାଏ । ଭାଗ୍ୟ ପଥର ବା ଲିୟା ଫେଲ୍ ନାମକ ଏହି ଆୟତାକର ବାଲୁଆ ପଥର କାହିଁ କେଉଁ କାଳୁ ବ୍ରିଟେନ ରାଜାଙ୍କ ରାଜ୍ୟାଭିଷେକ ସହ ଜଡ଼ିତ । ଐତିହାସିକମାନଙ୍କ କହିବାନୁଯାୟୀ, ଚଉଦଶହ ଶତାବ୍ଦୀରୁ ବ୍ରିଟିଶ୍ ରାଜ୍ୟାଭିଷେକ ପାଇଁ ଏହା ବ୍ୟବହୃତ ହୋଇଆସୁଛି । ବାସ୍ତବିକ ରୂପେ ଏହା କେବେଠୁ ବ୍ୟବହୃତ ହୋଇଆସୁଛି , ତାହା କେହି ଜାଣନ୍ତିନି । ଏହାର ଉତ୍ପତ୍ତି ମଧ୍ୟ ରହସ୍ୟମୟ । ଏହାକୁ ନେଇ ବିଶେଷଜ୍ଞମାନେ ମଧ୍ୟ ବହୁ ଅଧ୍ୟୟନ କରିଛନ୍ତି । ବୈଜ୍ଞାନିକମାନଙ୍କ ତଥ୍ୟ ଅନୁଯାୟୀ, ଏହା ସ୍କଟଲ୍ୟାଣ୍ଡରେ ମିଳୁଥିବା ଏକ ବାଲୁଆ ପଥର । ସେହିଭଳି ଏଠାରେ ପ୍ରଚଳିତ ଲୋକକଥା ଅନୁଯାୟୀ, ଏହି ପଥର ୩୦୦୦ ବର୍ଷ ପୂର୍ବେ ପାଲେଷ୍ଟାଇନ୍‌ରୁ ଆସିଥିଲା । ଏଥିରେ ଯାକୁବ୍ ନିଜର ମୁଣ୍ଡ ରଖି ଶୋଇଥିଲେ ଏବଂ ସ୍ୱପ୍ନରେ ସ୍ୱର୍ଗକୁ ଶିଡ଼ି ଦେଖିଥିଲେ । ପରବର୍ତ୍ତୀ ସମୟରେ ଏହାକୁ ଆୟରଲ୍ୟାଣ୍ଡକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଏହା ରାଜାମାନଙ୍କ ରାଜ୍ୟାଭିଷେକରେ ବ୍ୟବହାର ହେଉଥିଲା । ଏହାପରେ ଏହି ପଥର ସ୍କଟଲ୍ୟାଣ୍ଡ ଆସିଥିଲା । ଏହା ରାଜା ନିର୍ମାଣକାରୀ ପଥର ଭାବେ ପ୍ରସିଦ୍ଧି ଲାଭ କରିଥିଲା । ସେହିପରି ମାନ୍ୟତା ରହିଛି, ରାଜା ପଦ ପାଇଁ ଯୋଗ୍ୟ ବ୍ୟକ୍ତି ଏହି ପଥର ଉପରେ ବସିବା ଦ୍ୱାରା ଶବ୍ଦ ବାହାରିଥାଏ । ନବମ ଶତାବ୍ଦୀରେ ଏହାକୁ ସ୍କଟ୍‌ଲ୍ୟାଣ୍ଡର ସ୍କୋନ୍ ଏବେରେ ରଖାଯାଇଥିଲା । ଏହି ପଥର ସ୍କଟିଶ୍ ରାଷ୍ଟ୍ରବାଦର ପ୍ରତୀକ ଭାବେ ଜଣାଯାଏ ।

# ‘ବାରାଣସୀ’ରେ ମାଧବନ୍‌ଙ୍କ ଏଣ୍ଟ୍ରି

ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ ‘ଏସ୍‌ଏସ୍‌ଏମ୍‌ବି୨୯’କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି । ନଭେମ୍ବର ୧୫ରେ ରାଜମୌଳି ଫିଲ୍ମର ଟାଇଟଲ୍ ବିଧିବଦ୍ଧଭାବେ ‘ବାରାଣସୀ’ ବୋଲି ଘୋଷଣା କରିଛନ୍ତି । ଏଥିପାଇଁ ସେ ରାମୋଜି ଫିଲ୍ମ ସିଟିରେ ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ କରିଥିଲେ । ଏଥିରେ ଫିଲ୍ମର ପ୍ରଥମ ଝଲକ ମଧ୍ୟ ଦେଖାଯାଇଥିଲା । ଏହି ଇଭେଣ୍ଟ ପାଇଁ ପାଖାପାଖି ୨୦ କୋଟି ଖର୍ଚ୍ଚ ହୋଇଥିବା ଚର୍ଚ୍ଚା ହେଉଛି । ପୂର୍ବରୁ ଫିଲ୍ମର ବଜେଟ୍ ୧୦୦୦ କୋଟି ହେବ ବୋଲି କୁହାଯାଉଥିବାବେଳେ ଏହା ଏବେ ୧୩୦୦ କୋଟିରେ ପହଞ୍ଚିଛି । ଏଥିରେ ଲିଡ୍ ରୋଲରେ ମହେଶବାବୁ, ପୃଥ୍ୱୀରାଜ ସୁକୁମାରନ୍ ଓ ପ୍ରିୟଙ୍କା ଚୋପ୍ରା ଦେଖାଯିବେ । ମହେଶବାବୁ ଓ ପ୍ରିୟଙ୍କା ଏବେ ଏହାର ଲଗାତାର ସୁଟିଂ କରୁଛନ୍ତି । କାରଣ ରାଜମୌଳି ଏହାକୁ ୨୦୨୭ ରେ ରିଲିଜ୍ କରିବାପାଇଁ ଯୋଜନା କରିଛନ୍ତି । ସେଥିପାଇଁ ସେ ଏହାର ସୁଟିଂ ୨୦୨୬ ସୁଦ୍ଧା ସାରିବା ପାଇଁ ଯୋଜନା କରିଛନ୍ତି । ତେବେ ଏଥିରେ ମହେଶବାବୁ କେଉଁ ଚରିତ୍ରରେ ଅଭିନୟ କରୁଛନ୍ତି ସେନେଇ ଦର୍ଶକେ ଦ୍ୱନ୍ଦ୍ୱରେ ରହିଛନ୍ତି । ଅପରପକ୍ଷରେ ରାଜମୌଳିଙ୍କ ଏହି ଫିଲ୍ମରେ ହନୁମାନ ଭୂମିକାରେ ଆର୍. ମାଧବନ୍ ନଜର ଆସିବେ ବୋଲି ଏବେ ଚର୍ଚ୍ଚା ହେଉଛି । ଯଦିଓ ମେଗା ଇଭେଣ୍ଟରେ ମାଧବନ୍‌ଙ୍କୁ ନେଇ କିଛି କୁହାଯାଇ ନ ଥିଲା କିନ୍ତୁ ସମୟ ଆସିଲେ ଫିଲ୍ମ ନିର୍ମାତା ତାଙ୍କ ନାମ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ତେବେ ଫିଲ୍ମରେ ଭଗବାନ ଶିବ, ରାମ ଓ ହନୁମାନଙ୍କ ଭୂମିକା ରହିବ ବୋଲି ମେଗା ଇଭେଣ୍ଟର ଏକ କ୍ଲିପ୍‌ରେ ଦେଖାଯାଇଥିଲା ।



ଭିନ୍ନ ଜଣେ ସଙ୍ଗୀତ ପ୍ରେମୀ

# ୫ଜି ଜମାନାରେ ଟେପ୍ ରେକର୍ଡରରେ ଶୁଣନ୍ତି ଗୀତ

ପ୍ରତ୍ୟେକ ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ସଉକ ରହିଥାଏ । କିଏ ସିନେମା ଦେଖିବାକୁ ଭଲ ପାଏ ତ ଆଉ କିଏ ଡାକଟିକଟ, ମୁଦ୍ରା ଆଦି ସାଇତି ରଖିବାକୁ ପସନ୍ଦ କରନ୍ତି । ହେଲେ ଏଥିରୁ ବ୍ୟତିକ୍ରମ ରାଜସ୍ଥାନ, ବିକାନେରର ମାଞ୍ଜା ପଡ଼ି ଅଞ୍ଚଳର ୭୫ବର୍ଷୀୟ ମୋତିଲାଲ ମେହେତା । ସେ ଦୀର୍ଘ ଛଅ ଦଶନ୍ଧି ହେଲାଣି ଟେପ୍ ରେକର୍ଡରରେ ଗୀତ ଶୁଣିଆସୁଛନ୍ତି । ଫୋନ୍, ଲାପ୍‌ଟପ୍ ଯୁଗରେ ସେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟା ସମୟରେ ଏଥିରେ ପୁରୁଣା ଗୀତଗୁଡ଼ିକ ଶୁଣନ୍ତି । ସେ ପାଖାପାଖି ୫,୦୦୦ କ୍ୟାସେଟ୍ ସଂଗ୍ରହ କରି ରଖିଛନ୍ତି । ଏହା ତାଙ୍କ ପାଇଁ ସମ୍ପତ୍ତି ସଦୃଶ ବୋଲି ସେ କୁହନ୍ତି । ମୋତିଲାଲ ଗୀତ ଶୁଣିବାରେ ପାଖାପାଖି ୭ରୁ ୮ ଘଣ୍ଟା ସମୟ ବିତାଇଥାନ୍ତି । ତାଙ୍କ ପାଇଁ ପୁରୁଣା ସଙ୍ଗୀତ ଥେରାପି ସଦୃଶ । ଯଦି ସେ କେଉଁଦିନ ଗୀତ ଶୁଣି ନ ଥାନ୍ତି, ସେଦିନ ତାଙ୍କୁ ବିଚଳିତ ଲାଗେ ବୋଲି କୁହନ୍ତି । ଗୀତ ଶୁଣିବା ଅଭ୍ୟାସ ତାଙ୍କ ପାଇଁ ଔଷଧ ପରି କାମ କରିଥାଏ । ତେବେ ଟେପ୍ ରେକର୍ଡରରେ ପୁରୁଣା ଗୀତ ଶୁଣିବା ପଛରେ ଏକ ରୋଚକ କାହାଣୀ ରହିଛି । ମୋତିଲାଲଙ୍କୁ ଯେତେବେଳେ ୧୫ ବର୍ଷ ବୟସ ହୋଇଥିଲା, ସେ ଏକ ଚା' ଦୋକାନ ଚଳାଉଥିଲେ । ସେତେବେଳେ ଏକ ଟେପ୍ ରେକର୍ଡର ତାଙ୍କୁ ଭଲ ଲାଗିଥିଲା । ଏହାର ଦାମ୍ ଜାଣିବାକୁ ସେ ଚେଷ୍ଟା କରିଥିଲେ । ଟେପ୍ ରେକର୍ଡର କିଣିବା ପାଇଁ ସେ ସମର୍ଥ ନୁହଁନ୍ତି ବୋଲି କେହି ଜଣେ ତାଙ୍କୁ କହିଥିଲେ । ଏହି କଥାକୁ ଖାତିର ନ କରି ମୋତିଲାଲ ଟଙ୍କା ସଞ୍ଚୟ କରି କରି ଟେପ୍ ରେକର୍ଡର କିଣିଥିଲେ । ଏହାପର ଠାରୁ ତାଙ୍କର ଗୀତ ଶୁଣିବା ଅଭ୍ୟାସ ଚାଲିଲା । ସେ ବହୁତ ପୁରୁଣା ଗୀତର କ୍ୟାସେଟ୍ ସାଇତି ରଖିଛନ୍ତି । ପ୍ରତ୍ୟେକ କ୍ୟାସେଟ୍ ତାଙ୍କ ପାଇଁ ଏକ ସ୍ମୃତି । ଟେପ୍ ରେକର୍ଡର ଖରାପ ହୋଇଗଲେ, ସେ ତୁରନ୍ତ ଏହାକୁ ସଜାଡ଼ନ୍ତି ନଚେତ୍ ନୂଆ କିଣନ୍ତି । ଟେପ୍ ରେକର୍ଡରରେ ବାଜିଉଠୁଥିବା ଗୀତଗୁଡ଼ିକ ତାଙ୍କୁ ଯେମିତି ଜିଇଁବାର ସୁଯୋଗ ଦେଇଥାଏ । ମହମ୍ମଦ ରଫି, ଲତା ମଙ୍ଗେସକର, କିଶୋର କୁମାରଙ୍କଠାରୁ ନେଇ ମୁକେଶଙ୍କ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଗୀତ ତାଙ୍କର ମନେ ରହିଛି । ତେବେ ପିଲାଟି ଦିନରୁ ଅଭାବ ଅନଟନରେ ବଢ଼ି ଆସୁଥିବାରୁ କେବଳ ଗୀତ ତାଙ୍କୁ ଜୀବନର ମାନେ ଶିଖାଇଥିବା ମୋତିଲାଲ କୁହନ୍ତି । କୌଣସି କାରଣରୁ ଯଦି ତାଙ୍କର ମନ ଦୁଃଖ ହୋଇଯାଏ, ସେ ତୁରନ୍ତ ଟେପ୍ ରେକର୍ଡରରେ ଗୀତ ବଜାଇ ଦିଅନ୍ତି । ଆଉ ଖୁସି ଅନୁଭବ କରନ୍ତି ।





# ରାଶି ଅନୁସାରେ ରୁଦ୍ରାକ୍ଷ ଧାରଣ

ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଭଗବାନ ଶିବଙ୍କ କୃପା ପ୍ରାପ୍ତ ହୁଏ । ଏହାକୁ ଧାରଣ କରିବା ଦ୍ୱାରା ଜୀବନରେ ଦୁଃଖ ଓ ସଙ୍କଟ ଦୂର ହୋଇଥାଏ । ତା'ସହ ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ତେବେ ରୁଦ୍ରାକ୍ଷ ରାଶି ଅନୁସାରେ ଧାରଣ କରିବା ଉପରେ ଗୁରୁତ୍ୱ ଦେବା ଉଚିତ । କେଉଁ ରାଶି କେଉଁ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ, ସେ ସମ୍ପର୍କରେ ଜାଣିବା ।

ମେଷ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ । ବୃଷ ରାଶି ୬ ଏବଂ ୧୦ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଭଲ । ସେହିପରି ମିଥୁନ ରାଶି ବ୍ୟକ୍ତି ବିଶେଷ ୪ ଏବଂ ୧୧ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଶୁଭ ଫଳ ମିଳେ । କର୍କଟ ରାଶି ପାଇଁ ୪ ମୁଖୀ ଏବଂ ଗୌରୀଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଭଲ । ସେହିପରି ସିଂହ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ । କନ୍ୟା ରାଶିଙ୍କ ପାଇଁ ଗୌରିଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଅତ୍ୟନ୍ତ ଲାଭକାରୀ । ତୁଳା ରାଶି ପାଇଁ ୭ ମୁଖୀ ଏବଂ ଗଣେଶ ରୁଦ୍ରାକ୍ଷ ଶୁଭ ହୋଇଥାଏ । ବୃଷ ରାଶି ପାଇଁ ୮ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଉତ୍ତମ । ତେବେ ଧନୁ ରାଶି ପାଇଁ ୯ ଏବଂ ୧ ମୁଖୀ ରୁଦ୍ରାକ୍ଷ ଶୁଭ ହୋଇଥିବା ବେଳେ ମକର ରାଶି ପାଇଁ ୧୦ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଶୁଭ । ଅନ୍ୟପଟେ କୁମ୍ଭ ରାଶି ପାଇଁ ୭ ମୁଖୀ ଏବଂ ମୀନ ରାଶି ବ୍ୟକ୍ତିଙ୍କ ପାଇଁ ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ ।

ସେହିପରି ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ମାନସିକ ଚାପ କମ୍ ହୁଏ । ସ୍ୱାସ୍ଥ୍ୟରେ ସୁଧାର ଆସେ । ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ । ଆତ୍ମବିଶ୍ୱାସ ବଢ଼ିବା ସହିତ ଗ୍ରହଦୋଷ ଦୂର ହୁଏ । ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ସ୍ଥିରତା ଆସେ । ସୌଭାଗ୍ୟ ବୃଦ୍ଧି ପାଏ ଏବଂ ସଫଳତା ମିଳେ ।

## ସ୍ତୁତି

# ଘରେ ଶିବଲିଙ୍ଗ ରଖୁଥିଲେ...

ଅନେକ ଲୋକ ଘରେ ଶିବଲିଙ୍ଗ ରଖି ପୂଜାର୍ଚ୍ଚନା କରିଥାନ୍ତି । ତେବେ ଘରେ ଶିବଲିଙ୍ଗ ସ୍ଥାପନାକୁ ଶୁଭ ବୋଲି କୁହାଯାଇଛି । ଅବଶ୍ୟ ଘରେ ଶିବଲିଙ୍ଗ ରଖି ପୂଜା କରିବାର କିଛି ନିୟମ ଅଛି ।



- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଘରେ ଶିବଲିଙ୍ଗ ସ୍ଥାପନା କରାଯାଇପାରିବ । ହେଲେ ଶିବଲିଙ୍ଗ ପୂଜା ନିୟମ ନିଷ୍ଠା ଏବଂ ଶୁଦ୍ଧତାର ସହ କରିବା ଉଚିତ ।
- ପ୍ରତ୍ୟେକ ଦିନ ଶିବଲିଙ୍ଗର ପୂଜାର୍ଚ୍ଚନା କରିବା ଅନିବାର୍ଯ୍ୟ ।
- ସେହିପରି ଶିବଲିଙ୍ଗ ପାଖରେ ନିତିଦିନ ଭୋଗ ଲାଗି କରିବା ଉଚିତ ।
- ଶିବଲିଙ୍ଗରେ ଜଳ ଏବଂ କ୍ଷୀରରେ ଅଭିଷେକ କରିବାକୁ ହେବ ।
- ଅଭିଷେକ ପରେ ବଳକା ପାଣି ତଥା କ୍ଷୀରକୁ ଜଳରେ ପ୍ରବାହିତ କରନ୍ତୁ ।

# ରାମ ନାମ ଜପର ମହତ୍ତ୍ୱ



ରାମ ନାମ ମହିମା ଅଦ୍ୱିତୀୟ । ଏହା କେବଳ ଆଧ୍ୟାତ୍ମିକ ସମସ୍ୟାର ସମାଧାନ କରି ନ ଥାଏ, ବରଂ ଜୀବନରେ ସୁଖ, ଶାନ୍ତି ଏବଂ ସଫଳତାରେ ଭରି ଦିଏ । ଧର୍ମଗ୍ରନ୍ଥ ଅନୁସାରେ, ରାମ ନାମ ଜପ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ । ରାମ ନାମ ଉଚ୍ଚାରଣରେ ମନ ଶାନ୍ତ ହୁଏ ।

କଳିଯୁଗରେ ରାମ ନାମକୁ ସଞ୍ଜିବନୀ ବୋଲି କୁହାଯାଇଛି । ରାମ ନାମର ନିୟମିତ ଜପରେ ଜୀବନରୁ ବଡ଼ ବଡ଼ ସଙ୍କଟ ଦୂର ହୁଏ ଏବଂ କଠିନ ସମସ୍ୟାର ସମାଧାନ କରିବା ସହଜ । ସେହିପରି ବିବାହରେ କୌଣସି ସମସ୍ୟା ସାମ୍ନା କରୁଥିଲେ, ରାମ ନାମ ଅଦ୍ଭୁତ ପରିଣାମ ଦିଏ । 'ରମାପତି' ନାମ ଜପ ଏବଂ ମାତା ସୀତାଙ୍କ ଧ୍ୟାନ କରିବା ଦ୍ୱାରା ବିବାହ ସମସ୍ୟା ଶୀଘ୍ର ଦୂର ହୁଏ ବୋଲି ବିଶ୍ୱାସ କରାଯାଏ । ସନ୍ତାନ ପ୍ରାପ୍ତିରେ ସମସ୍ୟା ଥିଲେ ୧୦୮ ଥର ରାମନାମ ଜପ ଦ୍ୱାରା ସନ୍ତାନ ସମ୍ବନ୍ଧି ଦୋଷ ସମାପ୍ତ ହେଉଥିବା ବି ବିଶ୍ୱାସ ଅଛି । ବିଜ୍ଞାନ ଅନୁସାରେ, ରାମନାମ ଜପ ଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ପ୍ରତିକ୍ରିୟା ଆସେ । ଅନ୍ୟପଟେ ରାମନାମ ନିୟମିତ ଜପ ଦ୍ୱାରା ଐଶ୍ୱର୍ଯ୍ୟ ଏବଂ ଧନଧାନ୍ୟ ପ୍ରାପ୍ତ ହୁଏ । ଏହାବାଦ୍ ଶିକ୍ଷା ଏବଂ କ୍ୟାରିୟରରେ ଆସୁଥିବା ବାଧାକୁ ଦୂର କରିବା ଲାଗି ରାମନାମ ଜପ ଅତ୍ୟନ୍ତ ପ୍ରଭାବୀ ।


# ଲେମ୍ବୁ ଗଛ ଲଗାଇବା ଶୁଭ ନା ଅଶୁଭ

ଘରେ ଗଛ ଲଗାଇବା ତଥା ଛୋଟମୋଟ ବଗିଚା କରିବା ସାଧାରଣ କଥା । ହେଲେ ଘରେ କେଉଁ ଗଛ ଲଗାଇବା ଦରକାର ସେ, ସମ୍ପର୍କରେ ଜାଣିବା ଜରୁରି । ତେବେ ଲେମ୍ବୁ ଗଛ ଘରେ ଲଗାଇବା ଶୁଭ କି ଅଶୁଭ, ତାହାକୁ ନେଇ ବାସ୍ତୁଶାସ୍ତ୍ରରେ କ'ଣ ନିୟମ ଅଛି, ସେ ସମ୍ପର୍କରେ ଜାଣିବା ।



- ବାସ୍ତୁ ଶାସ୍ତ୍ର ଅନୁସାରେ, ଲେମ୍ବୁ ଗଛକୁ ଘରର ମୁଖ୍ୟ ଦ୍ୱାର ତଥା ଘର ଭିତରେ ଲଗାଇବା ଅନୁଚିତ । ଲେମ୍ବୁ ଗଛରେ କଣ୍ଟା ଥିବାରୁ ଏହା ନକାରାତ୍ମକ ଶକ୍ତି ସଞ୍ଚାର କରେ । ଏହାକୁ ଘର ସାମ୍ନାରେ ଲଗାଇଲେ ମାନସିକ ଅଶାନ୍ତି ଏବଂ ଧନହାନି ହୋଇଥାଏ ।
- ଘରର ଉତ୍ତର-ପୂର୍ବ କୋଣରେ ଲେମ୍ବୁ ଗଛ ଲଗାଇବା ଶୁଭ ।
- ଲେମ୍ବୁ ଗଛକୁ ଘର ବଗିଚାର ଦକ୍ଷିଣ- ପୂର୍ବ ଦିଗରେ ଲଗାଇବା ଉଚିତ । ଏହା ଦ୍ୱାରା ଆର୍ଥିକ ସ୍ଥିତି ଭଲ ରହେ ।
- ଲେମ୍ବୁ ଗଛକୁ ଘରର ବାଲକୋନି ତଥା ସୂର୍ଯ୍ୟାଲୋକ ପଡୁଥିବା ସ୍ଥାନରେ ରଖନ୍ତୁ । ଦକ୍ଷିଣ-ପୂର୍ବ ଦିଗରେ ଏହାକୁ ରଖିବା ଦ୍ୱାରା ବ୍ୟବସାୟରେ ଲାଭ ଏବଂ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହୁଏ ।

## ସ୍ଥଗିତ ରହିଲା ମନ୍ଧାନାଙ୍କ ବିବାହ



ମୁମ୍ବଇ, ୨୩।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଚ୍ଛଲଙ୍କ ମଧ୍ୟରେ ରବିବାର ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ସ୍ଥଗିତ ରଖାଯାଇଛି। ଦୁଃଖଦାୟକ ପାରିବାରିକ ଜରୁରୀକାଳୀନ ପରିସ୍ଥିତି ଯୋଗୁ ବିବାହ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ହୋଇଛି। ରବିବାର ସକାଳେ ମନ୍ଧାନାଙ୍କ ପିତା ଶ୍ରୀନିବାସ ଜଳଖିଆ କରୁଥିବାବେଳେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ହୃଦଘାତର ଶିକାର ହୋଇଥିବା ଜଣାପଡ଼ିଛି। ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଛି। ଶ୍ରୀନିବାସ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବିବାହକୁ ସ୍ଥଗିତ ରଖିବାକୁ ମନ୍ଧାନା ନିଷ୍ପତ୍ତି ନେଇଥିବା ତାଙ୍କ ମ୍ୟାନେଜର ତୁହିନ ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୯ ବର୍ଷୀୟା ମନ୍ଧାନାଙ୍କ ନିଜ ଘରୋଇ ସହର ମହାରାଷ୍ଟ୍ରର ସାଙ୍ଗଲିରେ ରବିବାର ବିବାହ କରିଥାନ୍ତେ। ବିବାହ ପୂର୍ବରୀତିନୀତି ଅନୁଯାୟୀ ମନ୍ଧାନାଙ୍କ ଘରେ ହଳଦୀ ଓ ମେହେନ୍ଦୀ ଉତ୍ସବ ବହୁତ ଧୁମଧାମରେ ପାଳନ କରାଯାଇଥିଲା। ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଦଳର ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ।

## ଶ୍ୱେତାଙ୍କ ହାତ ଧରିଲେ ଅମୀୟ



ତାରକା ଧାବକ ଅମୀୟ ମଲ୍ଲିକ ଓ ଫିଜିଓଥେରାପିଷ୍ଟ ଶ୍ୱେତା ଭେଙ୍କଟ ଅଭିଲିଙ୍କ ବିବାହ ମୁମ୍ବଇରେ ଅନୁଷ୍ଠିତ ହୋଇଯାଇଛି।

### ଦ୍ୱିତୀୟ ଟେଷ୍ଟ: ୱିକେଟ୍ ପାଇଁ ଭାରତୀୟ ବୋଲରଙ୍କ ସଂଘର୍ଷ

# ମୁଥୁସାମୀଙ୍କ ଶତକରେ ଦ.ଆଫ୍ରିକା ସ୍ଥିତି ଦୃଢ଼

ଗୌହାଟୀ, ୨୩।୧୧ (ଏଜେନ୍ସି)



ସ୍ଥାନୀୟ ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଭାରତ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଭାରତୀୟ ବଂଶୋଦ୍ଭବ ଖେଳାଳି ସେନୁରାନ ମୁଥୁସାମୀଙ୍କ ପ୍ରଥମ ଟେଷ୍ଟ ଶତକ ଓ ନଂ-୯ ବ୍ୟାଟର୍ ମାର୍କୋ ଜାନସେନଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୬.୧ ଓଭରରେ କୌଣସି ୱିକେଟ୍ ନ ହରାଇ ୯ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ୭ ଓ ଲୋକେଶ ରାହୁଲ ୨ ରନ କରି ଅପରାଜିତ ରହିଛନ୍ତି।

**ନୟାନ୍ତ କଲେ ମୁଥୁସାମୀ-ଜାନସେନ**


ପୂର୍ବଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୨୪୭/୬ରୁ ରବିବାର ସକାଳେ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶୀଘ୍ର ଅଲ୍‌ଆଉଟ୍ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବ୍ୟାଟିଂକ୍ରମର ୭ମ, ୮ମ ଓ ୯ମ ସ୍ଥାନ ବ୍ୟାଟର୍ ମୁଥୁସାମୀ, କାଏଲ ଭେରେନ୍ନୀ ଓ ଜାନସେନ ଭାରତୀୟ ବୋଲରଙ୍କୁ ନୟାନ୍ତ କରିଥିଲେ। ଏହି ୩ଜଣ ଉପଯୋଗୀ ପାଳି ଖେଳିବାରୁ ଦକ୍ଷିଣ ଆଫ୍ରିକା ୧୫୧.୧ ଓଭରରେ ୪୮୯ ରନର ବିଶାଳ ସ୍କୋର ଠିଆ କରାଇପାରିଥିଲା। ମୁଥୁସାମୀ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ସହ ୨୦୬ ବଲରୁ ୧୦୯ ରନ କରିଥିଲେ। ଏହି ପାଳିରେ ସେ ୧୦ଟି ଚୌକା ଓ ୨ଟି ଛକା ମାରିଥିଲେ। ସପ୍ତମ ୱିକେଟ୍‌ରେ ମୁଥୁସାମୀ ଓ ଭେରେନ୍ନୀ (୪୫ ରନ) ଯୋଡ଼ି ୮୮ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ମୁଥୁସାମୀ ଓ ଜାନସେନ ୮ମ ୱିକେଟ୍‌ରେ ୯୭ ରନ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୪୦୦ ଅତିକ୍ରମ କରିଥିଲା। ମୁଥୁସାମୀଙ୍କୁ ଆଉଟ୍ କରି ମହମ୍ମଦ ସିରାଜ ଭାରତକୁ ବଡ଼ ଆଶ୍ୱସ୍ତି ଦେଇଥିଲେ। ତେବେ ଜାନସେନଙ୍କ ଇନିଂସ ହିଁ ଦକ୍ଷିଣ ଆଫ୍ରିକାକୁ ୫୦୦ ରନ ନିକଟତର କରିଥିଲା। ଶେଷ ବ୍ୟାଟର୍ ଭାବେ ଆଉଟ୍ ହୋଇଥିବା ୬ ଫୁଟ୍ ୭.୫ ଇଞ୍ଚ ଲମ୍ବର ଏହି ବାମହାତୀ ବ୍ୟାଟର୍ ୭ଟି ଛକା ଓ ୬ଟି ଚୌକା ବଳରେ ୯୧ ବଲରେ ୯୩ ରନର ଦ୍ରୁତ ଇନିଂସ ଖେଳିଥିଲେ। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ବଲରେ ବୋଲ୍ଡ ହୋଇ ଜାନସେନ ଅଳ୍ପକେ ପ୍ରଥମ ଟେଷ୍ଟ ଶତକରୁ ବଞ୍ଚିତ ହୋଇଥିଲେ।

ଭାରତୀୟ ବୋଲରମାନେ ଦକ୍ଷିଣ ଆଫ୍ରିକାର ବଳକା ୪ଟି ୱିକେଟ୍ ପାଇଁ ଆଜି ପାଖାପାଖି ୭୦ ଓଭର ବୋଲିଂ କରିଥିଲେ। କୁଲଦୀପ୍ ୧୧୫ ରନ ବ୍ୟୟରେ ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ। ଯଶପ୍ରୀତ୍ ବୁମରା, ସିରାଜ ଓ ରବୀନ୍ଦ୍ର ଜାଡେଜା ମିଳିତ ଭାବେ ଅନ୍ୟ ୬ଟି ୱିକେଟ୍ ବାଣ୍ଟିନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦ.ଆଫ୍ରିକା ପ୍ରଥମ ଇନିଂସ**: ୪୮୯/୧୦, ୧୫୧.୧ ଓଭର (ମୁଥୁସାମୀ- ୧୦୯, ଜାନସେନ- ୯୩, ଷ୍ଟବ୍ସ- ୪୯, ଭେରେନ୍ନୀ- ୪୫, କେଶମ ମହାରାପ- ଅପରାଜିତ ୧୨, କୁଲଦୀପ୍- ୪/୧୧୫, ବୁମରା- ୨/୭୫, ଜାଡେଜା- ୨/୯୪, ସିରାଜ- ୨/୧୦୬)।
**ଭାରତ ପ୍ରଥମ ଇନିଂସ**: ୯/୦, ୬.୧ ଓଭର (ଜୟସ୍ୱାଲ- ଅପରାଜିତ- ୬, ରାହୁଲ- ଅପରାଜିତ- ୨)।

## ସିଜନର ପ୍ରଥମ ଟାଇଟଲ୍ ଜିତିଲେ ଲକ୍ଷ୍ୟ



ସିଡ୍‌ନୀ, ୨୩।୧୧ (ଏଜେନ୍ସି): ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ସିଜନରେ ତାଙ୍କର ପ୍ରଥମ ଟାଇଟଲ୍ ବିଜୟୀ ହୋଇଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଲକ୍ଷ୍ୟ ୨୧-୧୫, ୨୧-୧୧ ସିଧାସଳଖ ଗେମରେ ଜାପାନର ୟୁଶି ତାନାକାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ୩୮ ମିନିଟ୍ ସମୟ ଲାଗିଥିଲା। ୨୪ ବର୍ଷୀୟ ଲକ୍ଷ୍ୟଙ୍କ କ୍ୟାରିୟରର ଏହା ୬ଷ୍ଠ ଟାଇଟଲ୍ ଥିଲା। ଏଥିପୂର୍ବରୁ ଶେଷଥର ଲାଗି ସେ ଗତ ଡିସେମ୍ବରରେ ସୟଦ ମୋଦି ଇଣ୍ଟରନ୍ୟାସନାଲରେ ଟ୍ରଫି ଜିତିଥିଲେ। ୨୦୨୫ରେ ଲକ୍ଷ୍ୟ ହଂକଂ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଚଳିତ ବର୍ଷ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିବାରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଆୟୁଷ ସେଟ୍ଟୀ ଗତ ଜୁନରେ ୟୁଏସ୍ ଓପନ୍ ସୁପର୍-୩୦୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ।

## କୋଚ୍ ସୁବ୍ରତଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ



ଭୁବନେଶ୍ୱର, ୨୩।୧୧ (ସମିସ): ସ୍ଥାନୀୟ ପଟିଆ ସ୍ଥିତ ୬ପକେଟ୍ କ୍ଲବରେ ଚାଲିଥିବା ୩୧ତମ ନିଖିଳ ଓଡ଼ିଶା ସିନିଅର ବିଲିଆର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୬-୩ (୧୦୦-୦୮, ୧୪-୫୬, ୫୩-୫୯, ୬୯-୨୫, ୩୪-୬୫, ୫୯-୩୫, ୧୧୧-୦୦, ୪୩-୩୧, ୪୪-୩୧) ରେ ନିଜ ଗୁରୁ ତଥା କୋଚ୍ ସୁବ୍ରତ ଦାସଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହ ଆଶୁତୋଷ ଏପର୍ଯ୍ୟନ୍ତ ୫ଟି ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସୁବ୍ରତ ମଧ୍ୟ ୫ଟି ସିନିଅର ସ୍ନୁକର ଟାଇଟଲ ଜିତିଛନ୍ତି। ଚାମ୍ପିଅନ ଆଶୁତୋଷଙ୍କୁ ୨୦ ଓ ରନର୍ସଅପ୍ ସୁବ୍ରତଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ଆଶୁତୋଷ ସିନିଅର ବିଲିଆର୍ଡ୍ସରେ ଚାମ୍ପିଅନ ହୋଇ ୧୦ ଓ ସୁବ୍ରତ ରନର୍ସଅପ ହୋଇ ୫ ହଜାର ଟଙ୍କା ପୁରସ୍କାର ଜିତିଥିଲେ।

## ଗିଲ୍‌ଙ୍କ ଅନୁପସ୍ଥିତିରେ ରାହୁଲଙ୍କୁ ନେତୃତ୍ୱ

ମୁମ୍ବଇ, ୨୩।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ଶୁବମନ ଗିଲ୍ ଆହତ ଯୋଗୁ ଏହି ସିରିଜରେ ଖେଳିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଅଭିଜ୍ଞ ୱିକେଟ୍‌ରକ୍ଷକ ବ୍ୟାଟର୍ ଲୋକେଶ ରାହୁଲଙ୍କୁ କାମଚଳା ଅଧିନାୟକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ତିଲକ ବର୍ମା, ଋଷଭ ପନ୍ତ, ରବୀନ୍ଦ୍ର ଜାଡେଜା ଓ ଋତୁରାଜ ଗାଏକ୍ୱାଡଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ପନ୍ତ ଉପ-ଅଧିନାୟକ ଭାର ସମ୍ଭାଳିବେ। ଗାଏକୱାଡ ୨ ବର୍ଷ ପରେ ଦିନିକିଆ ଦଳକୁ ଫେରିଛନ୍ତି। ତେବେ ଅଷ୍ଟ୍ରେଲିଆ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦୁଇ ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆର ପ୍ରଥମ ମ୍ୟାଚ୍ ନଭେମ୍ବର ୩୦ରେ ରାଞ୍ଚିରେ ଖେଳାଯିବ। ଏହାପରେ ଡିସେମ୍ବର ୩ ଓ ୬ରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ରାୟପୁର ଓ ବିଶାଖାପାଟନାରେ ଅନୁଷ୍ଠିତ ହେବ।

**ଭାରତୀୟ ଦିନିକିଆ ଦଳ**

ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା, ଲୋକେଶ ରାହୁଲ (ଅଧିନାୟକ), ଋଷଭ ପନ୍ତ (ଉପ-ଅଧିନାୟକ/ୱିକେଟକିପର), ଧ୍ରୁବ ଜୁରେଲ (ୱିକେଟ୍‌କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍ୱାଡ, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

### ୧୦ମ ରାଜ୍ୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଉଦ୍‌ଯାପିତ

## ବରଗଡ଼କୁ ହରାଇ କୋରାପୁଟ ଚାମ୍ପିଅନ



ଭୁବନେଶ୍ୱର/ଯାଜପୁର, ୨୩।୧୧ (ସମିସ): ଧର୍ମଶାଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋରାପୁଟ ଦୃଷ୍ଟିହୀନ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ କୋରାପୁଟ ୧୩୩ ରନରେ ବରଗଡ଼ର ରାଇଜିଂ ଷ୍ଟାର୍ କ୍ଲବକୁ ପରାସ୍ତ କରିଥିଲା। ସୁଖରାମ ମାଝୀଙ୍କ ୮୩ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୨୦ ଓଭରରେ ୩ ୱିକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ବରଗଡ଼ ୧୫ ଓଭରରେ ୫୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁଖରାମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, 'ସକ୍ଷମ ଓଡ଼ିଶା'ର ମନସ୍ୱିତା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସମାରୋହକୁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ ପରିଚାଳନା କରିଥିଲେ। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଗତ ୫ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା।

## ସଂକ୍ଷେପରେ...

**ଇପୋ**: ମାଲେସିଆରେ ରବିବାରଠାରୁ ଆରମ୍ଭ ହୋଇଥିବା ୩୧ତମ ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଛି।

**ନାରଙ୍ଗ-କଳିକେଶ ମୁକାବିଲା**
ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ ସଭାପତି ପଦ ଲାଗି ଅଲିମ୍ପିକ ପଦକ ବିଜେତା ଗଗନ ନାରଙ୍ଗ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନର ସଭାପତି ତଥା ବିଜେଡିର ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂ ଦେଓଙ୍କ ସହ ତାଙ୍କର ମୁକାବିଲା ହେବ। ଡିସେମ୍ବର ୪ରେ ନିର୍ବାଚନ ହେବ।

**ତାରିକଙ୍କ ହ୍ୟାଟ୍ରିକ୍**
ପାକିସ୍ତାନର ୪ର୍ଥ ବୋଲର ଭାବେ ଉସମାନ ତାରିକ ଟି-୨୦ରେ ହ୍ୟାଟ୍ରିକ ୱିକେଟ୍ ନେଇଛନ୍ତି। ତ୍ରି-ରାଷ୍ଟ୍ରୀୟ ସିରିଜର ଜିମ୍ବାୱେ ବିପକ୍ଷ ମ୍ୟାଚରେ ସେ ଏହି ସଫଳତା ପାଇଛନ୍ତି।



## ଗଣ୍ଡରପୁର ଜିତିଲା ଶରଣକୁଳ କପ୍

ଶରଣକୁଳ, ୨୩।୧୧ (ସମିସ)

ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୪ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗଣ୍ଡରପୁର ଫୁଟ୍‌ବଲ କ୍ଲବ (ଭୁବନେଶ୍ୱର) ଟାଇ ବ୍ରେକର ରେ ୫ -୪ ଗୋଲରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ(ବରଗଡ଼)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା।

ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲ୍ଲାପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ମନସୁର ବକ୍ସ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଡିଆରୀ ଅତିଥି ରୂପେ ଯୋଗଦେଇ ଚାମ୍ପିଅନ ଗଣ୍ଡପୁର ଦଳକୁ ୩୦ ହଜାର ଅର୍ଥ ରାଶି ସହିତ ଟ୍ରଫି ଓ ପରାଜିତ ବରଗଡ଼ ଦଳକୁ ନଗଦ ୨୦ ହଜାର ଅର୍ଥ ସହିତ ଟ୍ରଫି ପ୍ରଦାନ କରିଥିଲେ। ଗଣ୍ଡରପୁର ଅସୀମ ଟୁଡୁ ଓ ବରଗଡ଼ ଦଳର ସୁଶୀଲ ପଡିଆରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ପ୍ରିୟବ୍ରତ ବାହିନୀପତି, ଜଗନ୍ନାଥ ପରିଡା ଓ ପ୍ରସନ୍ନ ନାୟକ ଲାଇନରେ ସହାୟତା କରିଥିଲେ। ଉପସଭାପତି ବିକ୍ରମ ଦାଶ ଅତିଥି ପରିଚୟ ଓ ସମ୍ପାଦକ ରବିନ୍ଦ୍ର ବିବରଣୀ ପାଠ କରିଥିଲେ। କୃଷ୍ଣ ଚନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ବରାଡ, ମନୋରଞ୍ଜନ ଦାଶ, ରମେଶ ଚନ୍ଦ୍ର ବରାଡ, ପ୍ରମୋଦ ଦାଶ, ଅଖିଳ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS